R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୨
ତିଥି : ତୃତୀୟା
୦୪ ଫେବୃଆରୀ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 122
04 February 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ମା' ତାରା ତାରିଣୀଙ୍କ ପୀଠରୁ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ

## ଝିଅମାନେ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ : ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, ୦୩।୦୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସାଧାରଣ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜବୁତ କରିବା ପାଇଁ ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ ଅବସରରେ କହିଛନ୍ତି । ଆଜି ମା' ତାରା ତାରିଣୀଙ୍କ ପୀଠରେ ଏହି ଯୋଜନାର ଶୁଭାରମ୍ଭ କରାଯାଇ ୨୦୧ ଜଣ କନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହି ବିବାହ ମଣ୍ଡପରେ କର୍ତ୍ତା ଭାବେ ହୋମ କୁଣ୍ଡରେ ଆହୁତି ପ୍ରଦାନ କରି ନବ ଦମ୍ପତିଙ୍କୁ ଆଶୀର୍ବାଦ



କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଏପରି ଏକ ଓଡିଶା ଗଢିବା ଯେଉଁଠି କୌଣସି କନ୍ୟା ଆର୍ଥିକ ଦୁର୍ବଳତା କିମ୍ବା ସାମାଜିକ ଚାପ ହେତୁ ବିବାହର ପ୍ରାପ୍ତ ବୟସ ପୂର୍ବରୁ ବିବାହ କରିବାକୁ ବାଧ ହେବେ ନାହିଁ । ଆହୁରି ମଧ୍ୟ ଏହି ଯୋଜନା ସମାଜକୁ ଏକ ନୂତନ ବାର୍ତ୍ତା ଦେବ ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ହେଉଛନ୍ତି ଭଗବାନଙ୍କ ଆଶୀର୍ବାଦ । ସୂଚନାଯୋଗ୍ୟ ଯେ, ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଙ୍ଗଳିକ ଯୋଜନାରେ ସାମିଲ୍ ହେବା ପାଇଁ କନ୍ୟାର ବୟସ ୧୮ରୁ ୩୫ ବର୍ଷ ଏବଂ ବରର ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ । ଏହି ଯୋଜନାରେ ଯୋଗ୍ୟ କନ୍ୟାଙ୍କୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି ।୪୫ (୯ ପୃଷ୍ଠାରେ)

### ଫକୀର ମୋହନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି

## ପରିବର୍ତ୍ତନର ଗୁରୁଦାୟିତ୍ୱ ବିଶ୍ୱବିଦ୍ୟାଳୟ ଉପରେ : ଦ୍ରୌପଦୀ ମୁର୍ମୁ

ବାଲେଶ୍ୱର, ୦୩।୦୨ (ସବ୍ୟୁ) : ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରର ୧୨ତମ ସମାବର୍ତ୍ତନ ସମାରୋହ ଆଜି ବିଶ୍ୱବିଦ୍ୟାଳୟ ପରିସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଅତ୍ୟନ୍ତ ଗମ୍ଭୀରତା ଓ ଗରିମା ସହ ଆୟୋଜିତ ହୋଇଛି । ରାଷ୍ଟ୍ରପତି ମଧ୍ୟାହ୍ନ ୧୨.୧୦ ମିନିଟ୍‌ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଭିତରସ୍ଥ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ । ତାଙ୍କୁ ଓଡ଼ିଶାର ରାଜ୍ୟପାଳ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳାଧିପତି ହରିବାବୁ କମ୍ଭମପାଟି, ଡିଆଇଜି ପିନାକ ମିଶ୍ର, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧୀକ୍ଷକ ପତ୍ୟୁଷ ଦିବାକର ସ୍ୱାଗତ କରିଥିଲେ ।




ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟ ସାମ୍ନାରେ ଥିବା ଫକୀର ମୋହନଙ୍କ ପ୍ରତିମୂର୍ତ୍ତିଠାରେ ପୁଷ୍ପାଞ୍ଜଳି ଦେଲା ପରେ ନୂତନ ନିର୍ମିତ ଅଡିଟୋରିୟମ୍‌ର ଉଦ୍‌ଘାଟନ କରିବା ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମା ଉନ୍ମୋଚନ କରିଥିଲେ । ସେଠାରେ ତାଙ୍କୁ ଉପକୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିବର୍ଗ ସ୍ୱାଗତ କରିଥିଲେ । ସମାବର୍ତ୍ତନ ଅଭିଭାଷଣରେ ରାଷ୍ଟ୍ରପତି ଫକୀର ମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ଓ କନ୍ୟା ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ । (୯ ପୃଷ୍ଠାରେ)

### ହ୍ୱାଟ୍ସଆପ୍‌କୁ ସୁପ୍ରିମ୍‌କୋର୍ଟଙ୍କ ଚେତାବନୀ

## ସମ୍ବିଧାନକୁ ମାନ, ନହେଲେ ଦେଶ ଛାଡ

ନୂଆଦିଲ୍ଲୀ, ୦୩।୦୨ : ହ୍ୱାଟ୍ସଆପ୍ ନୀତିକୁ ନେଇ ସୁପ୍ରିମ୍‌କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ୟବହାରକାରୀଙ୍କ ଗୋପନୀୟତା ସହ ଖେଳିପାରିବ ନାହିଁ ବୋଲି କଡା ଭାଷାରେ ଉଲ୍ଲେଖ କରିଛନ୍ତି । ସୁପ୍ରିମ୍‌କୋର୍ଟ ଚେତାବନୀ ଦେଇଛନ୍ତି ଯେ ଯଦି ସୁରକ୍ଷା ନୀତିକୁ ଗ୍ରହଣ ନ କରିବ ତେବେ ଭାରତ ଛାଡ଼ିଦିଅ । ଆମ ସମ୍ବିଧାନକୁ ଅନୁସରଣ କର । ଏହା ଭାରତରେ ବ୍ୟବହାରକାରୀଙ୍କ ଗୋପନୀୟତାର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ । ସୁପ୍ରିମ୍‌କୋର୍ଟଙ୍କ ଏଭଳି ମନ୍ତବ୍ୟ ପରେ ହ୍ୱାଟ୍ସଆପ୍ ଭାରତ ଛାଡ଼ିବ କି ନାହିଁ ସେ



ସମ୍ପର୍କରେ ସ୍ପଷ୍ଟ ସୂଚନା ଜଣାପଡ଼ିନାହିଁ ।

୨୦୨୧ର ହ୍ୱାଟ୍ସଆପ୍‌ର ଏକ ନୀତିକୁ ନେଇ କୋର୍ଟ ଶୁଣାଣି କରିଥିଲେ । ପୂର୍ବରୁ କମ୍ପାନୀ ଆଇନ୍ ଟ୍ରିବ୍ୟୁନାଲ ହ୍ୱାଟ୍ସଆପ୍ ଉପରେ ଲାଗିଥିବା ୨୧୩ କୋଟିର ଜରିମାନାକୁ କାଏମ ରଖିଥିଲେ । କୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସେଟର ଜେନେରାଲ ମେଟାର ଡାଟା ସେୟାରିଂକୁ ନେଇ କଟାକ୍ଷ ମଧ୍ୟ କରିଥିଲେ । ସୁପ୍ରିମ୍‌କୋର୍ଟ ପଚାରିଛନ୍ତି ଯେ ମେଟା ଅନେକ ନୀତି କରୁଛି । ଯାହା ରାସ୍ତା କଡରେ ଦେଇଥିବା ଦୋକାନ ଓ ତାମିଲ କହୁଥିବା ଜଣେ ଗରିବ ମହିଳା କିଭଳି ବୁଝିବ । ଏହି ନୀତି ସମ୍ପର୍କରେ ଜାଣିବାକୁ କୋର୍ଟ ପାଇଁ ମଧ୍ୟ ଅନେକ ସମୟରେ (୯ ପୃଷ୍ଠରେ)

**ନାଗରିକଙ୍କ ଗୋପନୀୟତା ସହ ସାଲିସ କରାଯିବନି**

## ସଚିବଙ୍କୁ ମୁଖ୍ୟ ସଚିବଙ୍କ ପରାମର୍ଶ

ଭୁବନେଶ୍ୱର, ୦୩।୦୨ (ସବ୍ୟୁ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯାଇ ସେସବୁର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ

## ଓଡ଼ିଶା ଭିଜନ ଆଭିମୁଖ୍ୟରେ ଆଗାମୀ ବଜେଟ୍ ପ୍ରସ୍ତୁତ କର



ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ୍ ଅନୁମୋଦନ ଅନୁସାରେ ଗତ ୨୦୨୬ ଜାନୁଆରୀ ୩୧ ତାରିଖ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ବିଭିନ୍ନ କ୍ଷେତ୍ରୱାରୀ ଖର୍ଚ୍ଚ ସମୀକ୍ଷା କରାଯାଇଥିଲା । କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ, ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତ ବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ବୃଦ୍ଧି ପାଇଥିବା ବୈଠକରୁ ଜଣାଯାଇଛି । ଅଧିକ ବ୍ୟୟବରାଦ ହୋଇଥିବା ବିଭିନ୍ନ ବିଭାଗ ସହିତ ଅନ୍ୟ ସମସ୍ତ ବିଭାଗର ଖର୍ଚ୍ଚ ସମୀକ୍ଷା ହୋଇଥିଲା । ଚଳିତ ଆର୍ଥିକ ବର୍ଷ ସରିବାକୁ ୨ ମାସ ଥିବାରୁ ଏହା ଭିତରେ କାର୍ଯ୍ୟ ତ୍ୱରାନ୍ୱିତ କରି ଖର୍ଚ୍ଚ ବୃଦ୍ଧି କରିବାକୁ ଏବଂ ରାଜସ୍ୱ ସଂଗ୍ରହ ସହିତ ସଂପୃକ୍ତ ବିଭାଗମାନଙ୍କୁ ଧାର୍ଯ୍ୟ ଅନୁସାରେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଏବଂ ପରାମର୍ଶ ଦିଆଯାଇଛି ।

ଶିଳ୍ପ, କ୍ରୀଡା, ବିଜ୍ଞାନ ଓ କାରିଗରୀ, ହସ୍ତତନ୍ତ ଓ ବୟନଶିଳ୍ପ, ପର୍ଯ୍ୟଟନ, ଇଲୋକଟ୍ରୋନିକ ଓ ଆଇଟି, ଏମଏସଏମଇ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଆଦି (୯ ପୃଷ୍ଠାରେ)

## ତଲାବିରା କୋଇଲା ଖଣି ଦୁର୍ନୀତିର ସିବିଆଇ ତଦନ୍ତ

ସମ୍ବଲପୁର, ୦୩।୦୨ (ସବ୍ୟୁ): ସମ୍ବଲପୁର ଜିଲ୍ଲା ତଲାବିରା- ୧ କୋଇଲା ଖନନ ଦୁର୍ନୀତି ଅଭିଯୋଗର ସିବିଆଇ ତଦନ୍ତ ଆରମ୍ଭ ହୋଇଛି । ଦିଲ୍ଲୀରୁ ଆସିଥିବା ୨ଜଣିଆ ସିବିଆଇ ଟିମ ଖ୍ଣ୍ଡା ପହଁଚି ତଦନ୍ତ ଆରମ୍ଭ କରିଛନ୍ତି । ପୂର୍ବରୁ ନୋଟିସ ହୋଇଥିବା ଅଞ୍ଚଳର ୧୯ ଜଣଙ୍କୁ ଖ୍ଣ୍ଡା ପଂଚାୟତ କାର୍ଯ୍ୟାଳୟରେ ସିବିଆଇ ପକ୍ଷରୁ ଜେରା କରାଯାଇଥିଲା । ଏଥିସହ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ୧୯୯୪ ମସିହା ଫେବୃଆରୀରେ ଇଣ୍ଡଲ ତଥା ବର୍ତ୍ତମାନର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିକୁ ତଲାବିରା-୧ କୋଇଲା ଖଣି ଆବଣ୍ଟନ କରାଯାଇଥିଲା । ଯେତିକି କୋଇଲା ଖନନ ପାଇଁ ଅନୁମତି ମିଳିଥିଲା, ତା'ଠାରୁ ବହୁ ଅଧିକ ପରିମାଣର କୋଇଲା ଖନନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି କୋଇଲା ଖଣି ଇ ଭେଲି ଅଞ୍ଚଳରେ ଥିବାବେଳେ ଏହା ଅତି ପ୍ରଦୂଷିତ ଅଞ୍ଚଳ ବୋଲି ସମ୍ପ୍ରସାରଣ ପାଇଁ ୨୦୧୦ ଜନ ଅଭିଯୋଗ ଶୁଣାଣିରେ ଗ୍ରାମବାସୀମାନେ ବିରୋଧ କରିଥିଲେ । ଜମି, ଜଳ ଓ ଜଙ୍ଗଲ ସହ ହୀରାକୁଦ ବନ୍ଧ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଅଭିଯୋଗ ମଧ୍ୟ କରିଥିଲେ । ଫଳରେ ଏହି ଅଞ୍ଚଳରେ କମ୍ପାନୀର ଜନ ଶୁଣାଣି ବନ୍ଦ ହୋଇଥିଲା । ପରବର୍ତ୍ତୀ ସମୟରେ ରେଙ୍ଗାଲିରେ ଏହି ଶୁଣାଣି କରାଯାଇଥିଲା । (୯ ପୃଷ୍ଠାରେ)

## ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜେଲ୍

ଭୁବନେଶ୍ୱର, ୦୩।୦୨ (ସବ୍ୟୁ) : ଭୁବନେଶ୍ୱର ରେଳ ଷ୍ଟେସନରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିବା ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦୁଇବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ । ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ କୁହାଯାଇଛି । ଅନାଦେୟ ହେଲେ ଅଧିକ ୩ ମାସ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ହେବ ।

ଜେଲ୍ ଦଣ୍ଡାଦେଶ ପାଇଥିବା ବାଂଲାଦେଶୀମାନେ ହେଲେ ଏମ୍‌ଡି ହାସିମ୍ (୪୬), ସାଜିବ ଖାନ୍ (୨୪), ଆଲାମ୍ ସାଇକା (୪୧), ଏମ୍‌ଡି ଆଜିମ୍ (୪୦), ଦିଲାରା ଶେଖ୍ (୪୫), ଏମ୍‌ଡି ଶାହା (୩୬), କରିମା ବେଗମ (୨୫), ମୋନିଜା ବେଗମ୍ (୩୦) ଓ ଶାହାନା ବେଗମ୍ (୪୫) । ଏମାନଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ଦଣ୍ଡାଦେଶ ହୋଇଛି । ଏହି ଅନୁପ୍ରବେଶକାରୀଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ପରେ ୨୦୨୫ ମେ' ୫ ତାରିଖରେ ଚାର୍ଜସିଟ୍ କରାଯାଇଥିଲା ।

ଗିରଫ ହେବା ପରେ ଏମାନେ ପାସ୍‌ପୋର୍ଟ, ଭିସା ଓ ଅନ୍ୟାନ୍ୟ କୌଣସି କାଗଜପତ୍ର ଦେଖାଇ ପାରିନଥିଲେ । କାରଣ ଦଲାଲଙ୍କ ମାଧ୍ୟମରେ ସେମାନେ ସୀମା ପାର୍ ହୋଇ ଓଡ଼ିଶା ଆସିଥିଲେ । କେବଳ ଭିସା, ପାସ୍‌ପୋର୍ଟ ନୁହେଁ ଯାତ୍ରା କରିବାର କୌଣସି କାଗଜପତ୍ର ଦେଖାଇ ପାରିନଥିଲେ । ସେମାନେ ଆସାମର ଜଙ୍ଗଲ ଅଞ୍ଚଳ ଦେଇ ରାତିରେ ଅନୁପ୍ରବେଶ କରିବା ପରେ ଓଡ଼ିଶା ଆସିଥିଲେ । ୬ଜଣ ସାକ୍ଷୀ ଓ ୧୪ଟି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ନେଇ କୋର୍ଟ ଏହି ରାୟ ଶୁଣାଇଛନ୍ତି ।




### ନରଭାଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ଲୋକସଭାରେ ହଙ୍ଗାମା

## ବାଚସ୍ପତିଙ୍କ ଆସନକୁ କାଗଜ ଫିଙ୍ଗି ୮ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ, ୦୩।୦୨ : ପୂର୍ବତନ ସେନା ମୁଖ୍ୟ ଜେନେରାଲ ଏମ୍‌ଏମ୍ ନରଭାଣେଙ୍କ ଅପ୍ରକାଶିତ ଆତ୍ମଜୀବନୀ ପୁସ୍ତକର କିଛି ଅଂଶକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ପୁଣି ଲୋକସଭାରେ ଉପସ୍ଥାପନ କରି ନିଜର ବକ୍ତବ୍ୟ ରଖିବାକୁ ଚାହୁଁଥିବାବେଳେ ତାଙ୍କୁ ଅନୁମତି ଦିଆଯାଇନଥିଲା । ଗୃହରେ ଅଧ୍ୟକ୍ଷତା କରୁଥିବା କ୍ରିଷ୍ଣା ପ୍ରସାଦ ଟେଣ୍ଟି ରାହୁଲଙ୍କ ଭାଷଣ ଉପରେ ବାରମ୍ବାର ହସ୍ତକ୍ଷେପ କରି ଏହା ନ କହିବାକୁ କହିବା ସହ କେବଳ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ରୁଲିଂ ଓ ନିୟମ ଆଧାରରେ ରାହୁଲଙ୍କୁ କହିବାକୁ ସୁଯୋଗ ନ ଦେବାରୁ ବିରୋଧୀ



ଓ ସରକାରୀ ସଦସ୍ୟଙ୍କ ମଧ୍ୟରେ ବେଶ୍ କିଛି ସମୟ କଥା କଟାକଟି ହୋଇଥିଲା । ପରିସ୍ଥିତି ଲାଗି ଗୃହକୁ ମୁଲତବୀ ମଧ୍ୟ କରାଯାଇଥିଲା । ତେବେ ଉତ୍‌କ୍ଷିପ୍ତ କଂଗ୍ରେସ ସାଂସଦମାନେ ଟେବୁଲ ଉପରେ ଛିଡାହୋଇ ବାଚସ୍ପତିଙ୍କ ଆସନ ଆଡକୁ କାଗଜ ଫିଙ୍ଗିଥିବା ଦେଖିବାକୁ ମିଳିଥିଲା । ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜ୍‌ଜୁଙ୍କ ସୁପାରିଶ ଆଧାରରେ ୮ ସାଂସଦଙ୍କୁ ଚଳିତ ଅଧିବେଶନ ପର୍ଯ୍ୟନ୍ତ ନିଲମ୍ବିତ କରାଯାଇଛି । ନିଲମ୍ବିତ ସାଂସଦମାନେ ହେଲେ ଡିନ୍ କୁରିୟାକୋସ୍, କିରଣ ରେଡ୍ଡି, ଅମରିନ୍ଦରସିଂହ ରାଜା

**ରାହୁଲଙ୍କ ଭାଷଣକୁ ବାରଣ କରିବାରୁ ପରିସ୍ଥିତି ଉପୁଜିଲା**

ୱାଡିଂ, ମଣିକମ୍ ଟାଗୋର, ଗୁରଜିତ୍ ଔଜଲା, ହିବି ଡିଡେନ୍, ପ୍ରଶାନ୍ତ ପାଡୋଲେ, ଏସ୍ ଭେଙ୍କଟେସନ୍ । ନିଲମ୍ବିତ ନିଷ୍ପତ୍ତି ପ୍ରତିବାଦରେ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ସାଂସଦମାନେ (୯ ପୃଷ୍ଠାରେ)


# ବିଶ୍ୱ କର୍କଟ ଦିବସ

ପ୍ରତିବର୍ଷ ଫେବୃଆରୀ ୪ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଇଥାଏ ବିଶ୍ୱ କର୍କଟ ଦିବସ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କର୍କଟ ରୋଗ ବିଷୟରେ ଜନସଚେତନତା ସୃଷ୍ଟି କରିବା ଏବଂ ଏହାର ପ୍ରତିରୋଧ, ଚିହ୍ନଟ ତଥା ଚିକିତ୍ସା ପାଇଁ ଲୋକଙ୍କୁ ଶିକ୍ଷିତ କରିବା । ଏହି ଦିବସର ଇତିହାସ ବେଶ୍ ଗୁରୁତ୍ୱପୂର୍ଣ୍ଣ; ଏହା ପ୍ରଥମ କରି ୨୦୦୦ ମସିହାରେ ପ୍ୟାରିସଠାରେ ଅନୁଷ୍ଠିତ "ବିଶ୍ୱ କର୍କଟ ସମ୍ମିଳନୀ"ରେ ଆରମ୍ଭ କରାଯାଇଥିଲା । ଏହି ସମ୍ମିଳନୀରେ "ଚାର୍ଟର ଅଫ୍ ପ୍ୟାରିସ" ସ୍ୱାକ୍ଷରିତ ହୋଇଥିଲା, ଯାହାର ଲକ୍ଷ୍ୟ ଥିଲା କର୍କଟ ରୋଗ ବିରୋଧରେ ବିଶ୍ୱସ୍ତରୀୟ ଲଢ଼େଇକୁ ଜୋରଦାର କରିବା ଏବଂ ରୋଗୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା। ଏହି ଦିବସ ପାଳନ ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସ୍ୱାସ୍ଥ୍ୟ ଶିବିର, ଏବଂ ସେମିନାରମାନ କରାଯାଇ କର୍କଟ ରୋଗର କାରଣ ଯଥା-ତମାଖୁ ସେବନ, ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପ୍ରଦୂଷଣ ବିଷୟରେ ଲୋକଙ୍କୁ ବୁଝାଯାଏ।




# ଉତ୍କଳ ଗୌରବ ମଧୁସୂଦନ ଦାସ

ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଶା ଇତିହାସର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ତଥା ଆଧୁନିକ ଓଡ଼ିଶାର ନିର୍ମାତା, ଯିଏ ନିଜର ସମଗ୍ର ଜୀବନ ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଉନ୍ନତି ପାଇଁ ଉତ୍ସର୍ଗ କରିଥିଲେ। ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକର ସତ୍ୟଭାମାପୁରଠାରେ ଜନ୍ମଗ୍ରହଣ କରିଥିବା ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ସ୍ନାତକ ଏବଂ ବାରିଷ୍ଟର, ଯାହାଙ୍କ ଶିକ୍ଷାଗତ ସଫଳତା ସେ ସମୟର ଓଡ଼ିଆମାନଙ୍କ ପାଇଁ ଏକ ବଡ଼ ପ୍ରେରଣା ଥିଲା । ସେହି ସମୟରେ ବିଭିନ୍ନ ପ୍ରଶାସନିକ ଶାସନରେ ବିଭକ୍ତ ହୋଇ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରି କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ପାଇଁ ସେ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠା କରିଥିଲେ। ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ନିରନ୍ତର ସଂଗ୍ରାମ ଯୋଗୁଁ ହିଁ ୧୯୩୬ ମସିହାରେ ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ଜଣେ ବରିଷ୍ଠ ଆଇନଜୀବୀ ହେବା ସହ ସେ ଓଡ଼ିଶାର ଶିଳ୍ପାୟନ ପାଇଁ 'ଉତ୍କଳ ଟ୍ୟାନେରି' ଓ 'ଓଡ଼ିଶା ଆର୍ଟ ଓୟାର' ଭଳି ଅନୁଷ୍ଠାନ ଗଢ଼ି ସ୍ଥାନୀୟ କାରିଗରଙ୍କୁ ବିଶ୍ୱସ୍ତରୀୟ ପରିଚୟ ଦେଇଥିଲେ । ନିଜର ସମସ୍ତ ସମ୍ପତ୍ତି ଓଡ଼ିଆ ଜାତିର ହିତ ପାଇଁ ଖର୍ଚ୍ଚ କରି ଶେଷରେ ସେ ଦେବାଳିଆ ହୋଇଯାଇଥିଲେ ମଧ୍ୟ ନୈତିକତାରୁ କେବେ ବିଚ୍ୟୁତ ହୋଇନଥିଲେ । ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ତାଙ୍କର ପରଲୋକ ହୋଇଥିଲା, କିନ୍ତୁ ଜଣେ ମହାନ୍ ସମାଜ ସଂସ୍କାରକ, ଶିଳ୍ପୋଦ୍ୟୋଗୀ ଏବଂ ଓଡ଼ିଆ ଅସ୍ମିତାର ରକ୍ଷକ ଭାବେ ସେ ଚିରସ୍ମରଣୀୟ ହୋଇ ରହିବେ ।



ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

## ସୋସିଆଲ କୋଟ୍ସ



ମୋର ଓ ପବିତ୍ରାଙ୍କ ସମ୍ପର୍କ ଧର୍ମ କାରଣରୁ ଭାଙ୍ଗି ନାହିଁ । ଏହା ସମ୍ପୂର୍ଣ୍ଣଭାବେ ବ୍ୟକ୍ତିଗତ କାରଣରୁ ଭାଙ୍ଗିଥିଲା । ତେଣୁ ଏଭଳି ମିଛ ଦୟାକରି ପ୍ରଚାର କରନ୍ତୁ ନାହିଁ ।

**ଏଜାଜ ଖାନ, ଅଭିନେତା**



ଫିଲ୍ମଟି ଖୁବ ଭଲ ହେବ ବୋଲି ଆଶା । ଟିମ ଖୁବ ପରିଶ୍ରମ କରୁଛି । ସେହିଭଳି ରାମ ଚରିତ୍ର ପାଇଁ ରଣବୀର କପୁର ପୁରା ଫିଟ ।

**ଅରୁଣ ଗୋଭିଲ, ଅଭିନେତା**



ମୁଁ କିଛି ଭୁଲ କରି ନାହିଁ । ବିଗତ ୨୨ ବର୍ଷ ହେଲା ମୋ ପାଖେ ଲାଇସେନ୍ସ ଥିବା ହତିଆର ରହିଛି । ହେଲେ ମୁଁ କେବେ ବି ନିୟମ ଭାଙ୍ଗି ନାହିଁ ।

**କେଆରକେ , ଫିଲ୍ମ ସମୀକ୍ଷକ**

# ଗଣ ବିଲୁପ୍ତିର କାହାଣୀ



ନିକଟରେ ଚାଇନାର ହୁନାନ ପ୍ରଦେଶର ଏକ ପଥର ଖାଦାନରୁ ୫୧୨ ନିୟୁତ ବର୍ଷ ପୁରୁଣା ଅତି ବିରଳ ଜୀବାଶ୍ମର କିଛି ଅଂଶ ଆବିଷ୍କାର କରାଯାଇଛି । ଯାହାକୁ 'ହୁଆୟୁଆନ୍ ବାୟୋଟା' ନାମରେ ନାମିତ କରାଯାଇଛି। ୨୦୨୧ ରୁ ୨୦୨୪ ମଧ୍ୟରେ କରାଯାଇଥିବା ବିଭିନ୍ନ କ୍ଷେତ୍ର ଅନୁସନ୍ଧାନରୁ ମିଳିଥିବା ଏହି ଜୀବାଶ୍ମଗୁଡ଼ିକ ପୃଥିବୀର ପ୍ରାରମ୍ଭିକ ଜୀବନ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ ଉପରେ ଆଲୋକପାତ କରୁଥିବାବେଳେ ଏଥିରେ ୧୬ଟି ପ୍ରମୁଖ ପ୍ରାଣୀ ଗୋଷ୍ଠୀର ପ୍ରାୟ ୧୫୩ଟି ଭିନ୍ନ ପ୍ରଜାତି ଅନ୍ତର୍ଭୁକ୍ତ ଅଛନ୍ତି, ଯେଉଁଥିରେ ସ୍ପଞ୍ଜ, ଆର୍ଥ୍ରୋପୋଡ୍ ଏବଂ 'ରେଡିଓଡଣ୍ଟ' ଭଳି ଅତି ଶକ୍ତିଶାଳୀ ପରଭକ୍ଷୀ ଜୀବଙ୍କ ଅବଶେଷ ରହିଛି। ବିଶେଷ କଥା ହେଉଛି ଯେ ଏହି ପ୍ରଜାତିଗୁଡ଼ିକ ମଧ୍ୟରୁ ୯୦ଟି ସମ୍ପୂର୍ଣ୍ଣ ନୂଆ ଏବଂ ପୂର୍ବରୁ କେବେ ବିଜ୍ଞାନ ଦ୍ୱାରା ଚିହ୍ନଟ ହୋଇନଥିଲେ । ଏହି ଆବିଷ୍କାର ଜରିଆରେ ଗବେଷକମାନେ ପ୍ରମାଣ କରିଛନ୍ତି ଯେ ପ୍ରାୟ ୫୧୩.୫ ନିୟୁତ ବର୍ଷ ପୂର୍ବେ ସମୁଦ୍ରରେ ଅମ୍ଳଜାନ ସ୍ତର ହ୍ରାସ ପାଇବା ଯୋଗୁଁ ଘଟିଥିବା 'ସିନ୍ସକ୍ ଇଭେଣ୍ଟ' ନାମକ ଏକ ବଡ଼ ଗଣ-ବିଲୁପ୍ତି ପରେ ମଧ୍ୟ ଜୀବନ କିପରି ସଂଘର୍ଷ କରି ବଞ୍ଚି ରହିଥିଲା ଏବଂ ସେତେବେଳେ କିପରି ଏକ ଜଟିଳ ତଥା ସୁସଂଗଠିତ ଖାଦ୍ୟ ଶୃଙ୍ଖଳା ଗଠନ ହୋଇଥିଲା।

# ରଶ୍ମିକାଙ୍କ ସ୍ପଷ୍ଟୀକରଣ

ସୋସିଆଲ ମିଡିଆରେ ସାଉଥ ସୁପରଷ୍ଟାର୍ ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡାଙ୍କ ବିବାହକୁ ନେଇ ଏକ ବଡ଼ ଖବର ଭାଇରାଲ୍ ହେବାରେ ଲାଗିଛି। ଫେବୃଆରୀ ୨ ତାରିଖରେ ଉଦୟପୁରର ସିଟି ପ୍ୟାଲେସରେ ଏହି ଯୋଡ଼ି ବିବାହ କରିଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ବିଶେଷ କରି ଇନଷ୍ଟାଗ୍ରାମରେ ଏକ ଭିଡିଓ ଭାଇରାଲ୍ ହୋଇଥିଲା, ଯେଉଁଥିରେ ପ୍ୟାଲେସର ଭବ୍ୟ ସାଜସଜା ଦେଖାଇ ଦାବି କରାଯାଇଥିଲା ଯେ ଏହା ରଶ୍ମିକା ଏବଂ ବିଜୟଙ୍କ ବିବାହ ପାଇଁ ପ୍ରସ୍ତୁତି ଚାଲିଛି । ତେବେ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିଜେ ଏହି ଗୁଜବକୁ ଖଣ୍ଡନ କରିଛନ୍ତି। ବଲିଉଡ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ରଶ୍ମିକା କହିଛନ୍ତି ଯେ ବିବାହ ନେଇ ବର୍ତ୍ତମାନ କୌଣସି ଯୋଜନା ନାହିଁ ଏବଂ ଗଣମାଧ୍ୟମରେ ପ୍ରସାରିତ ଏହି ଖବର ସମ୍ପୂର୍ଣ୍ଣ ଭୁଲ। ସେହିପରି ତାଙ୍କ ଟିମ୍ ପକ୍ଷରୁ ମଧ୍ୟ କୁହାଯାଇଛି ଯେ ବ୍ୟକ୍ତିଗତ ଜୀବନ ବିଷୟରେ କୌଣସି ଆଧିକାରିକ ସୂଚନା ବିନା ଏପରି ଚର୍ଚ୍ଚା କରିବା ଅନୁଚିତ। ଯଦିଓ ଫେବୃଆରୀ ୨ର ବିବାହ ଖବର ମିଛ ବୋଲି ପ୍ରମାଣିତ ହୋଇଛି, ହେଲେ ପୁଣି ଏକ ନୂଆ ତାରିଖ ଅର୍ଥାତ ୨୬ ଫେବୃଆରୀ ୨୦୨୬କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । କୁହାଯାଉଛି ଯେ ଏହା ଏକ ପ୍ରାଇଭେଟ୍ ଡେଷ୍ଟିନେସନ ୱେଡିଂ ହେବ ଏବଂ ପରେ ହାଇଦ୍ରାବାଦରେ ଏକ ବଡ଼ ରିସେପ୍ସନ୍ ପାର୍ଟି ଦିଆଯିବ। ତଥାପି, ଏହି ନୂତନ ତାରିଖକୁ ନେଇ ଉଭୟ କଳାକାର କିମ୍ବା ସେମାନଙ୍କ ପିଆର୍ ଟିମ୍ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବୟାନ ଆସିନାହିଁ।



## ଇତିହାସ

**ଚୌରି-ଚୌରା ଦିବସ**

୧୬୨୮: ଆଗ୍ରାରେ "ମୋଗଲ ବାଦ୍‌ଶାହ'ର ମୁକୁଟ ପିନ୍ଧିଲେ ଶାହଜହାଁ ।

୧୮୯୫: ଆମେରିକାର ଚିକାଗୋରେ ପ୍ରଥମ ରୋଲିଂ ଲିଫ୍ଟ ପୋଲର ଉଦ୍‌ଘାଟନ ।

୧୯୨୨: ଶାସ୍ତ୍ରୀୟ ସଂଗୀତ ଗାୟକ ତଥା ଭାରତରତ୍ନ ପଣ୍ଡିତ ଭୀମସେନ ଯୋଶୀଙ୍କ ଜନ୍ମ ।

୧୯୩୨: ନ୍ୟୁୟର୍କର ଲେକ୍ ପ୍ଲେସିଡ୍‌ରେ ତୃତୀୟ ଶୀତକାଳୀନ ଅଲିମ୍ପିକ୍ସର ଆୟୋଜନ ।

୧୯୭୪: ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକରଙ୍କ ଜନ୍ମ ।

୧୯୭୬: ଗ୍ୱାଟେମାଲା ଭୂକମ୍ପରେ ୨୩ ହଜାର ମୃତ, ୭୫ ହଜାର ଲୋକ ଆହତ ।

୧୯୯୦: କେରଳର ଏର୍ନାକୁଲମ ଜିଲ୍ଲା ଦେଶର "ପୂର୍ଣ୍ଣ ସାକ୍ଷର ଜିଲ୍ଲା' ଘୋଷିତ ।

୧୯୯୬: ଦକ୍ଷିଣ-ପଶ୍ଚିମ ନେପାଳରେ ଅବସ୍ଥିତ ଲୁମ୍ବିନୀଠାରେ ମହାବୋଧିଦ୍ରୁମର ଚିହ୍ନଟ ।

୧୯୯୮: ଇଟାଲୀର କଲମ୍ବିୟାରେ ଭୟଙ୍କର ଭୂକମ୍ପରେ ୫୦ ହଜାର ଲୋକଙ୍କ ମୃତ୍ୟୁ ।

୨୦୦୧: କ୍ରିକେଟର ପଙ୍କଜ ରାୟଙ୍କ ନିଧନ ।

୨୦୦୨: ସୁପ୍ରସିଦ୍ଧ ସିନେ ଅଭିନେତା ତଥା ନିର୍ମାତା ଭଗବାନ ଦାଦାଙ୍କ ପରଲୋକ ।

୨୦୦୪: ଦୁନିଆର ସବୁଠୁ ବଡ଼ ସୋସିଆଲ ନେଟ୍‌ୱର୍କ ପ୍ଲାଟ୍‌ଫର୍ମ "ଫେସ୍‌ବୁକ୍'ର ଶୁଭାରମ୍ଭ ।

# ଏକାଠି ଦେଖାଗଲେ ୪ ଚନ୍ଦ୍ର !



ରୁଷ ଆକାଶରେ ପ୍ରଥମଥର ପାଇଁ ଏକାଠି ୪ଟି ଚନ୍ଦ୍ର ଆକାଶରେ ଦେଖିବାକୁ ମିଳିଛନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଆକାଶରେ ଗୋଟିଏ ଅସଲ ଚନ୍ଦ୍ର ସହ ତାର ପାଖରେ ଆହୁରି ତିନୋଟି ଚନ୍ଦ୍ର ଦେଖିବାକୁ ମିଳିଛି । ତେବେ ଏହି ଘଟଣାଟି ଏକ ବିରଳ ଜ୍ୟୋତିର୍ବିଜ୍ଞାନଗତ ତ୍ରୁଟି, ଯାହାକୁ ପେରାସେଲିନ କୁହାଯାଇଥାଏ । ଥଣ୍ଡାଦିନେ ଆକାଶରେ ବରଫର ବହୁତ ଛୋଟଛୋଟ କଣିକା ରହିଥାଆନ୍ତି। ଚନ୍ଦ୍ରର କିରଣ ଏହି ବରଫରେ ମାଡ ହୋଇ ବିଚ୍ଛୁରିତ ହୋଇଥାଆନ୍ତି। ଯାହାଫଳରେ ଏଗୁଡ଼ିକ ଆଉଏକ ଚନ୍ଦ୍ର ପରି ଭ୍ରମ ସୃଷ୍ଟି କରନ୍ତି । ଠିକ ଏହି ଘଟଣା ରୁସରେ ଆକାଶରେ ଘଟିଛି, ଯାହା କ୍ୟାମେରାରେ ଲେନ୍ସରେ ଆକାଶରେ ୪ଟି ଚନ୍ଦ୍ର ଭଳି ଦେଖିବାକୁ ମିଳୁଛି ।

## ୪ ବର୍ଷରେ କୋଟିପତି

ଇଂଲଣ୍ଡରେ ୪ ବର୍ଷର ଏକ ଶିଶୁ କୋଟିପତି ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଜଣେ ଶିଶୁକୁ ଖେଳୁଥିବା ସମୟରେ ମାଟିତଳୁ ଏକ ସୁନା ଖଣ୍ଡ ମିଳିଥିଲା। ତେବେ ଏହି ଖଣ୍ଡର ଦାମ ୩୬ କୋଟି ବୋଲି ଜଣା ପଡିଛି। ଶିଶୁଟି ମେଟାଲ ଡିଟେକ୍ଟର ସହାୟତାରେ ଖେଳୁଥିବା ସମୟରେ ମାଟିତଳୁ କିଛି ଧାତୁ ମିଳିଥିଲା । ଏହି ଧାତୁ ଭିତରେ ଗୋଟିଏ ସୁନାର ଲକେଟ ରହିଥିଲା ଯାହା ୫୦୦ ବର୍ଷ ପୁରୁଣା। ଯାଞ୍ଚ ପରେ ଏହା ଶୁଦ୍ଧ ସୁନାରୁ ନିର୍ମାଣ ହୋଇଥିବା ଜଣା ପଡିଥିଲା। ତେବେ ସେଠିକାର ନିୟମ ଅନୁସାରେ ଏହି ଲକେଟଟିକୁ ପରିବାର ପ୍ରଶାସନ ପାଖରେ ଯମା କରିଥିଲା, ଯାହା ବ୍ରିଟିଶ ମ୍ୟୁଜିୟମରେ ରଖା ଯାଇଥିଲା । ହେଲେ ପରିବାରକୁ ଏହାକୁ ଖୋଜିବା ପାଇଁ ପ୍ରଶାସନ ପକ୍ଷରୁ ୩୬ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଯାହା ଏହି ଶିଶୁକୁ ପ୍ରଦାନ କରାଯାଇଥିବା ଜଣା ପଡିଛି। ତେବେ ସୋସିଆଲ ମିଡିଆରେ ଘଟଣାଟି ଖୁବ ଭାଇରାଲ ହେବାରେ ଲାଗିଛି ।



**ମେଷ-** ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟରେ ଲାଭ, ଶତ୍ରୁ ସମସ୍ୟା, ଉଚ୍ଚଆଶାରେ ବିଫଳ, ଆକସ୍ମିକ ଧନଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମା ବଗଳାମୁଖୀ।

**ବୃଷ-** ବ୍ୟୟ ବୃଦ୍ଧି, ଗୃହେ ଉତ୍ସବ, ଲୋକସମ୍ପର୍କ ବୃଦ୍ଧି, ଋଣ କରିବେ, ସୁମିଷ୍ଟ ଭୋଜନ, ନୂତନ ବ୍ୟବସାୟ, କର୍ମକ୍ଷେତ୍ରେ ଉନ୍ନତି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ।

**ମିଥୁନ-** ଦ୍ରବ୍ୟଲାଭ, ସମ୍ମାନ ବୃଦ୍ଧି, ଶରୀର ସୁସ୍ଥ, ଗୃହ ସମସ୍ୟା, ବିବାଦ ସମାଧାନ, ଆଶା ସଫଳ, ବ୍ୟବସାୟରେ ଉନ୍ନତି, ତୀର୍ଥାଟନ, ଆର୍ଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ବିଷ୍ଣୁ ଭଗବାନ।

**କର୍କଟ-** ମାନସିକ ଅସ୍ଥିରତା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ସମସ୍ୟା, ଆଶା ବିଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ସମସ୍ୟା, ଆଶା ବିଫଳ, ଯାନବାହନେ ସମସ୍ୟା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କପି, ସଂଖ୍ୟା-୨, ଆରାଧନା- ଲକ୍ଷ୍ମୀନାରାୟଣ।

**ସିଂହ-** ସହଯୋଗ ବୃଦ୍ଧି, ଗୃହେ ସମସ୍ୟା, ତୀର୍ଥାଟନ, ନୂତନ ବ୍ୟବସାୟ, ଶତ୍ରୁ ପରାଜିତ, ଭୂସମ୍ପତ୍ତି ଲାଭ, ସୁସମାଚାର, ଅର୍ଥପ୍ରାପ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା- କନକଲକ୍ଷ୍ମୀ।

**କନ୍ୟା-** ଅର୍ଥ ବ୍ୟୟ, ନୂତନ ନିଯୁକ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ପରିଭ୍ରମଣ ଯୋଗ, ଆଶା ସଫଳ, ଅଯଥା ବ୍ୟୟ, ଶତ୍ରୁ ସମସ୍ୟା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ନୃସିଂହ ଭଗବାନ।

**ତୁଳା-** ଧନଲାଭ, ଆଶାପୂର୍ତ୍ତି ବ୍ୟବସାୟରେ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ପରାଜିତ, ସନ୍ତାନ ଖୁସି, ସ୍ୱାସ୍ଥ୍ୟ ସଙ୍କଟ, ସ୍ୱାତି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୧, ଆରାଧନା-ଶଙ୍କର ଭଗବାନ।

**ବିଛା-** ମାନସିକ ଶାନ୍ତି, ଦୂରଯାତ୍ରା, ବନ୍ଧୁଲାଭ, ଦେବକାର୍ଯ୍ୟ, ଅର୍ଥ ସମସ୍ୟା, ବ୍ୟବସାୟରେ ଲାଭ, ଦାମ୍ପତ୍ୟ ସୁଖ, ଆତ୍ମ ତୃପ୍ତି ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା ଭଗବତୀ।

**ଧନୁ-** ମାନସିକ ଅସ୍ଥିରତା, ଧନଖର୍ଚ୍ଚ, ସମ୍ମାନ ହାନି, ଉଚ୍ଚଆଶାରେ ବିଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କ ବୃଦ୍ଧି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ଗୁରୁଜନଙ୍କ ସେବା।

**ମକର-** ବାଦ ବିବାଦ, ଅର୍ଥଚିନ୍ତା, ସ୍ୱାସ୍ଥ୍ୟଲାଭ, ସମ୍ପତ୍ତିଲାଭ, ବ୍ୟବସାୟରେ ଉନ୍ନତି, ତୀର୍ଥାଟନ, ଶତ୍ରୁ ସମସ୍ୟା, ଜନସମ୍ପର୍କ ବୃଦ୍ଧି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା- ମା ମଙ୍ଗଳା।

**କୁମ୍ଭ-** ଅର୍ଥଲାଭ, ଦାମ୍ପତ୍ୟ ସୁଖ, ଶୁଭକାର୍ଯ୍ୟ, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ଦୂରଯାତ୍ରା, ବ୍ୟବସାୟରେ ଶତ୍ରୁତା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମା ଦକ୍ଷିଣକାଳୀ।

**ମୀନ-** ପଦୋନ୍ନତି, ଧନପ୍ରାପ୍ତି, ବିବାଦ ସମାଧାନ, ଗୃହେ ଉତ୍ସବ, ଦେବକାର୍ଯ୍ୟରେ ଖୁସି, ତୀର୍ଥାଟନ, ଶତ୍ରୁ ସମସ୍ୟା ସମାଧାନ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ।

**ଫାଲଗୁନ କୃଷ୍ଣପକ୍ଷ, ତୃତୀୟା**
**୪.୨.୨୦୨୬ ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯାଜପୁର ଗସ୍ତ

# ମା' ବିରଜାଙ୍କ ଦର୍ଶନ ସହ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ରାଷ୍ଟ୍ରପତି

ବ୍ୟାସନଗର, (ସବ୍ୟୁ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଯାଜପୁର ବିରଜା ମନ୍ଦିର ଗସ୍ତରେ ଆସିଛନ୍ତି । ସମଗ୍ର ଜିଲ୍ଲାବାସୀ ମହାମହିମ ରାଷ୍ଟ୍ରପତିଙ୍କୁ ଗସ୍ତକୁ ନେଇ ଉତ୍ସାହିତ ଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା । ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ୯.୩୦ ମିନିଟ ସମୟରେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆରେ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ହସ୍ତତନ୍ତ, ବୟନ ଶିଳ୍ପ,ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକ ଓ ବିଧାୟିକା, ଜିଲ୍ଲାପରିଷଦ ଅଧ୍ୟକ୍ଷା, ଡି.ଆଇ.ଜି ପୋଲିସଚରଣ ସିଂ ମୀନା, ଅତିରିକ୍ତ ମହାନିର୍ଦ୍ଦେଶକ ପୋଲିସ ରେଳବାଇ ଓ ଉପକୂଳ ସୁରକ୍ଷା ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକଯଶ ପ୍ରତାପ ଶ୍ରୀମାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଯାଜପୁର ମାଟିକୁ ସ୍ୱାଗତ କରିଥିଲେ।



ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ଆୟୋଜନ କରାଯାଇଥିଲା । ହେଲିପ୍ୟାଡରୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ମା' ବିରଜାଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବିରଜା ମନ୍ଦିରରେ ପହଞ୍ଚି ହସ୍ତପଦ ପ୍ରକ୍ଷାଳନ କରି ମନ୍ଦିର ପ୍ରବେଶ କରିଥିଲେ। ପ୍ରଥମେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଚାରି ଜଣ ସେବାୟତ ବ୍ରାହ୍ମଣ ନିୟୋଜିତ ଥିଲେ। ପିଣ୍ଡ ଦାନ ସରିବା ପରେ ରାଷ୍ଟ୍ରପତି ମାଆ ବିରଜାଙ୍କ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାଶ୍ୱର୍ରେ ଦେବା ଦେବୀଙ୍କ ଦର୍ଶନ କରିଥିଲେ ଏବଂ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ପରେ ନିମନ୍ତ୍ରିତ ବ୍ରହ୍ମକୁମାରୀମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ଏହା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ପ୍ରଶାସନିକ ଭବନ ହେଲିପ୍ୟାଡକୁ ଯାତ୍ରା କରିଥିଲେ ଏବଂ ଦିନ ୧୧.୪୦ ମିନିଟ ସମୟରେ ବିମାନ ଯୋଗେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ। ଏହି ଗସ୍ତ ଅବସରରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଜନସାଧାରଣ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପ ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ।

### ଉତ୍ସାହର ସହ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ସ୍ୱାଗତ କଲେ ଜିଲ୍ଲାବାସୀ

## କିନ୍ନର ଅଞ୍ଜଳି ହତ୍ୟା

# ପୋଲିସ ହାତ ଖାଲି, ସିସି କ୍ୟାମେରା ଯାଞ୍ଚ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଉତ୍ତରା ନିକଟରେ ଦୁଇଦିନ ତଳେ କିନ୍ନର ଅଞ୍ଜଳି ଓରଫ ସୋନାକୁ ଦୁର୍ବୃତ୍ତମାନେ ହତ୍ୟା କରି ଫେରାର ହୋଇଯାଇଛନ୍ତି । ପିପିଲି ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି । ପୋଲିସ ହାତ ଖାଲି ଥିବାବେଳେ ସିସି କ୍ୟାମେରା ଯାଞ୍ଚ କରି ହତ୍ୟାକାଣ୍ଡ ସମ୍ପର୍କରେ କିଛି ସୁରାକ ପାଇଥିବା କୁହାଯାଉଛି । ଘଟଣାସ୍ଥଳରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଓ ଅପରପାଶ୍ୱର୍ରେ ପୁରୀ ପର୍ଯ୍ୟନ୍ତ ଲାଗିଥିବା ସମସ୍ତ ସିସି କ୍ୟାମେରାକୁ ଯାଞ୍ଚ କରାଯାଇଛି । ଅଞ୍ଜଳିକୁ କେଉଁ କାରଣ ପାଇଁ କେଉଁମାନେ ହତ୍ୟା କଲେ ତାହା ଜାଣିବା ପାଇଁ ପୋଲିସ ତଦନ୍ତକାରୀ ଟିମ୍ ଦୁଇଦିନ ହେବ ନାକେଦମ୍ ହେଲେଣି । ଲୁଟ୍ ପାଇଁ ନା କିନ୍ନର ବିବାଦରୁ ହତ୍ୟାକାଣ୍ଡ ଘଟିଛି ସେଥିନେଇ ପୋଲିସ ଛାନ୍‌ଭିନ୍ କରୁଛି । ଏହି ଦୁଇଟି କାରଣରୁ ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ଘଟଣାସ୍ଥଳ ଭିନ୍ନ କଥା କହୁଛି । ଅଞ୍ଜଳି ଯୋଗଗୁରୁ ହୋଇଥିବାରୁ ତାଙ୍କ ଶରୀର ବହୁତ ମଜଭୁତ । ବାଲିଗଦା ପାଖ ଘଟଣାସ୍ଥଳରୁ ଜଣାଯାଇଛି ଯେ, ଦୀର୍ଘ ସମୟ ଧସ୍ତାଧସ୍ତି ହେବା ପରେ ତାଙ୍କୁ ହତ୍ୟା କରିଛନ୍ତି ଦୁଇରୁ ଅଧିକ ଲୋକ । ଘଟଣାସ୍ଥଳରୁ ପୋଲିସ ଛିଣ୍ଡା ପୋଷାକ, ମୁଣ୍ଡ ରୁଟି ଓ ଅନ୍ୟାନ୍ୟ କେତେକ ଜିନିଷ ଜବତ କରିଛି । ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି କୁହାଯାଉଥିଲେ ମଧ୍ୟ କେଉଁ କାରଣ ପାଇଁ କିଏ ଯୋଜନା କରି ହତ୍ୟା କରିଛନ୍ତି ତାହା ଗିରଫଦାରୀ ପରେ ଜଣାପଡିବ ।


**PARADIP PORT AUTHORITY**
**PARADIP-754142, ODISHA (INDIA)**
(An autonomous body under Ministry of Ports, Shipping & Waterways, Govt. of India)

No.AD/RSC-I-21-61-2022/276 Dated, the 29th Jan., 2026

**Advertisement**

Applications are invited from eligible Indian Nationals for engagement of 02nos. of **Dy. Chief Medical Officer (Specialist) (Class-I)** at Paradip Port Authority on **Direct Recruitment basis**.
For further details, visit our website: **www.paradipport.gov.in/Career.aspx.**

PPA/PR/66/2025-2026 Dt. 30.01.2026 — Sd/- Sr. Asst. Secretary, Paradip Port Authority


# ଦୁଇ ଗୋ ଚାଲାଣ ଗାଡ଼ି ଜବତ : ମାଫିଆ ଫେରାର

ଆଠଗଡ଼ (ସବ୍ୟୁ): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଚମ୍ପିଆ ଡଳଗଡ ରାସ୍ତା ର ଏକ ଜଙ୍ଗଲ ଜାଗାରେ ସୋମବାର ବିଳମ୍ବିତ ରାତିରେ ଗୋଟିଏ ଗାଡ଼ି ରେ ବେଆଇନ ଭାବରେ ଚାଲାଣ ପାଇଁ ଗୋରୁ ବୋଝେଇ ହେଉଥିବା ଖବର ପାଇ ଖୁଣ୍ଟୁଣୀ ପୋଲିସ ଚଢାଉ କରାଯାଇଥିଲା । ପୋଲିସକୁ ଦେଖି ଦୁଇ ଜଣ ମାଫିଆ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଅନ୍ୟ କିଛି ଲୋକ ଜଙ୍ଗଲ ଭିତରକୁ ପଳାଇ ଯାଇଥିବା ପୋଲିସ ଅନୁମାନ କରୁଛି । ପୋଲିସ ଚଢ଼ାଉ ସମୟରେ ଗୋରୁ ଗୁଡ଼ିକ ମଧ୍ୟ ଜଙ୍ଗଲ ଭିତରକୁ ପଳାଇ ଯାଇଥିବା କୁହାଯାଉଛି । ତେବେ ପୋଲିସ ଘଟଣାସ୍ଥଳରୁ ଗୋଟିଏ ଅଶୋକ ଲିଲାଣ୍ଡ ମିନି ଟ୍ରକ ନଂ ଓଡି -୦୫-ବିଏନ-୯୭୯୪ ଏବଂ ଗୋଟିଏ ସ୍କର୍ପିଓ ଗାଡ଼ି ନଂ ଓଡି -୦୫ ବିଭି -୭୮୬୬ କୁ ଜବତ କରିଛି । ସରକାରଙ୍କ ପକ୍ଷରୁ ଗୋଚାଲାଣ ଉପରେ କଡାକଡି ହେଉଥିବା ବେଳେ ଗୋଚାଲାଣ ମାଫିଆ ମାନେ ଏହାକୁ ଖାତିର ନକରି ସ୍ଥାନ ପରିବର୍ତ୍ତନ କରି ଗୋ ଚାଲାଣ କରୁଛନ୍ତି । ତିଗିରିଆ ଅଞ୍ଚଳରେ ଗୋ ଚାଲାଣ କମୁଥିବା ବେଳେ ଆଠଗଡ଼ ଏବଂ ଖୁଣ୍ଟୁଣୀ ଅଞ୍ଚଳରେ ଦେଖିବାକୁ ମିଳିଛି ।ଖୁଣ୍ଟୁଣୀ ଥାନା କେସ ନଂ ୩୩/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି ।


ଓଡ଼ିଶା ସରକାର



**ଉତ୍କଳଗୌରବ ମଧୁସୂଦନ ଦାସଙ୍କ**
**ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**

୪ ଫେବୃଆରୀ, ୨୦୨୬

ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ
ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୫ ଘଟିକା — ସ୍ଥାନ– ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"

ମୁଖ୍ୟ ବକ୍ତା :- **ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର**
ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'

ଅତିଥି ବକ୍ତା :- **ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ**
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର

ସମ୍ମାନନୀୟ ବକ୍ତା :- **ଡଃ ଭାରତୀ ପାଲ**
ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ

ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ ।

15001/2/2526

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR: 15001/15001/2/25-26/0002


## ନାବାଳିକା ଅସଦାଚରଣକାରୀକୁ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିପାଟଣା ଅଞ୍ଚଳରେ ଜଣେ ୯ବର୍ଷୀୟା ନାବାଳିକା ଅସଦାଚରଣକାରୀକୁ ଧାରା ୭୫ (୨) ଅନୁଯାୟୀ ୩ବର୍ଷ ଜେଲ୍ ଦଣ୍ଡାଦେଶ ନିର୍ଦ୍ଦେଶ ହେବା ସହ ପୋକ୍‌ସୋ ଧାରା ୧୦ ଅନୁଯାୟୀ ୫ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ହୋଇଛି । ପ୍ରଥମ ଦଫାରେ ୧ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ହୋଇଥିବା ବେଳେ ତାହା ଅନାଦେୟ ହେଲେ ଅଧିକ ୧ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି । ସେହିପରି ପୋକ୍‌ସୋ ଧାରାରେ ୩ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି । ଅନାଦେୟ ହେଲେ ଅଧିକ ୨ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ ଭାବେ କୁହାଯାଇଛି । ଅଭିଯୋଗକାରିଣୀ ସୋନଲତା ଭୋଇ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି । ଅଭିଯୁକ୍ତ ସାଜିଦ୍ ଖାଁ ତାଙ୍କ ଘର ପାଖରେ ଭଡାରେ ରୁହନ୍ତି । ୨୦୨୫ ମସିହା ମେ' ୩୦ ତାରିଖ ରାତି ପ୍ରାୟ ୮ଟା ସମୟରେ ଅଭିଯୋଗକାରିଣୀ ପାଖ ପଡୋଶୀଙ୍କ ଛୋଟ ଛୁଆକୁ ଟିୟୁସନ କରିସାରିବା ପରେ ତାଙ୍କ ଘରକୁ ଛାଡିବାକୁ ଯାଇଥିଲେ । ଏହି ସମୟରେ ଘରେ ତାଙ୍କର ୯ବର୍ଷ ବୟସ୍କା ନାବାଳିକା ଝିଅ ଥିଲେ । ପଡୋଶୀଙ୍କ ଘରୁ ଫେରିବା ବେଳକୁ ଘର ନିକଟସ୍ଥ ଏକ ଅନ୍ଧାରୁଆ ସ୍ଥାନରେ ଅଭିଯୁକ୍ତ ସାଜିଦ୍ ତାଙ୍କ ଝିଅକୁ ଅସଦାଚରଣ କରିଥିବା ପୀଡିତା କାନ୍ଦି କାନ୍ଦି ମା'ଙ୍କୁ କହିଥିଲେ । ଝିଅ ନିକଟରୁ ଘଟଣା ଶୁଣିବା ପରେ ସେ ବାଲିପାଟଣା ଥାନାକୁ ଯାଇ ଅଭିଯୋଗ କରିଥିଲେ ।


**HI-TECH MEDICAL COLLEGE & HOSPITAL**
**Health Park, Pandara, Rasulgarh, Bhubaneswar-751025**

# ନୋଟିସ୍

ଆପଣଙ୍କୁ ଏହି ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଛି କି, ଆପଣମାନେ ଉପରିସ୍ଥ କର୍ମଚାରୀଙ୍କୁ କିଛି ନ ଜଣାଇ ଆପଣଙ୍କ କାର୍ଯ୍ୟରେ ଅନଧିକୃତ ଅନୁପସ୍ଥିତ ଅଛନ୍ତି ଏବଂ କାର୍ଯ୍ୟରେ ବହୁତ ଅବହେଳା କରି ଅଛନ୍ତି । ଆପଣଙ୍କୁ ବାରମ୍ବାର ନୋଟିସ୍ ଦେଲା ପରେ କୌଣସି କୈଫତ ଦେଇ ନାହାଁନ୍ତି । ଅତଏବ୍, ଆପଣଙ୍କ ଏପରି ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଆପଣଙ୍କୁ ଆପଣଙ୍କ କାର୍ଯ୍ୟରୁ ଆଜିଠାରୁ ବହିଷ୍କାର କରାଗଲା ଏବଂ ଉକ୍ତ ଅନୁଷ୍ଠାନର ନାମକୁ ଅସଦୁପଯୋଗ କଲେ ଆପଣ ସଂପୂର୍ଣ୍ଣ ଦାୟୀ ରହିବେ ।

| SL NO | NAME OF THE STAFF | DESIGNATION | DATE OF ABSENT | ADRESS |
|---|---|---|---|---|
| 1 | Arundipti Pradhan | Staff Nurse | 06.11.2025 | AT: INDIRAPADIA, PO: GRESINGIA, PS: G.UDAYAGIRI,DIST : KANDHAMAL,Odisha- 762100 |
| 2 | Prangya Paramita Swain | Staff Nurse | 08.11.2025 | AT/PO - BILASPUR, PS - DELANGA, VIA - BERBOI,DIST - PURI,ODISHA-752016 |
| 3 | Anita Pradhan | Staff Nurse | 08.11.2025 | AT - GANDAPADA, PO - KANAS, PS - KANAS,DIST-PURI, 752011 |
| 4 | pranayani Behera | ANM | 06.11.2025 | AT: NUAGAN, PO: NUAGAN, PS: BASUDEVPUR,DIST : BHADRAK, Odisha-756162 |
| 5 | Priyanka Lusna Malik | ANM | 06.11.2025 | AT: BIRIPUR, PO: DENGAPADAR, VIA: GOBARA, PS: GANGAPUR, DIST -GANJAM, Odisha-761124 |
| 6 | Joyomati Gamango | Staff Nurse | 07.11.2025 | AT-PANTARADA, PS.-R.UDAYGIRI, DIST-GAJAPATI, Odisha,761214 |
| 7 | Sutapa Chaulya | Staff Nurse | 09.11.2025 | AT-PANSKURA,VILL-BHABANIPUR,PO/PS-PANSKURA,DIST-PURBA MEDINIPUR, WB-721139 |
| 8 | Priyanka Priyadarshini Sahoo | Staff Nurse | 06.11.2025 | AT - SOILONG, PO - GHASIPURA, PS - GHASIPURA, DIST - KEONJHAR,Odisha- 758015 |
| 9 | Priyadarshini Sethi | Staff Nurse | 02.11.2025 | AT: SANTHRAS, PO: DHANITRI, PS: KONARK, DIST : PURI, Odisha-752111 |
| 10 | Ritarani Patra | ANM | 11.11.2025 | AT-KALANDA, PO-BALARAMPUR, PS-BALIAPAL, DIST-BALASORE, Odisha-756024 |
| 11 | Anjulata Behera | ANM | 14.11.2025 | AT/PO-RASALPUR, VIA-DAHAMUNDA, DIST-BALESWAR, Odisha-756079 |
| 12 | Madhumita Dhal | Staff Nurse | 17.11.2025 | VILL-KULVERI, PO-ANDULIA, PS-SABANG, DIST-PASCHIM MEDINIPUR, DIST-PASCHIM MEDINIPUR, West Bengal-721144 |
| 13 | Rahul Kumar Kandi | Staff Nurse | 17.11.2025 | AT-PRAHARAJPUR, PO-OTHAKA, PS-KAKATPUR, DIST-PURI, Odisha-752108 |
| 14 | Lipsarani Dash | Staff Nurse | 11.11.2025 | AT/PO-GHOLAPUR, PS-BANKI, DIST-CUTTACK, Odisha-754029 |
| 15 | Sumitra Sethy | Staff Nurse | 17.11.2025 | AT-BISHOK, PO-JAHAGHAR, PS-DERABISH, DIST-KENDRAPARA, Odisha-754208 |
| 16 | Snigdha Mandal | Staff Nurse | 18.11.2025 | AT-RASIKPUR, PO-HARIDASPUR, PS-TAMLUK, DIST-PURBAMEDINIPUR, West Bengal-721653 |
| 17 | Soma Paira | Staff Nurse | 19.11.2025 | AT/PO - TARARUI, PS - DANTAN, DSIT PASCHIM MEDINPUR, West Bengal- 721451 |
| 18 | Manisha Pradhan | Staff Nurse | 19.11.2025 | AT- BAGOI, PO - KUJANGA, PS - KUJANGA, PIN - 754141, DIST - JAGATSINGPUR ODISHA |
| 19 | Prajna Priyadarshini Sethy | ANM | 16.11.2025 | AT - PARIANGA, PO - BALIA, PS - KUJANGA, DIST JAGATSINGPUR ODISHA-754141 |
| 20 | Amisha Nayak | Staff Nurse | 21.11.2025 | AT-KOTASIRA, PO/PS-BHANDARI POKHARI, DIST- BHADRAK, Odisha-756120 |
| 21 | Hemangini Rout | Staff Nurse | 21.11.2025 | AT/PO-SAHADA, PS-CHANDIPUR, DIST-BALASORE, Odisha-756002 |
| 22 | Kaberi Tripathy | Staff Nurse | 17.11.2025 | AT/PO/PS-SABARANG, DIST-BHADRAK, Odisha-756123 |
| 23 | Sarat Behera | Billing Executive | 06.11.2025 | At: Mangadeipur, Po: Khentalo, Via: Kishore Nagar,Dist- Cuttack, Odisha – 754131 |
| 24 | Kisan Chhotray | Bsky - Executive | 07.11.2025 | Lokanatha Road, Barabati, Nua Sahi, Dist- Puri, Odisha– 752001 |
| 25 | Kshanaprava Barik | Billing Executive Trainee | 06.11.2025 | At-Tentulia, Po-Tarago, Ps-Bhandaripokhari, Dist- Bhadrak, Odisha – 756114 |
| 26 | Suchismita Parida | Lab. Technician | 16.11.2025 | At: Chakrapada, Po: Namara, Dist- Puri, Odisha-752109 |
| 27 | Biswaranjan Das | Lab. Technician | 18.11.2025 | At/Po/Ps-Raj-Ranpur, Maninaga Sahi, Dist- Nayagarh, Odisha-752026 |
| 28 | Sasmita Das | Lab. Technician | 18.11.2025 | At: Alatalang, Po: Kulashree, Ps: Niali, Dist- Cuttack, Odisha- 754105 |
| 29 | Monalisha Chhotray | Patient Relationship Executive | 06.11.2025 | At-Santara, Po-Dala, Ps-Panikoili, Dist- Jajpur, Odisha– 755019 |

କର୍ତ୍ତୃପକ୍ଷ
ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ
ପାଣ୍ଡରା, ଭୁବନେଶ୍ୱର








ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ତାରା ତାରିଣୀ ପୀଠ ନିକଟରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କରୁଛନ୍ତି ।

# ସୁଜାତା ଆଚାର୍ଯ୍ୟଙ୍କ ଉପନ୍ୟାସ 'କେବେ ଖରା, କେବେ ଛାଇ' ଲୋକାର୍ପିତ



ଭୁବନେଶ୍ୱର, (ସବ୍ୟୁ): ଉପନ୍ୟାସ ମାଧ୍ୟମରେ ହିଁ ଜୀବନର ସୂକ୍ଷ୍ମ ଅବବୋଧ, ଘଟଣା ଚରିତ୍ର, କାଳଖଣ୍ଡ ଏବଂ ସାମାଜିକ ଚିତ୍ର ଓ ଚରିତ୍ରର ଏକ ଦୀର୍ଘସ୍ଥାୟୀ ପ୍ରଭାବ ଅନୁଭୂତ ହୋଇଥାଏ । ଉପନ୍ୟାସ ମାଧ୍ୟମରେ ଲେଖକୀୟ ଅନ୍ୱେଷଣର ଏକ ନିଖୁଣ ପ୍ରତିଛବି ତଥା ସାମାଜିକ ଘଟଣାକ୍ରମର ପ୍ରତିଫଳନ ଜୀବନ୍ୟାସ ପାଇଥାଏ ଯାହା ପାଠକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିପାରେ । ସଂପ୍ରତି ଓଡ଼ିଆ ସାହିତ୍ୟ ଉପନ୍ୟାସ ଲେଖିବା ଏବଂ ତାକୁ ପଢ଼ିବା ପାଇଁ ଆଗ୍ରହ କମି କମି ଯାଉଛି । ଏହି ସମୟରେ ସୁଜାତା ଆଚାର୍ଯ୍ୟଙ୍କ ଲିଖିତ ଉପନ୍ୟାସ 'କେବେ ଖରା, କେବେ ଛାଇ' ପାଠକମାନଙ୍କୁ ନିଶ୍ଚିତ ଭାବେ ଏକ ଭିନ୍ନ ଅନୁଭବ ଦେବ ବୋଲି ପୁସ୍ତକ ଲୋକାର୍ପଣ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଲେଖିକା ସୁଜାତା ଆଚାର୍ଯ୍ୟଙ୍କ ପ୍ରଥମ ଉପନ୍ୟାସ 'କେବେ ଖରା, କେବେ ଛାଇ' ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାକକ୍ଷରେ ଏକ ସାରସ୍ୱତ ପରିବେଶରେ ଲୋକାର୍ପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱନାମଧନ୍ୟ ସାହିତ୍ୟିକା ଡ. ଜୟନ୍ତୀ ରଥ କହିଥିଲେ ଯେ ସାହିତ୍ୟ କେବଳ ଲେଖକର ବୌଦ୍ଧିକ ଉଦ୍ଗିରଣ ନୁହେଁ ବରଂ ଏହା ମଣିଷର ସୁଖଦୁଃଖ, ଅଶ୍ରୁ, ଆନନ୍ଦ, ସଂଘର୍ଷ ସଂଘାତର ଏକ ଚଳନ୍ତି ଦସ୍ତାବିଜ୍ । ସୁଜାତାଙ୍କ ଉପନ୍ୟାସ ସୁଖପାଠୀ ଏବଂ ଏଥିରେ ବହୁ ଚରିତ୍ରର ଅବତାରଣା ମଧ୍ୟରେ ଅନେକ ନୂଆ ଏବଂ ଅଜଣା ତଥ୍ୟ ଭରିଛନ୍ତି ଲେଖିକା ଯାହା ସ୍ୱାଗତଯୋଗ୍ୟ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକା ଭାନୁମତି ସାହୁ ଓଡ଼ିଶା ସାହିତ୍ୟରେ ଉପନ୍ୟାସ ଲେଖିବାର ଧାରା ଏବଂ ଯାତ୍ରା କିଭଳି ଅବାରିତ ଜାରି ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ପୁସ୍ତକର ସମୀକ୍ଷା କରି ବିଶିଷ୍ଟ କବି ରକ୍ଷକ ନାୟକ ଲେଖିକାଙ୍କ ସାରସ୍ୱତ ଯାତ୍ରା ଆହୁରି ପ୍ରଭାବଶାଳୀ ହେଉ ବୋଲି ମତବ୍ୟକ୍ତ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରାରମ୍ଭିକ ବକ୍ତବ୍ୟ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଲେଖିକା ସୁଜାତା ଆଚାର୍ଯ୍ୟ ନିଜର ଲେଖକୀୟ ଅଭିବ୍ୟକ୍ତିରେ ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ହିଁ ତାଙ୍କୁ ଏଭଳି ପ୍ରୟାସ ପାଇଁ ପ୍ରେରଣା ଦେଇଛି ବୋଲି କହିଥିଲେ । କବି ତଥା ସଂଯୋଜିକା ଚମକ ଚାନ୍ଦିନୀ ଦାଶ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଏହି ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ, ରମାଦେବୀ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।

## କୋଟକ ସର୍ଭିସେସ୍ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ("କେଏମ୍ଏଏମ୍ସି"/ "କୋଟକ ମ୍ୟୁଚୁଆଲ ଫଣ୍ଡ") ସେବା ବିଷୟ ଅନୁସରଣର କରି ଏକ ଓପନ୍ ଏଣ୍ଡେଡ ଇକ୍ୱିଟି ସ୍କିମ୍ କୋଟକ ସର୍ଭିସେସ୍ ଫଣ୍ଡ ପ୍ରଚଳନ କରିଛି । ୪ ଫେବୃଆରୀ ୨୦୨୬ରେ ଉନ୍ମୁକ୍ତ ହେଉଥିବା ଏବଂ ୧୮ ଫେବୃଆରୀ ୨୦୨୬ରେ ବନ୍ଦ ହେଉଥିବା ଏହି ନିୟୁ ଫଣ୍ଡ ଅଫର (ଏନ୍ଏଫଓ) ଦେଶର ଜିଭିଏ (ଗ୍ରସ୍ ଭାଲ୍ୟୁ ଆଡେଡ) ରେ୫୫ ପ୍ରତିଶତ ଏବଂ ରାଷ୍ଟ୍ରର ଲୋକଶକ୍ତିର ୩୧.୫ ପ୍ରତିଶତଙ୍କୁ ନିଯୁକ୍ତି ପ୍ରଦାନ କରୁଥିବା ସେବା କ୍ଷେତ୍ର (ସର୍ଭିସ ସେକ୍ଟର) ଭଳି ସମଗ୍ର ଭାରତର ମୂଳ ଅଭିବୃଦ୍ଧି ଇଞ୍ଜିନର ସୁଯୋଗ ନେବା ନିମନ୍ତେ ପୁଞ୍ଜି ନିବେଶକମାନଙ୍କୁ ସୁଯୋଗ ପ୍ରଦାନ ନିମନ୍ତେ ସମର୍ଥ କରାଉଛି । ଉପଭୋକ୍ତା ସେବା, ଦୂରସଂଚାର, ସ୍ୱାସ୍ଥ୍ୟସେବା, ଲଜିଷ୍ଟିକ୍ସ, ଆର୍ଥିକ ସେବା, ଆଇଟି, ଶକ୍ତି ଓ ତୈଳ ଓ ଗ୍ୟାସ୍ ଭଳି ବହୁବିଧ କ୍ଷେତ୍ରରେ ଦ୍ରୁତ ପରିମାଣାତ୍ମକ ଅଭିବୃଦ୍ଧି ଘଟୁଥିବାବେଳେ ଭାରତର ସେବାକ୍ଷେତ୍ର ଅର୍ଥନୀତି ଦୀର୍ଘସୂତ୍ରୀ ପୁଞ୍ଜିନିବେଶକଙ୍କ ନିମନ୍ତେ ନିରନ୍ତର ଏକାଧିକ ସଂରଚନାଗତ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି କରିଚାଲିଛି ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା"ର ଶୁଭାରମ୍ଭ

# ମା' ଓ ଭଉଣୀଙ୍କ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା"ର ମଙ୍ଗଳବାର ଶୁଭାରମ୍ଭ କରି ୨୦୧ ଦମ୍ପତିଙ୍କ ସାମୁହିକ ବିବାହ ଅବସରରେ କନ୍ୟାଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଯୋଜନାରେ କନ୍ୟାମାନଙ୍କୁ ୬୦ ହଜାର ଟଙ୍କା ପ୍ରଦାନ କରାଯିବ । ୪୫ ହଜାର ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଂଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସଂପାଦନା ପାଇଁ ଖର୍ଚ୍ଚ ହେବ । ଯୋଜନା ଅନୁସାରେ କନ୍ୟାର ବୟସ ୧୮ ରୁ ୩୫ ବର୍ଷ ହେବା ସହ ରାଜ୍ୟର ସ୍ଥାୟୀବାସିନ୍ଦା ହୋଇଥିବା ନିହାତି ଆବଶ୍ୟକ । ଏହି ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ବଜେଟରେ ୫୯ କୋଟି ଟଙ୍କା



ମଧ୍ୟ ବ୍ୟୟବରାଦ କରାଯାଇଛି । ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ଉପରେ ବିବାହର ଆର୍ଥିକ ଭାର ଲାଘବ ହେବ । ରାଜ୍ୟର ଅଗଣିତ ମାଁ ଓ ଭଉଣୀଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ଯୌତୁକ ପ୍ରଥା ବିଲୋପ ପାଇଁ ଅଧିକ ପ୍ରୋତ୍ସାହନ ମିଳିବ । ଏଥି ସହ ରାଜ୍ୟରେ ମାଁ ଓ ଭଉଣୀଙ୍କ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା କ୍ଷେତ୍ରରେ ରାଜ୍ୟ ସରକାରାଙ୍କ ଏହି ଯୋଜନା ଏକ ବଳିଷ୍ଠ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଏଥି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସରକାରଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଚାଲାଣ ଥିଲେ ପିୟୁସି ନହେବା ମାମଲା

# ଏସ୍‌ଟିଏ କମିସନରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ,(ସବ୍ୟୁ): ଚାଲାଣ ଥିଲେ ମଧ୍ୟ ପିୟୁସି( ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍) ମିଳିପାରିବ ବୋଲି ହାଇକୋର୍ଟ ପୂର୍ବ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ । ଏହି ମର୍ମରେ ବାହାନ ପୋର୍ଟାଲରେ ଆବଶ୍ୟକ ସଂଶୋଧନ କରି ଏକ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)କୁ ନିର୍ଦ୍ଦେଶ ଦେଇଥିଲେ । ଆଜି ଏସ୍‌ଟିଏ କମିସନରଙ୍କ ପକ୍ଷରୁ ଏହି ମର୍ମରେ ଏକ ସତ୍ୟପାଠ ଦାଖଲ କରାଯାଇଛି । ଏହି ସତ୍ୟପାଠ ଦାଖଲ ପରେ ହାଇକୋର୍ଟ ମାମଲାର ଶୁଣାଣି ଆସନ୍ତା ସପ୍ତାହକୁ ଧାର୍ଯ୍ୟ କରିଛନ୍ତି । ଭୁବନେଶ୍ୱରର ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି ।

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଥିଲା । ଯେଉଁଥିରେ କୁହାଯାଇଥିଲା କି' ଯେଉଁମାନଙ୍କର ପିୟୁସି ସାର୍ଟିଫିକେଟ୍ ନଥିବ ସେମାନଙ୍କୁ ତେଲ ଟାଙ୍କିରେ ପେଟ୍ରୋଲ କିମ୍ବା ଡିଜେଲ୍ ମିଳିପାରିବ ନାହିଁ । ଏଥିସହ ଯେଉଁମାନଙ୍କର ଗାଡ଼ି ଉପରେ ଜରିମାନା ଥିବ ସେମାନେ ଜରିମାନା ପରିଶୋଧ କରିବା ପରେ ଯାଇ ପିୟୁସି ପାଇପାରିବେ । ଏହାକୁ ବିରୋଧ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ଶୁଣାଣିରେ ପରିବହନ ବିଭାଗ ଜବାବ ରଖି ଏହି ପିୟୁସି ପାଇଁ ପେଟ୍ରୋଲ ମନା ସଂକ୍ରାନ୍ତ ଚିଠିକୁ ପ୍ରତ୍ୟାହାର କରି ନିଆଯାଇଥିବା ଦର୍ଶାଇଥିଲେ । କିନ୍ତୁ ଜରିମାନା ପାଇଁ ପିୟୁସି ମିଳିପାରିବ ନାହିଁ ବୋଲି ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ସେଥିରେ ସଂଶୋଧନ ସହ ବାହାନ ପୋର୍ଟାଲରେ ଆବଶ୍ୟକ ସଂଶୋଧନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଏ ସଂକ୍ରାନ୍ତ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି ।

## ଆର୍ଥିକ ବର୍ଷ ୨୦୨୭ ସୁଦ୍ଧା ଓଡ଼ିଶାର ଅଗ୍ରାଧିକାର କ୍ଷେତ୍ରର ଋଣ ସମ୍ଭାବନା

# ୩.୧୫ ଲକ୍ଷ କୋଟି ଟଙ୍କା ହେବ ବୋଲି ନାବାର୍ଡ ର ଆକଳନ

ଭୁବନେଶ୍ୱର: (ସବ୍ୟୁ): ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ଆଜି ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି । ମୋଟ ଆକଳନ ମଧ୍ୟରୁ ଏମ୍ଏସ୍ଏମ୍ଇର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଥିବାବେଳେ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି । ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ଋଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ରହିଛି । ଆଲୋଚନା ଚକ୍ରରେ ଓଡ଼ିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି, ଏସବିଆଇର ସିଜିଏମ୍ ଶ୍ରୀଏ.ଡି. ରତ୍ନାତେଜା ଏବଂ ୟୁକୋ ବ୍ୟାଙ୍କର ସିଜିଏମ୍ ତଥା ଏସ୍ଏଲବିସିର ସଂଯୋଜକ ଶ୍ରୀ ଗୌତମ ପାତ୍ର , ରାଜ୍ୟ ସରକାରଙ୍କ ଅନ୍ୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଅନ୍ୟ ଅଂଶୀଦାର ଉପସ୍ଥିତ ଥିଲେ । ଆଲୋଚନାଚକ୍ରକୁ ଉଦଘାଟନ କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ "ଓଡ଼ିଶା ଭିଜନ ୨୦୩୬" ଲକ୍ଷ୍ୟ




ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡିଥିଲେ ।ଓଡ଼ିଶାର ଭିଜନ ୨୦୩୬ ଆକାଂକ୍ଷା ପୂରଣ କରିବା ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଆନ୍ତରିକ ଉଦ୍ୟମ ଆବଶ୍ୟକ । ବର୍ଦ୍ଧିତ ଋଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡ଼ିକ ଭଲ ଭାବରେ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି । ସେ ଏସଏଚଜିରୁ ଏସଏମଇ ଏବଂ କୃଷକମାନଙ୍କୁ କୃଷି ଉଦ୍ୟୋଗୀରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟରେ ଋଣ ବୃଦ୍ଧିକୁ ପ୍ରଶଂସା କରି ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଧିକ ସନ୍ତୁଳିତ ଏବଂ ସମାବେଶୀ ଆଞ୍ଚଳିକ ବିକାଶ ପାଇଁ ଆହ୍ୱାନ ଦେଇଥିଲେ । ଏସବିଆଇର ସିଜିଏମ ପରାମର୍ଶ ଏବଂ ବଟମ-ଅପ୍ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟ ଫୋକସ୍ ପେପର ପ୍ରସ୍ତୁତ କରିବାରେ ନାବାର୍ଡର ପ୍ରୟାସକୁ ସେ ପ୍ରଶଂସା କରିଥିଲେ ।

# ନାବାଳିକା ଅପହରଣକାରୀକୁ ଧରିପାରୁନି ପୋଲିସ

ଭାପୁର , (ସବ୍ୟୁ) :ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ନିକଟ ରୁ ଏକ ମାସରୁ ଉର୍ଦ୍ଧ୍ୱର୍ ଦିନ ହେଲା ଜଣେ ନାବାଳିକା ଅପହରଣ ହୋଇଥିଲେ ମଧ୍ୟ ପୋଲିସ ଅପହରଣକାରୀ ନିକଟରେ ପହଞ୍ଚି ପାରିନଥିବାରୁ ପରିବାର ଲୋକ ଚିନ୍ତାରେ ରହିଛନ୍ତି । ଫତେଗଡ଼ ଗ୍ରାମରଜଣେ ନାବାଳିକାକୁ ସେହି ଫତେଗଡ଼ ଗ୍ରାମର ମୁନୁ ସ୍ୱାଇଁଙ୍କ ପୁଅ ଶିବ ସ୍ୱାଇଁ ନଭେମ୍ବର ମାସ ୨୩ ତାରିଖ ରାତ୍ରିରେ ଅପହରଣ କରି ନେଇଥିଲା । ସେହି ଦିନ ରାତ୍ରିରେ ଝିଅ ଘର ପରିବାର ବହୁ ଖୋଜାଖୋଜି କରିବା ପରେ ଝିଅ ନ ମିଳିବାରୁ ଚିନ୍ତାରେ ରହି ଥାନାରେ ଲିଖିତ ଅଭିଯୋଗ କରିଥିଲ । ୨୪ ତାରିଖ ଦିନ ସେହି ଗ୍ରାମର ଜଣେ ଭଦ୍ରଲୋକ ଝିଅର ବାପାକୁ ଉପରୋକ୍ତ ଘଟଣା କହି ଉଭୟଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେବାରୁ ଝିଅ ଘର ରାଜି ହୋଇନଥିଲେ ।ଫଳରେ, ଅପହରଣକାରୀ ଝିଅକୁ ନେଇ ଖଣ୍ଡପଡା ଥାନା ଅଞ୍ଚଳର ବନ୍ଧୁଙ୍କ ଘରକୁ ଚାଲିଯାଇଥିଲା । ପୋଲିସ ସମସ୍ତ ଘଟଣା ଜାଣି ମଧ୍ୟ ଅପହରଣକାରୀକୁ ଧରୁ ନଥିବାରୁ ନେଇ ଝିଅ ଘର ଚିନ୍ତାରେ ରହିଥିବା ଝିଅର ବାପା ପ୍ରକାଶ କରିଛନ୍ତି ।

# ମାର୍ଚ୍ଚ ୨୨ରେ ବିଜେବି ଫ୍ରେଣ୍ଡସ୍‌ର ନିର୍ବାଚନ

ଭୁବନେଶ୍ୱର (ସବ୍ୟୁ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡସ୍'ର ବିଭିନ୍ନ କର୍ମକର୍ତ୍ତା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ବାଛିବା ପାଇଁ ୨୨/୦୩/୨୦୨୬ ରବିବାର ଦିନ ନିର୍ବାଚନ ଅନୁଷ୍ଠିତ ହେବ । ଏହା ବିଜେବି ଫ୍ରେଣ୍ଡସ୍ ସଂଘର ମହାବିଦ୍ୟାଳୟର ପରିସରରେ ଥିବା କାର୍ଯ୍ୟାଳୟରେ ଚଳିତମାସ ୨୮ ତାରିଖ ଦିନ ହୋଇଥିବା ସାଧାରଣପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି । ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଝୁମ୍‌କୀ ରଥ ଯିଏକି ବିଜେବି ଫ୍ରେଣ୍ଡସ୍‌ର ଏକ୍ସ ଅଫିସିଓ ସଭାପତି ଅଛନ୍ତି ସେ ଏହି ସଭାରେ ସଭାପତିତ୍ୱ କରିଥିଲେ । ସଭାରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ତଥା ବିଜେବି ଫ୍ରେଣ୍ଡସ୍‌ର ଏକ୍ସ-ଅଫିସିଓ ସଭାପତିଙ୍କୁ ଯଥାଶୀଘ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବ ମାର୍ଚ୍ଚ ୨୨ତାରିଖ ରବିବାର ଦିନ ବିଭିନ୍ନ କର୍ମକର୍ତ୍ତା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ନିର୍ବାଚନ ପରିଚାଳନା, ନିର୍ବାଚନ ଅଧିକାରୀ ମନୋନୟନ, ଭୋଟରତାଲିକା ପ୍ରକାଶନ ଏବଂ ନିର୍ବାଚନ ସୂଚି ବିଜ୍ଞାପନ ନିମନ୍ତେ ସର୍ବସମ୍ମତିକ୍ରମେ କ୍ଷମତା ଦିଆଯାଇଥିଲା । ନିର୍ବାଚନ ପ୍ରକ୍ରିୟାକୁ ସରଳିକରଣ କରିବା ପାଇଁ ସଂଘର ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ବିଜେବି ଫ୍ରେଣ୍ଡସ୍‌ର ଆଜୀବନ ସଦସ୍ୟ ବିଶ୍ୱ ପ୍ରକାଶ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି ।

## ଡ୍ୟାନ୍ସ ଗ୍ରୁପ କଳାକାରଙ୍କୁ ମାଡ଼ ମାରି ଅସଦାଚରଣ

ଆଠଗଡ଼,(ସବ୍ୟୁ) :ତିଗିରିଆ ଥାନା ଅନ୍ତର୍ଗତ ହାଟମାଳ ପଞ୍ଚାୟତ ସ୍ଥିତ ସୁଆଁପାଳ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦଧିବାମନ ଜୀଙ୍କ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ଡ୍ରାମା କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ରେମୋ ଡ୍ୟାନ୍ସ ଗ୍ରୁପ ଯୋଗଦେବାକୁ ଆସିଥିଲେ ।ଉକ୍ତ ଗ୍ରୁପ ଆସିବା ଦିନ କିଛି ଯୁବକ ଚିରୁଗୁଣି ନାଳ ଠାରେ ଗାଡି ଅଟକାଇବା ସହ ଏକ ପିକ ଅପ ଗାଡିର ଡ୍ରାଇଭରକୁ ମାଡ଼ ମାରିଥିଲେ ।ଏହି ଘଟଣା ପରେ ଉକ୍ତ ଯୁବକମାନେ ଡ୍ୟାନ୍ସ ଗ୍ରୁପର କଳାକାର ଯାଉଥିବା ଗାଡିର ଡ୍ରାଇଭରରୁ ଆକ୍ରମଣ କରିଥିଲେ ।ଯାହାକୁ ନେଇ ଗାଡ଼ିରେ ଥିବା କଳାକାରମାନେ ପ୍ରତିବାଦ କରିଥିଲେ ।ଏହାକୁ ନେଇ ସେଠାରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ।ପରେ ଏହି ଘଟଣା ସମ୍ପର୍କରେ ଡ୍ୟାନ୍ସ ଗ୍ରୁପର ସଦସ୍ୟ ଆୟୋଜକଙ୍କୁ କହିବା ପରେ ଆୟୋଜକଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରାଯାଇଥିଲା ।

# ଆଇଏମ୍ଏ ଓଡିଶା ଶାଖାର ପ୍ଲାଟିନମ୍ ଜୁବ୍‌ଲି ୬ ରେ



କଟକ, (ସ୍ୱପ୍ର) : ଚଳିତ ମାସ ୬ ତାରିଖରେ ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ ଓଡିଶା ଶାଖାର ପ୍ଲାଷ୍ଟିନମ୍ ଜୁବଲି ରାଜ୍ୟ ମୁଖ୍ୟଶାଖା କଟକରେ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଆଇଏମଏର ଜାତୀୟ ସଭାପତି ଦିଲ୍ଲୀପ ଭାନୁଶାଳୀ ଯୋଗ ଦେବ ବୋଲି ମଙ୍ଗଳବାର ସ୍ଥାନୀୟ ଆଇଏମଏ ମୁଖ୍ୟ କାର୍ଯ୍ୟାଳରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଶାଖାର ସଭାପତି ବରିଷ୍ଠ ଭେଷଜ ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି । ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ରାଜ୍ୟର ୬୦୦ ଡାକ୍ତର ଯୋଗଦେବା ସହିତ ବିଜ୍ଞାନ ସମ୍ବନ୍ଧିତ ଉପସ୍ଥାପନାରେ ଭାଗ ନେବେ । ଏହି ତିନି ଦିନିଆ କର୍ମଶାଳାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ୱାସ୍ଥ୍ୟ ସେବା ଉପରେ ଆଲୋଚନା ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଶାଖା ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଡା. ଦେବପ୍ରସାଦ ଦାଶଙ୍କ ସମେତ ଅନ୍ୟ ଚିକିତ୍ସାବିତ୍ ମାନେ ଉପସ୍ଥିତ ଥିଲେ ।

# ବର୍ଜ୍ୟରୁ ସମ୍ପଦ: ସହରାଞ୍ଚଳ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବ ଓଡ଼ିଶା

ଭୁବନେଶ୍ୱର, (ସବ୍ୟୁ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଓଡ଼ିଶା ଅର୍ବାନ୍ ଏକାଡେମୀଠାରେ ଫେକାଲ୍ ସ୍ଲଜ୍ ଏବଂ ସେପ୍ଟେଜ୍ ପରିଚାଳନା ଉପରେ ଏକ ଶିକ୍ଷଣ ଭିତ୍ତିକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ରାଜ୍ୟର ସହରାଞ୍ଚଳ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଟିଏସ୍ୟୁ-ଏଫ୍ଏସ୍ଏସ୍ଏମ୍ ଏବଂ 'ଦସ୍ରା' ର ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ବରିଷ୍ଠ ପଦାଧିକାରୀ, କ୍ଷେତ୍ର ବିଶେଷଜ୍ଞ ଏବଂ ପ୍ରମୁଖ ସହଯୋଗୀମାନେ ଯୋଗ ଦେଇ ଓଡ଼ିଶାର ଅଗ୍ରଣୀ ପରିମଳ ପଦକ୍ଷେପଗୁଡ଼ିକୁ ଆହୁରି ଆଗକୁ ନେବା ପାଇଁ ଆଲୋଚନା କରିଥିଲେ ।



ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ୱାଟକୋ, ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ, ଟେକ୍ନୋ କ୍ରାଟ୍ ଲିମିଟେଡ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଅନୁଯାୟୀ, ବାସୁଆଘାଇ ଫେକାଲ୍‌ସ୍ଲଜ୍‌ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଠାରେ ଏକ ଅତ୍ୟାଧୁନିକ 'ପାଇରୋଲିସିସ୍ ୟୁନିଟ୍' ପ୍ରତିଷ୍ଠା କରାଯିବ । ପରିମଳ କ୍ଷେତ୍ରରେ ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି ଏବଂ 'ଗତିଶୀଳ ଇକୋନୋମି'ର ପ୍ରସାର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କର୍ମଶାଳାରେ ଅଂଶୀଦାରମାନଙ୍କ ସହ ଏକ ବିସ୍ତୃତ ପରାମର୍ଶ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଋଝଝଗ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା, ଯାହା ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପ ସହ ସମାନୁପାତିକ । ଏହି ଅବସରରେ ଶ୍ରୀମତୀ ପାଢୀ ରାଜ୍ୟ ସରକାର ଏବଂ ସହଯୋଗୀ ସଂସ୍ଥାଗୁଡ଼ିକର ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଓଡ଼ିଶାର ଋଝଝଗ କାର୍ଯ୍ୟକ୍ରମ ସହରୀ ବିକାଶ କ୍ଷେତ୍ରରେ ଏକ 'ଉଜ୍ଜ୍ୱଳ ତାରକା' ସଦୃଶ, ଯାହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇଛି । ଏହାସହ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଦୀର୍ଘ ଦିନ ଧରି ସହଯୋଗ କରି ଆସୁଥିବା ଗେଟ୍ସ ଫାଉଣ୍ଡେସନ୍ କୁ ସେ ଧନ୍ୟବାଦ ଜଣାଇଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶ କହିଥିଲେ ଯେ, ଏହି କର୍ମଶାଳା ଓଡ଼ିଶାର ପରିମଳ ବ୍ୟବସ୍ଥାକୁ ଭବିଷ୍ୟତ ପାଇଁ ଅଧିକ ପ୍ରସ୍ତୁତ ଏବଂ ସ୍ଥାୟୀ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

## ସମାନ କାମକୁ ସମାନ ଦରମା

# ଶ୍ରମିକଙ୍କ ନ୍ୟାର୍ଯ୍ୟ ଦାବି ନେଇ ଡ୍ରାଇଭର ମଜଦୁର ସଂଘର ଧାରଣା




ଛତ୍ରପୁର, (ସବ୍ୟୁ): ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରରେ ସ୍ୱୀକୃତି ପ୍ରାପ୍ତ ଭେଣ୍ଡର ଏବଂ କଣ୍ଟ୍ରାକ୍ଟର ମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟାନ୍ୟ ଶ୍ରମିକ ମାନେ ବିଭିନ୍ନ ଦାବୀ ନେଇ ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୁର ସଂଘ ମାଧ୍ୟମରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସେମାନଙ୍କ ଆଇନଗତ ନ୍ୟାର୍ଯ୍ୟଦାବୀ ଗୁଡିକ ପୂରଣ ହେଉ ନାହିଁ ।

ଏନେଇ ସେମାନେ ମଙ୍ଗଳାର ଗୋପାଳପୁର ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି । ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରମିକଙ୍କୁ ସେମାନଙ୍କ ହକ ମିଳିବା ଦରକାର । ଏଠାରେ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି । ଶ୍ରମ ଆଇନ ଉଲ୍ଲଙ୍ଘନ ବନ୍ଦ କରାଯାଉ ସମାନ କାମ କୁ ଦରମା, ଶ୍ରମିକ ମାନଙ୍କୁ ପାନୀୟଜଳ, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ସମସ୍ତ ସୁବିଧା ଯୋଗାଇବା ଏବଂ ସଠିକ ଭାବେ ପିଏଫ ଓ ଇକ୍ରିମେଣ୍ଟ ନିୟମିତ ଭାବେ ପ୍ରଦାନ କରିବା ନିମନ୍ତେ ସଂଘ ପକ୍ଷରୁ ଦାବୀ କରାଯାଇଛି । ନଚେତ ଦାବୀ ପୂରଣ ନହେଲା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲୁରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୁର ସଂଘର ସଭାପତି ଏସ. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ. ପ୍ରଭାକର ରେଡ୍ଡୀ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ନାହାକ, ଆସିଷ୍ଟାଣ୍ଟ ସେକ୍ରେଟାରୀ ପି. ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ଓ ଆଇନ ପରାମର୍ଶଦାତା ଜ୍ୟୋତି ରଞ୍ଜନ ମିଶ୍ରଙ୍କ ସମେତ ସଂଘର ଶତାଧିକ ସଭ୍ୟମାନେ ହାତରେ ପ୍ଲାଗକାର୍ଡ ଧରି ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ଲୁହାଶୀଳା ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ଚିକିତ୍ସାସେବା

# ନଥିଲେ ଡାକ୍ତର କି କର୍ମଚାରୀ, ଭଗବାନଙ୍କ ଭରସାରେ ରୋଗୀ

ବାରିପଦା, (ସବ୍ୟୁ) : ସରକାର ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା ପାଇଁ ବଜେଟରେ ବିପୁଳ ଅର୍ଥ ବରାଦ କରୁଥିବା ବେଳେ ସ୍ୱାସ୍ଥ୍ୟସେବାର ବିପର୍ଯ୍ୟସ୍ତ ରୂପ ଦେଖିବାକୁ ମିଳିଛି ବିଜାତଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଲୁହାଶୀଳା ସ୍ୱାସ୍ଥ୍ୟ କେନ୍ଦ୍ରରେ । ସରକାର ସାଧାରଣ ଲୋକମାନେ ସଙ୍ଗେସଙ୍ଗେ କିପରି ଉତ୍ତମ ଚିକିତ୍ସା ପାଇବା ସହ ବିନାମୂଲ୍ୟରେ ଔଷଧ ପାଇପାରିବେ ସେନେଇ ବିଭିନ୍ନ ବ୍ୟବସ୍ଥା କରିବା ସହ ଡାକ୍ତରମାନଙ୍କୁ ନିଯୁକ୍ତି କରିଛନ୍ତି । ମାତ୍ର ସରକାରଙ୍କ ସବୁ ନିୟମକୁ ଫୁଁ କରି ଡାକ୍ତର ଓ କର୍ମଚାରୀମାନେ ଛୁ ମାରୁଛନ୍ତି ତ ବିଭିନ୍ନ ଆଳ ଦେଖାଇ ମନଇଚ୍ଛା ଘରେ ରହିଯାଉଛନ୍ତି । ଫଳରେ ଭଗବାନଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର ।

ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା ବିଜାତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଲୁହାଶୀଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହିପରି ଘଟଣା ଦେଖିବାକୁ ମିଳିଥିଲା । ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନୀୟ ଅଞ୍ଚଳର ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇଁ ମଙ୍ଗଳବାର ଆସିଥିବାବେଳେ, ଦାୟିତ୍ୱରେ ଥିବା ଡାକ୍ତର କି କୌଣସି କର୍ମଚାରୀଙ୍କୁ ଦେଖିବାକୁ ମିଳି ନଥିଲା । ହସ୍ପିଟାଲ ଖୋଲାଥିଲା ମାତ୍ର ସେଠାରେ ନଥିଲେ ଡାକ୍ତର ବା କୌଣସି କର୍ମଚାରୀ । ଅନ୍ୟପକ୍ଷରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଫାର୍ମାସିଷ୍ଟ ପଦ ଖାଲି ରହିଥିବାବେଳେ ଫାର୍ମାସିଷ୍ଟ ନିଯୁକ୍ତି ପାଇଁ ବିଭିନ୍ନ ସମୟରେ ଦାବି ହେଉଥିଲେ ମଧ୍ୟ ଫାର୍ମାସିଷ୍ଟ ନିଯୁକ୍ତି ନେଇ ଉଚ୍ଚ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉନଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ବଢିବଢି ଚାଲିଛି, ଯେଉଁଥିରେ ହଇରାଣ ହରକତ ହେଉଛନ୍ତି ଗ୍ରାମାଞ୍ଚଳର ସାଧାରଣ ରୋଗୀ । ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତକୁ ଆଉ କିଛି ଘଣ୍ଟା ବାକିଥିବାବେଳେ ସ୍ୱାସ୍ଥ୍ୟସେବାର ଏଭଳି ବିକଳ ଚିତ୍ର ସାମ୍ନାକୁ ଆସିଛି । ଅନ୍ୟପକ୍ଷରେ ଲୁହାଶୀଳା ଚିକିତ୍ସା କେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ସୁନୀତା ହାଁସଦାଃଙ୍କୁ ଯୋଗାଯୋଗ କରିବାରୁ ତାଙ୍କର ଦେହ ଅସୁସ୍ଥ ଥିବାରୁ ସେ ଡାକ୍ତରଖାନା ଯାଇପାରିନଥିବା ସ୍ୱୀକାର କରିବା ସହ ଛୁଟିରେ ଥିବାନେଇ ମଧ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇନଥିବା ସ୍ୱୀକାର କରିଛନ୍ତି । ଏଥିସହ ଏଠାରେ ଫାର୍ମାସିଷ୍ଟ ନଥିବାରୁ ସେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ସେ ବାରମ୍ବାର ବାରମ୍ବାର ସୁପରିଟେଣ୍ଡେଣ୍ଟଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରୁନାହିଁ । କେବଳ ଜଣେ ଲ୍ୟାବ୍-ଟେକ୍ନିସିଆନ୍‌ଙ୍କ ଭରସାରେ ଡାକ୍ତରଖାନା ଚଳାଇବା ସମ୍ଭବ ନୁହେଁ ବୋଲି କହିଥିଲେ ।



ଅନ୍ୟପକ୍ଷରେ ବିଜାତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ଡାକ୍ତର ଗୋବିନ୍ଦ ସୋରେନଙ୍କୁ ଯୋଗାଯୋଗ କରିବାରୁ ସେ ଏନେଇ ଦୁଃଖପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଡାକ୍ତର ଜଣଙ୍କ ତାଙ୍କୁ ଛୁଟିରେ ରହିଥିବା ନେଇ ଜଣାଇନଥିବାରୁ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଛନ୍ତି ବୋଲି ସଫେଇ ଦେଇଥିଲେ ।

ଅନ୍ୟପକ୍ଷରେ ଡିପିଏମ୍ ଅନିଲ୍ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ଏଘଟଣାର ତଦନ୍ତ କରିବେ ବୋଲି କହିବା ସହ ଦାୟିତ୍ୱରେ ଅବହେଳା କରିଥିଲେ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇଥିଲେ । ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ସାରା ଜିଲ୍ଲାରେ ଥିବା ସମସ୍ତ ସିଏଚ୍‌ସି ଏବଂ ପିଏଚ୍‌ସି ଗୁଡିକରେ ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ପଦପଦବୀ ପୂରଣ କରିବା ସହ ସାଧାରଣ ଲୋକେ କିପରି ଉତ୍ତମ ଚିକିତ୍ସା ପାଇପାରିବେ ଏଥିପ୍ରତି ସିଡିଏମ୍‌ଓଙ୍କ ଦୃଷ୍ଟି ରଖିବାକୁ ସାଧାରଣରେ ଦାବି ହୋଇଛି ।

# ମହିଳାଙ୍କ ଆକାଉଣ୍ଟରୁ ୮୩ ହଜାର ଠକେଇ

ବ୍ରହ୍ମପୁର, (ସବ୍ୟୁ) : ଅନଲାଇନ ଜରିଆରେ ଜଣେ ମହିଳାଙ୍କ ଆକାଉଣ୍ଟରୁ ୮୩ ହଜାରରୁ ଉର୍ଦ୍ଧ ଟଙ୍କା ଠକେଇ ହୋଇଛି । ସେ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ୨୯/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

ପ୍ରକାଶ ଯେ, ଗତ ୩୧ ତାରିଖରେ ଅନୁସୂୟା ନଗରରେ ରହୁଥିବା ମହିଳାଙ୍କ ଆକ୍ସିସ ବ୍ୟାଙ୍କର କ୍ରେଡିଟ କାର୍ଡ ବ୍ୟବହାର କରି ଏକାଉଣ୍ଟରୁ ୮୩ହଜାର ୪୫୪ ଟଙ୍କା ଠକେଇ ହୋଇଥିଲା । ଫ୍ଲିପକାର୍ଡ ଜରିଆରେ ଅନଲାଇନରେ ଉକ୍ତ ଟଙ୍କାର ସାମଗ୍ରୀ କିଣାଯାଇଥିବା ମହିଳା ଜଣଙ୍କ ଜାଣିବାକୁ ପାଇଥିଲେ ।

ହେଲେ ତାଙ୍କ ଅଜାଣତରେ ଏହି କାରବାର ହୋଇଥିବାରୁ ତାଙ୍କର ସନ୍ଦେହ ହୋଇଥିଲା । ସେ ବ୍ୟାଙ୍କକୁ ଯାଇ ଏସମ୍ପର୍କରେ ଯାଞ୍ଚ ବେଳେ ସାଇବର ଠକ ଗ୍ୟାଙ୍ଗ ଚଞ୍ଚକତା କରି ଠକେଇ କରିଥିବା ଜାଣି ପାରିଥିଲେ । ଶେଷରେ ସେ ଏନେଇ ଉପରୋକ୍ତ ଥାନାରେ ଅଭିଯୋଗ କରିଛନ୍ତି ।

# ତାଲାବନ୍ଦ ଅବସ୍ଥାରେ ପିପୁଲ୍ସ କଲେଜ ବଏଜ୍ କମନ୍ ରୁମ୍, ଛାତ୍ର ମହଲରେ ଅସନ୍ତୋଷ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ପିପୁଲ୍ସ କଲେଜରେ ବଏଜ୍ କମନ୍‌ରୁମ୍ ତାଲାବନ୍ଦ ଅବସ୍ଥାରେ ରହିଥିବା ଅବସର ସମୟରେ ଛାତ୍ରମାନେ କ୍ୟାମ୍ପସରେ ଏଣେତେଣେ ଘୁରି ବୁଲିବାକୁ ବାଧ ହେଉଥିବା ଜଣାଯାଇଛି ।

ଗତ କିଛିବର୍ଷ ହେବ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାର କୌଣସି ପ୍ରତିକାର ବ୍ୟବସ୍ଥା ହେଉ ନଥିବାରୁ ଛାତ୍ରମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଫଳସ୍ୱରୂପ ଦୁଇଦିନ ତଳେ ଛାତ୍ରମାନେ ହାତରେ ପ୍ଲାକାର୍ଡ଼ ଧରି କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭ ସ୍ଥଳରେ କଲେଜ କର୍ତ୍ତୃପକ୍ଷ ଏବଂ ପୋଲିସ ପହଞ୍ଚି ବିକ୍ଷୋଭକାରୀଙ୍କୁ ଯଥାଶୀଘ୍ର ବଏଜ୍ କମନ୍‌ରୁମ ବ୍ୟବସ୍ଥା କରିବା ନିମନ୍ତେ ପ୍ରତିଶ୍ରୁତି ଦେବା ସହ ବୁଝାଶୁଝା କରି ସେମାନଙ୍କୁ ବିକ୍ଷୋଭରୁ ନିବୃତ୍ତ କରାଇବାରେ ସକ୍ଷମ ହୋଇଥିଲେ ।



ତେବେ ଘଟଣାରୁ ଜଣାଯାଇଛି ଯେ କଲେଜରେ ବଏଜ୍ କମନ୍‌ରୁମ୍ ତାଲାବନ୍ଦ ଅବସ୍ଥାରେ ରହିଛି । ସେଥିରେ ଜିମ୍ ସାମଗ୍ରୀ ଭର୍ତ୍ତି ହୋଇଥିବାରୁ ତାହା ଛାତ୍ରଙ୍କ ବିନିଯୋଗରେ ଆସିପାରୁନାହିଁ । ଯଦି ପ୍ରତିଶ୍ରୁତି ମୁତାବକ କଲେଜ କର୍ତ୍ତୃପକ୍ଷ ଯଥାଶୀଘ୍ର ବଏଜ୍ କମନ୍ ରୁମ୍ ନଖୋଲନ୍ତି ତେବେ ଆଗାମୀ ଦିନରେ ପୁଣି ବିକ୍ଷୋଭ ପ୍ରଦର୍ଶନ ପନ୍ଥା ଆପଣାଇବାକୁ ଛାତ୍ରଗୋଷ୍ଠୀ ପକ୍ଷରୁ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଏଭଳି ଅବ୍ୟବସ୍ଥା ବୁଗୁଡ଼ା ଅଞ୍ଚଳର ସର୍ବପୁରାତନ କଲେଜ ପାଇଁ ଶୁଭଙ୍କର ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ବିଶ୍ୱ ଆର୍ଦ୍ରଭୂମି ଦିବସ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ ବନବିହାର ପରିସରରେ ବିଶ୍ୱ ଆଦ୍ରଭୂମି ଦିବସ ପାଳିତ ହୋଇଯାଇଛି ।

ଏଥିରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଞ୍ଜାମ ଜିଲାର ୯୦୮ ଟି ଆଦ୍ର ଭୂମିର ବିକାଶ ପାଇଁ ସରକାର ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ । ସେଥିମଧ୍ୟରୁ ଘୁମୁସର ଉତ୍ତର ବନଖଣ୍ଡର ୯୮ଟି ଆଦ୍ର ଭୂମି (ଜଳାଶୟ, ନଦୀ) ର ବିକାଶ ପାଇଁ ଯୋଜନା ଅଛି । ଦିନକୁ ଦିନ ବିଭିନ୍ନ ଜଳାଶୟ ପ୍ରଦୂଷିତ ହେଉଛି । ତାହାର ସୁରକ୍ଷା ନିହାତି ଆବଶ୍ୟକ ହୋଇପଡିଛି । ତେଣୁ ଛାତ୍ରଛାତ୍ରୀମାନେ ଏନେଇ ସଚେତନ ହୋଇ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଡିଏଫଓ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ବଟନି ବିଭାଗର ମୁଖ୍ୟ ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ, ବାଳିକା ଆତ୍ମ ସୁରକ୍ଷା ତାଲିମ ସଂଯୋଜିକା ଅଧ୍ୟାପିକା ସ୍ମରଣିକା ପାତ୍ରୀ, ଜାତୀୟ ସେବା ଯୋଜନା ଶାଖା ୨ ର ଅଧିକାରୀଣୀ ସସ୍ମିତା କୁମାରୀ ଦାସ, ଶାଖା ୧ ଅଧିକାରୀ ବାବୁଲା ପ୍ରଧାନ, ଏନସିସି ଆର୍ମି ଓ୍ୱିଙ୍ଗ ଅଫିସର ଅର୍ପଣ ପ୍ରଧାନ, ନାଭାଲ ଓ୍ୱିଙ୍ଗ ଅଫିସର ବିଭୂତି ଗୌଡ, ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତା ରାଣୀ ପଣ୍ଡା, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥିବୀରାଜ ପ୍ରଧାନ, ଗାଲେରୀ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସୁସ୍ଥ ଜୀବନ ଯାପନ କରିବାକୁ ହେଲେ ପ୍ରଥମେ ଆମ ଚାରିପାଖ ପରିବେଶ ସୁରକ୍ଷା କରିବାକୁ ପଡ଼ିବ ବୋଲି କହିଥିଲେ । ଜଳ ହିଁ ଜୀବନ । ଜଳର ସଂରକ୍ଷଣ କରିବାକୁ ପଡିବ । ଜଳସ୍ତର ହ୍ରାସ ପାଇବା ସହ ବିଭିନ୍ନ ଜଳାଶୟ ପ୍ରଦୂଷିତ ହେଉଛି । ତାହାର ସୁରକ୍ଷା ନିହାତି ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ ।

# ମହାନଦୀବିହାରରେ ଖୋଲିଲା "ଚାୟେ କଳିଂ'



କଟକ, (ସ୍ୱପ୍ର) : ୪୭ନଂ ୱାର୍ଡସ୍ଥିତ ମହାନଦୀବିହାରରେ ରିଦ୍ଧିସିଦ୍ଧି ଫୁଡ ଆଣ୍ଡ ବେଭରେଜ ପକ୍ଷରୁ ଉଦଘାଟିତ ହୋଇଯାଇଛି ଚାୟେ କଳିଂ । ଏହି ଉଦଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତଥିଭାବେ ଶଲ୍ୟ ବିଶେଷଜ୍ଞ ଡା. ଶକ୍ତି ପ୍ରସାଦ ସାହୁ, ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ ସିଂହ, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଥିଲେ ।

ଭାରତ ବର୍ଷରେ ଚାୟେ କଳିଂ ନାମରେ ଏକ ବ୍ରାଣ୍ଡ ରହିଥିବା ବେଳେ ମହାନଦୀବିହାରରେ ଚାୟେ କଳିଂ ୧୨୨ତମ ଆଉଟଲେଟ ଅଟେ । ୧୫ ପ୍ରକାରର ଭିନ୍ନ ଭିନ୍ନ ସ୍ୱାଦଯୁକ୍ତ ରେଗୁଲାର ଚା, ମସଲା ଚା, ଅଦରକ ଚା, ତୁଳସୀ ଚା, ଗୁଡ ଚା, ଚକୋଲେଟ ଚା, ଇଲାଇଚି ଚା, କଫି, କେଶରୀ ଚା, ତୁଳସି ଗ୍ରୀନ ଚା, ବ୍ଲାକ ଲେମନ ଚା, ଜସ୍ମିନ ଗ୍ରୀନ ଚା, ରୋଜ ଚା, ବ୍ଲାକ ଏବଂ ଦାର୍ଜିଲିଂ ଚା ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ଥିବା ବେଳେ ପାର୍ସଲ ନେବା ପାଇଁ ହାଇଜେନିକ ପେପର ଯୁକ୍ତ ବ୍ୟାଗ ମାଗଣାରେ ଯୋଗାଇ ଦିଆଯାଉଛି । ଏଥିସହିତ ବିଭିନ୍ନ ପ୍ରକାର ପ୍ୟାକେଟ ଖାଦ୍ୟ ସାମଗ୍ରୀ ଏଠାରେ ଉପଲବ୍ଧ ଅଛି ବୋଲି ପ୍ରୋପାଇଟର ରିତେଶ ଗୌରବ ଜେନା ସୂଚନା ଦେଇଛନ୍ତି ।

ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ତାପସ ମହାନ୍ତି, ମହମଦ ସକିଲ, ରାଜେଶ ରଣା, ରାକେଶ ତ୍ରିପାଠୀ, ସଂଗ୍ରାମ ସ୍ୱାଇଁ, ଇଂ ଆଶିଷ କୁମାର ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ, ଶରତ ଚନ୍ଦ୍ର କୁଣ୍ଡୁ, ପ୍ରଶାନ୍ତ ପ୍ରଧାନ, ରାଧାକାନ୍ତ ଶତପଥୀଙ୍କ ସମେତ ବହୁସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ଯଶୋଦା ଫାଉଣ୍ଡେସନ ପକ୍ଷରୁ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ରାସନ ବଣ୍ଟନ

ଛତ୍ରପୁର, (ସବ୍ୟୁ): ଯଶୋଦା ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ବ୍ଲକ ଓ ଆଖପାଖ ଅଂଚଳରେ ବିଭିନ୍ନ ଜନହିତକର କାର୍ଯ୍ୟ କରାଯାଉଥିବା ବେଳେ ମଙ୍ଗଳାର ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତ୍ୟରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ମାଟିଖାଲ ଗ୍ରାମର ଅସହାୟ ବୃଦ୍ଧବୃଦ୍ଧାଙ୍କୁ ରାସନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଶ୍ରୀ ଗୌରୀ ଶଙ୍କର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ଏନଏସି ର ୧୦ନଂ ଓ୍ୱାର୍ଡ କାଉନସିଲର ଦେବାଶିଷ ମିଶ୍ର ଓ ସ୍ୱାଭିମାନ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ପ୍ରଶାନ୍ତ କୁମାର ମହାରଣା ଅତିଥି ଭାବେ ଯୋଗଦେଇ ବୃଦ୍ଧ ବୃଦ୍ଧାଙ୍କୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । ଫାଉଣ୍ଡେସନର ଏଭଳି ସାମାଜିକ କାର୍ଯ୍ୟକୁ ପ୍ରଂଶସା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସୁଦକ୍ଷା ସାହୁ ଓ ପୁଷ୍ପାଞ୍ଜଳି ସାହୁ ପରିଚାଳନାରେ ସହଯୋଗ କରିଥିଲେ ।

# ପାରାଦୀପରେ ଅମୂଲ୍ୟକୁ ଭବ୍ୟ ସ୍ୱାଗତ



ପାରାଦୀପ,( ଜ ପ୍ର ) :ଭାରତୀୟ ତଟ ରକ୍ଷକ ବାହିନୀ (ଆଇସିଜି) ରେ ସାମିଲ ହେଲା ଜାହାଜ ଅମୁଲ୍ୟ । ଏ ନେଇ ଆଇସିଜିକୁ ବଳ ଯୋଗାଇବ । ଆଠଟି ଫାଷ୍ଟ ପେଟ୍ରୋଲ୍ ଜାହାଜ ମଧ୍ୟରୁ ଦ୍ୱିତୀୟ ଭାରତୀୟ ତଟରକ୍ଷୀ ଜାହାଜ ଅମୂଲ୍ୟ ମଙ୍ଗଳବାର ପାରାଦୀପରେ ପହଞ୍ଚିଲା । ପୂର୍ବରୁ ଅଦମ୍ୟ ପହଞ୍ଚିଥିଲା । ଭାରତୀୟ ତଟରକ୍ଷୀ ଜାହାଜ ଅମୂଲ୍ୟକୁ ୧୯ ଡିସେମ୍ବର ୨୫ ତାରିଖରେ ଗୋଆ ବନ୍ଦରରେ ନିୟୋଜିତ କରାଯାଇଥିଲା । ଅମୂଲ୍ୟ ହେଉଛି ୫୧ ମିଟର ଲମ୍ବା ଯାହାକୁ ଗୋଆ ସିପୟାର୍ଡ ଲିମିଟେଡ୍ ଦ୍ୱାରା ଡିଜାଇନ୍ ଏବଂ ସ୍ୱଦେଶୀ ଭାବରେ ନିର୍ମିତ କରାଯାଇଛ ।

ଉକ୍ତ ଜାହାଜଟି ଆତ୍ମନିର୍ଭର ଭାରତର ଏକ ଉପଯୁକ୍ତ ଉଦାହରଣ,ଯେଉଁଥିରେ ୬୦ ପ୍ରତିଶତ ରୁ ଅଧିକ ସ୍ୱଦେଶୀ ସାମଗ୍ରୀ ରହିଛି ଯାହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଅଧୀନରେ ଭାରତର ସାମୁଦ୍ରିକ ଶକ୍ତିକୁ ସୁଦୃଢ଼ କରିଛି । ଏହି ଜାହାଜଟି ପ୍ରାୟ ୩୨୦ ଟନ୍ ବିସ୍ଥାପିତ କରେ ଏବଂ ସର୍ବାଧିକ ଘଣ୍ଟା କୁ ୫୦ କିମି ବେଗ ହାସଲ କରିବା ପାଇଁ ଦୁଇଟି ୩୦୦୦ କିଲୋ ଓ୍ୱାଟ ଡିଜେଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ ହୁଏ । ଅମୂଲ୍ୟ ହେଉଛି ଦ୍ୱିତୀୟ ଜାହାଜ ଯାହା ସ୍ୱଦେଶୀ ଭାବରେ ବିକଶିତ ଦୁଇଟି ନିୟନ୍ତ୍ରଣ ଯୋଗ୍ୟ ପିଚ୍ ପ୍ରୋପେଲର୍ ଏବଂ ଗିଅର୍ବକ୍ସ ସହିତ ସଜ୍ଜିତ । ଯାହା ସମୁଦ୍ରରେ ଉତ୍କୃଷ୍ଟ ଗତିଶୀଳତା, କାର୍ଯ୍ୟକ୍ଷମ ନମନୀୟତା ଏବଂ ଉନ୍ନତ କାର୍ଯ୍ୟଦକ୍ଷତା ପ୍ରଦାନ କରିବ । ସୁସଜ୍ଜିତ ଅସ୍ତ୍ରଶସ୍ତ୍ରରେ ଉଚ୍ଚ କ୍ଷମତା ବିଶିଷ୍ଟ ବନ୍ଧୁକ ଗୋଟିଏ ମିନିଟ ରେ ୩୫୦ ରାଉଣ୍ଡ ଗୁଳି ଚଳାଇ ପ ାରିବା କ୍ଷମତା ରହିଛି । ଯାହା ସମସ୍ତ ଅଗ୍ନି ନିୟନ୍ତ୍ରଣ ପ୍ରଣାଳୀ ଦ୍ୱାରା ସମର୍ଥିତ । ଏହି ଜାହାଜରେ ଏକ ସମନ୍ୱିତ ବ୍ରିଜ୍ ସିଷ୍ଟମ୍, ସମନ୍ୱିତ ପ୍ଲାଟଫର୍ମ ପରିଚାଳନା ପ୍ରଣାଳୀ ଏବଂ ସ୍ୱୟଂଚାଳିତ ଶକ୍ତି ପରିଚାଳନା ପ୍ରଣାଳୀ ମଧ୍ୟ ରହିଛି,ଯାହା କାର୍ଯ୍ୟକ୍ଷମତା ଏବଂ ସ୍ୱୟଂ ଚାଳିତତାକୁ ବୃଦ୍ଧି କରିଥାଏ ।

ଅମୂଲ୍ୟ ଓଡ଼ିଶାର ପାରାଦୀପରେ ଅବସ୍ଥିତ ହେବ,ଯାହା କମାଣ୍ଡର, ତଟରକ୍ଷୀ ବାହିନୀ ମୁଖ୍ୟାଳୟ ନମ୍ବର ୭ (ଓଡ଼ିଶା) ମାଧ୍ୟମରେ ତଟରକ୍ଷୀ ବାହିନୀ କ୍ଷେତ୍ର (ଉତ୍ତରପୂର୍ବ) ର କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ନିୟନ୍ତ୍ରଣରେ ରହିବ ।

ଦୃତଗାମୀ ଜାହାଜ ଅମୁଲ୍ୟ କୁ ସାମୁଦ୍ରିକ କ୍ଷେତ୍ରଗୁଡ଼ିକର ନିରୀକ୍ଷଣ ଏବଂ ଭାରତର ସାମୁଦ୍ରିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ତଟରକ୍ଷୀ ବାହିନୀ ଚାର୍ଟରରେ ଉଲ୍ଲେଖିତ ଅନ୍ୟାନ୍ୟ ମିଶନ୍ ଗ୍ରହଣ କରିବା ପାଇଁ ନିୟୋଜିତ କରାଯିବ । ଜାହାଜରେ ପାଞ୍ଚ ଅଧିକାରୀ ଏବଂ ୩୪ ଜଣ କର୍ମଚାରୀ ରହିବେ । ଉକ୍ତ ଜାହାଜକୁ ମଙ୍ଗଳବାର ପାରାଦୀପ ବନ୍ଦରରେ କମାଣ୍ଡର ତଟରକ୍ଷୀ ବାହିନୀ (ଓଡ଼ିଶା) ଏକ ଭବ୍ୟ ସ୍ୱାଗତ ଉତ୍ସବରେ ସ୍ୱାଗତ କରିଥିଲେ ।

# ସାବିତ୍ରୀ ମହିଳା ମହାବିଦ୍ୟାଳୟର ୪୪ତମ ବାର୍ଷିକୋତ୍ସବ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟର ୪୪ ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଞ୍ଜନଗର ଡେପୁଟି କଲେକ୍ଟର ରଚିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହ ପ୍ରଦାନ କରିବା ସହ କହିଥିଲେ ଯେ କୌଣସି ପରିସ୍ଥିତିରେ ନିଜକୁ ଆମେ ଛୋଟ ଭାବିବା ନାହିଁ । ଲକ୍ଷ୍ୟ ସ୍ଥିର କର, କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ, ସଫଳତା ନିଶ୍ଚୟ ପାଇବ ବୋଲି ଉଲ୍ଲେଖ କରିଥିଲେ । ତେଣୁ ପ୍ରଥମେ ନିଜେ ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରିବାକୁ ଡେପୁଟି କଲେକ୍ଟର ମହାପାତ୍ର ଉପସ୍ଥିତ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ଉକ୍ତ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମୟ ବଦଳିବା ସହ ମହିଳାମାନେ ଏବେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଛନ୍ତି ବୋଲି କହିଛନ୍ତି । ଦିନ ଥିଲା ମହିଳାମାନେ ଘରୁ ବାହାରିବାକୁ ସଙ୍କୋଚ କରୁଥିଲେ । ଆଜି ଆଉ ସେହି ସମୟ ନାହିଁ ବୋଲି ଡ. ତ୍ରିପାଠୀ କହିଥିଲେ । ଅଧ୍ୟକ୍ଷା ଡ. ସ୍ମିତା ରାଣୀ ପଣ୍ଡା ସଭାରେ ଅଧ୍ୟକ୍ଷତା କରିବା ସହ ମହାବିଦ୍ୟାଳୟ ଛାତ୍ରୀମାନେ କିଭଳି ବିଭିନ୍ନ କ୍ଷେତ୍ରରେ ଆଗକୁ ବଢିଛନ୍ତି ଏବଂ ମହାବିଦ୍ୟାଳୟର କ'ଣ ଉନ୍ନତି ହୋଇଛି ସେ ସଂପର୍କରେ କହିଥିଲେ । ଉପସଭାପତି ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ଛାତ୍ରୀ ସ୍ମରଣିକା ପଣ୍ଡା ଉକ୍ତ ଉତ୍ସବକୁ ସଂଯୋଜନା କରିବା ସହ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର ମୁଖପାତ୍ର ସମନ୍ୱିତା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ପ୍ରଧ୍ୟାପିକା ପୁଷ୍ପାଞ୍ଜଳି ପଟ୍ଟନାୟକ, ସଂଯୁକ୍ତା ପଟ୍ଟନାୟକ, ସନ୍ଧ୍ୟାରାଣି ପ୍ରଧାନ, ଉର୍ମିଳା ପାଟଯୋଷି, ମଞ୍ଜୁ ପ୍ରଭା ଦାସଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ ।

# ୫ଦିନିଆ ନୂତନ ପାଠ୍ୟ ପୁସ୍ତକ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

ବାରିପଦା, (ସବ୍ୟୁ) : ସ୍ଥାନୀୟ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୫ଦିନିଆ ନୂତନ ପାଠ୍ୟ ପୁସ୍ତକ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ରାଜେଶ ଷଡ଼ଙ୍ଗୀ ଓ ବିଆରସିସି ତପସ୍ୱିନୀ ଦାଶ ଓଡିଶା ରୂପ ରେଖ-୨୦୨୫ ଉପରେ ଆଧାରିତ ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ବାରିପଦା ମ୍ୟୁନିସିପାଲିଟି ଓ ବ୍ଲକ ସ୍ଥିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମୋଟ୍ ୧୦୦ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ସାଧନ କର୍ମୀ ଭାବେ ସୌମ୍ୟ ଦାଶ, ସୁବୋଧ ଦାସ, ହରପ୍ରିୟା ପଣ୍ଡା ଓ ରନି ବାନାର୍ଜୀ ପ୍ରଶିକ୍ଷଣ ଦେଇଥିଲେ । ଆଗାମୀ ୨୦୨୬ - ୨୭ ଶିକ୍ଷାବର୍ଷରେ ୧ମ ଶ୍ରେଣୀ ଠାରୁ ୮ମ ଶ୍ରେଣୀର ୫୫ଟି ପୁସ୍ତକ ପରିବର୍ତ୍ତନ ହେବାକୁ ଯାଉଛି । ପୂର୍ବରୁ ୬ଟି ବିଷୟ ଉପରେ ପାଠ ପଢା ଯାଉଥିବାବେଳେ ଏବେ ୯ପ୍ରକାର ବିଷୟ ଉପରେ ପାଠ ପଢାଯିବ ବୋଲି ଜଣାପଡିଛି। ଏହି ପାଞ୍ଚ ଦିନ ମଧ୍ୟରେ ଶିକ୍ଷାର୍ଥୀ ମାନଙ୍କୁ ପଞ୍ଚପଦି ଯଥା ଅଧିତି, ବୋଧ, ଅଭ୍ୟାସ, ପ୍ରୟୋଗ ଓ ପ୍ରସାର ଏବଂ ପଞ୍ଚକୋଷ ଅର୍ଥାତ ଅନ୍ନ, ପ୍ରାଣ, ମନ, ବିଜ୍ଞାନ ଓ ଆନନ୍ଦ ଉପରେ ଶିକ୍ଷାଦାନର କୌଶଳ ତାଲିମ ଦିଆଯାଇଛି ବୋଲି ଡାଏଟର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଯୋଗେଶ୍ୱର ଘୋଷ ମହାପାତ୍ର ଜଣାଇଛନ୍ତି।



ଏଥିସହିତ ଜାତୀୟ ଶିକ୍ଷାନୀତି ୨୦୨୦, ଭାରତୀୟ ଜ୍ଞାନ ପରମ୍ପରା, ବିଷୟ ଭିତ୍ତିକ ଭାଷାର ପାଠ ପଢ଼ାଇବା ଶୈଳୀ, ବୃତ୍ତିଗତ, ଶାରୀରିକ ଶିକ୍ଷା ଓ ସ୍ୱଚ୍ଛତା ଉପରେ ମଧ୍ୟ ଶିକ୍ଷାଦାନ କରାଯାଇଥିଲା। ତାଲିମ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ ଶିବିର ପରିଦର୍ଶନ କରିବା ସହ ବିଦ୍ୟାଳୟରେ ଶିଶୁ କୈନ୍ଦ୍ରିକ ଶିକ୍ଷା ଦାନ ପଦ୍ଧତିର ସୁବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ।

ଏହି ନୂତନ ଶିକ୍ଷାନୀତି ୨୦୨୫ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଆଗାମୀ ଯୁବପିଢ଼ିକୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି ଶିକ୍ଷାବିତ ମାନେ ଆଶାପୋଷଣ କରିଛନ୍ତି।

# ଟ୍ରକ୍ ମାଲିକମାନଙ୍କ ସମସ୍ୟା ସମାଧାନ ପାଇଁ ଗଠନ ହେଲା ମିଳିତ କ୍ରିୟାନୁଷ୍ଠାନ କମିଟି



କଣିହାଁ, (ସବ୍ୟୁ) : ପରିବହନ କ୍ଷେତ୍ରରେ ଆଞ୍ଚଳିକ ଟ୍ରକ ମାଲିକ ମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ନେଇ ବିଭିନ୍ନ ଟ୍ରକ ସଂଘ ର କର୍ମକର୍ତା ଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଦିନ କଣିହାଁ ସ୍ଥିତ ଏନଟିପିସି ତୁଳସିରାମ ହୋଟେଲ ଠାରେ ତାଳଚେର ଟ୍ରକ ମାଲିକ ସଂଘ ସଭାପତି ଦିଲିପ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ କଣିହାଁ ଟ୍ରକ ମାଲିକ ସଂଘ ସଭାପତି ସୁନିଲ କୁମାର ପ୍ରଧାନ, ବିଜିଗୋଳ ଟ୍ରକ ମାଲିକ ସଂଘ ସଭାପତି ସବ୍ୟସାଚୀ ପାଣି, କଣିହାଁ ଆଂଚଳିକ ଟ୍ରକ ମାଲିକ ସଂଘ ସଭାପତି ଶାଶ୍ଵତ ଶାନ୍ତି ସ୍ୱରୂପ ପ୍ରଧାନ, ଗୋପାଳଜୀ ଟ୍ରକ ମାଲିକ ସଂଘ ସଭାପତଙ୍କ ପ୍ରତିନିଧି ରଣଜିତ ସାମଲ ପ୍ରମୁଖ ଅନ୍ୟାନ୍ୟ ମାଲିକ ଉପସ୍ଥିତ ଥିଲେ । ବୈଠକରେ ମୂଖ୍ୟତଃ ପାଉଁଶ ପରିବହନ ରେ ଆଞ୍ଚଳିକ ଟ୍ରକ ମାଲିକ ମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଓ ଗାଡି ଚଳାଇବା କଷ୍ଟକର ହୋଇପଡୁଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଞ୍ଚଳିକ ଟ୍ରକ ମାଲିକ ମାନଙ୍କ ସାମୁହିକ ସ୍ୱାର୍ଥକୁ ଆଖି ଆଗରେ ରଖି ସବୁ ସଂଘର ମୂଖ୍ୟ କର୍ମକର୍ତ୍ତାଙ୍କୁ ନେଇ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା । ସର୍ବସମ୍ମତି କ୍ରମେ କମିଟିର ଅଧ୍ୟକ୍ଷ ଭାବରେ ଦିଲିପ କୁମାର ପାଣି ଓ ସଦସ୍ୟ ଭାବରେ ଶାଶ୍ଵତ ଶାନ୍ତି ସରୂପ ପ୍ରଧାନ, ସବ୍ୟସାଚୀ ପାଣି, ରଣଜିତ ସାମଲ, ସତ୍ୟାନନ୍ଦ ସାହୁ, ଅଭୟ ମହାନ୍ତି, ସି ଏନ ଜେ ରଥ ଓ ଆଲୋକ କୁମାର ସାହୁ ଙ୍କୁ ମନୋନୀତ କରାଯାଇଛି । ଟ୍ରକ ମାଲିକ ସ୍ୱାର୍ଥ ସାଧନ ପାଇଁ ଉକ୍ତ କମିଟି ଆଗାମୀ ଦିନରେ ଧର୍ମଘଟ, ଆନ୍ଦୋଳନ କରିବ । କମିଟି ନିଷ୍ପତି ଅନୁଯାୟୀ ସବୁ ଟ୍ରକ ମାଲିକ ମାନି ଚାଲିବାକୁ ନିଷ୍ପତ୍ତି ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ପାଣି, ଜୟ ସାହୁ, ଉକାଲୁ ସାହୁ, ଓମ ପ୍ରକାଶ ସାହୁ, ବାପୁଜୀ ସାହୁ, ବିଜୟ ସାହୁ, ନିରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ତାଳଚେର ପୌର ପରିଷଦରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

ତାଳଚେର ,(ସବ୍ୟୁ) : ତାଳଚେର ପୌରପରିଷଦ ପକ୍ଷରୁ ରାଣୀପାର୍କ ବସ୍‌ଷ୍ଟାଣ୍ଡର ପାର୍କିଙ୍ଗ ଫି କଲେକସନ୍ ନିମନ୍ତେ ସୁରେଶ ଚନ୍ଦ୍ର ସାହୁ ଟେଣ୍ଡର ପକାଇଥିଲେ। ଉକ୍ତ ଟେଣ୍ଡର ଫି ବାବଦରେ ବର୍ଷକୁ ୧ଲକ୍ଷ ୬୫ ହାଜରର ସରକାରୀ ଟେଣ୍ଡର ରହିଥିଲା। କିନ୍ତୁ ପ୍ରତ୍ୟେକ ବସ୍ ଠାରୁ କେତେ ଟଙ୍କା ଦୈନିକ ଆଦାୟ ପାଇଁ କୌଣସି ସୂଚନା ନଥିଲା। ସେ ପୂର୍ବବର୍ଷ ଟେଣ୍ଡର ପାଇଁ ପାକିଙ୍ଗ କଲେକସନ୍ କରୁଥିଲେ ଏବଂ ପୌରପରିଷଦ ତରଫରୁ ଲିଖିତ ଆକାରରେ ପ୍ରତ୍ୟେକ ବସଠାରୁ ୧୦ଟଙ୍କା ଆଦାୟ କରାଯିବ ବୋଲି କୁହାଯାଇଥିଲା। ମାତ୍ର ବର୍ତମାନ ଟେଣ୍ଡର ଧାରୀକୁ ପ୍ରତ୍ୟେକ ବସ୍ ୧୦ଟଙ୍କା ପରିବର୍ତେ ୨୦ଟଙ୍କା ଆଦାୟ କରିବାକୁ ପୌରପରିଷଦ ତରଫରୁ ଲିଖିତ ଆକାରରେ ଦେଇଛନ୍ତି। ଯଦି ୨୦ଟଙ୍କା ହିସାବରେ ଆଦାୟ କରାଯିବାର ନିର୍ଦ୍ଦେଶ ପୂର୍ବରୁ ରହିଥାନ୍ତା ତାହା ହେଲେ ସେ ନିର୍ଦ୍ଧାରିତ ରେଟ୍ ଠାରୁ ଅଧିକ ରେଟରେ ଟେଣ୍ଡର ରେଟ୍ ସରକାରକୁ ଦେଇଥାନ୍ତେ। ମାତ୍ର ପରିତାପର ବିଷୟ କୌଣସି ସୂଚନା ପ୍ରଦାନ ନକରି ପୌରପରିଷଦ ଏହି ହୁଙ୍କା ବାଢ଼ିଆ ନିତିକୁ ସେ ତିବ୍ର ବିରୋଧ କରିବା ସହ ଏହାର ପୂର୍ନବିଚାର ପାଇଁ ଗତ ୦୨/୦୨/୨୦୨୬ରେ ତାଳଚେର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟଯେ, ଏହି ବସଷ୍ଟାଣ୍ଡକୁ ଦୈନିକ ୮୦ଟି ବସ୍ ଆସିବା ସହ ସମସ୍ତଙ୍କ ଠାରୁ ଦୈନିକ ୨୦ଟଙ୍କା ହିସାବରେ ଦିନକୁ ୧୬ଶହ ଟଙ୍କା, ମାସକୁ ୪୮ହଜାର ଟଙ୍କା ହେଉଥିବା ବେଳେ ବର୍ଷକୁ ୫ଲକ୍ଷ ୭୦ହଜାର ଟଙ୍କା ହେଉଛି। ତେବେ ଏଥିରେ ୩ଲକ୍ଷ ୮୦ହଜାର ଟଙ୍କାର କିକ୍‌ବ୍ୟାକ୍ ହୋଇଛି ବୋଲି କୁହାଯାଉଛି।

ପୁନଶ୍ଚ ତାଳଚେର ପୌରାଚଂଳ ସ୍ଥିତ ରାଣୀପାର୍କ ବସ୍ ଷ୍ଟାଣ୍ଡ ପାର୍କିଂ ଫି ଆଦାୟ ବର୍ଦ୍ଧିତ ନେଇ ତାଳଚେର ବସ୍ ମାଲିକ ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ମଧ୍ୟ ପ୍ରଦାନ କରାଯାଇଛି । ଦାବୀପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ଚଳିତ ଫେବୃୟାରୀ ମାସ ପ୍ରଥମରୁ ପୌର ପ୍ରଶାସନ ପକ୍ଷରୁ ଟେଣ୍ଡରଧାରୀଙ୍କୁ ବସ୍ ଷ୍ଟାଣ୍ଡରେ ପ୍ରତ୍ୟେକ ବସ୍ ଠାରୁ ପାର୍କିଂ ଫି ବାବଦରେ ୨୦ ଟଙ୍କା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଟେଣ୍ଡର ହେବା ପରେ ଏହା ଚଂଚକତା କରି ପାର୍କିଂ ଫି ୨୦ ଟଙ୍କାକୁ ବୃଦ୍ଧି କରାଇଛନ୍ତି । ଯାହାକି ପୂର୍ବରୁ ୧୦ ଟଙ୍କା ଥିଲା । କିନ୍ତୁ ପରିତାପର ବିଷୟ ପୌର ପ୍ରଶାସନ ପକ୍ଷରୁ ବସ୍ ଷ୍ଟାଣ୍ଡ ଭିତରେ ଯାତ୍ରୀମାନଙ୍କ ଏବଂ ବସ୍ କର୍ମଚାରୀମାନଙ୍କ ପାଇଁ କୌଣସି ପ୍ରକାରର ମୌଳିକ ସୁବିଧା ଯଥା– ବିଜୁଳି, ପରିଶ୍ରାଗାର, ପାନୀୟ ଜଳର ବ୍ୟବସ୍ଥା, ବିଶ୍ରାମାଗାର ମରାମତି ଇତ୍ୟାଦି ନକରି ଫି ବୃଦ୍ଧି କରିଥିବାରୁ ବସ୍ ମାଲିକ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇଛି । ଏ ବିଷୟରେ ଗତକାଲି ତାଳଚେର ପୌର ନିର୍ବାହୀ ଅଧିକାରୀଙ୍କ ସହିତ ଦେଖା କରି ଅବଗତ କରାଯାଇଥିଲେ ମଧ୍ୟ ତାହା ସୁଫଳ ମିଳିଲା ନାହିଁ । ଫି ବୃଦ୍ଧି ବନ୍ଦ କରାନଗଲେ ଆଗାମୀ ଦିନରେ ବସ୍ ଷ୍ଟାଣ୍ଡ ଭିତରକୁ ବସ୍ ନେବା ବର୍ଜନ କରିବା ବାଧ ହେବୁ ବୋଲି ତାଳଚେର ବସ୍ ମାଲିକ ସଂଘର ସଭାପତି ଶ୍ରୀକାନ୍ତ ପାଣି ଲିଖିତ ଭାବେ ଚେତାବନୀ ଦେଇଛନ୍ତି।

# ଗୋପାଳ ସମାଜ ପକ୍ଷରୁ ଅଗ୍ନି ଉତ୍ସବ ଓ ଲଉଡ଼ି ଖେଳ

କଣିହାଁ,(ସବ୍ୟୁ): କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ଗୋପାଳ ସମାଜ ପକ୍ଷରୁ ମାଘ ପୂର୍ଣ୍ଣିମା ଅବସରରେ ଅଗ୍ନି ଉତ୍ସବ ଓ ଲଉଡ଼ି ଖେଳ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜରଡା ପଂଚାୟତ ଅନ୍ତର୍ଗତ ଗୁଣ୍ଡୁରୀନାଳି ଗ୍ରାମର ଗୋପାଳ ସମାଜ ତରଫରୁ ମା' ମଙ୍ଗଳା ଓ ପରମେଶ୍ୱରଙ୍କୁ ଆବାହନ କରି ବିଧିକ୍ରମେ ପୂଜାର୍ଚ୍ଚନା ସହ ଅଗ୍ନି ଉତ୍ସବ ପାଳନ କରାଯାଇଥିଲା । ମଙ୍ଗଳା ମନ୍ଦିରର ପୂଜକ ଦୁଃଖବନ୍ଧୁ ବେହେରା ଓ ସହଯୋଗୀ ପୂଜକ ବିଦ୍ୟାଧର ଭୂତିଆଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇ ସନ୍ଧ୍ୟା ସମୟରେ ପୂଜା ସମାପ୍ତ ହୋଇଥିଲା । ଏହି ଅବସରରେ ପରମ୍ପରା ଅନୁସାରେ ଗୋପାଳ ମାନେ ଲଉଡ଼ି ଖେଳ ଖେଳିଥିଲେ । ଗୋପାଳ ସମାଜ ପକ୍ଷରୁ ଫାଲଗୁନ ମାସ ଯାକ ଘରେ ଘରେ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧାରାଣୀଙ୍କ ଯୁଗଳ ପ୍ରତିମା ସହ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି । ଏହି କାର୍ଯ୍ୟକ୍ରମ କଣିହାଁ ବ୍ଲକ ଅନ୍ତର୍ଗତ ଗଣ୍ଡବେରଣା, ଦଣ୍ଡସିଂହା, ଖଇରିନାଳୀ ,ଚନ୍ଦ୍ରବିଲ, ସାନତ୍ରିବିଡା, ବିଜିଗୋଳ, ଜୁଲିବନ୍ଧ ସମେତ ଅନେକ ଗ୍ରାମରେ ଗ୍ରାମର ଗୋପାଳ ସମାଜ ପକ୍ଷରୁ ଅଗ୍ନି ଉତ୍ସବ ପାଳନ କରାଯାଇଛି ।

# ରାସ୍ତା ଉପରେ ଦନ୍ତା ଉପଦ୍ରବ : ଲୋକେ ହିନସ୍ତା



ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ବନଖଣ୍ଡ ଷଡଙ୍ଗୀ ରେଞ୍ଜ ଧନିଆନାଳୀ ପୋଲ ଉପରେ ଏକ ଦନ୍ତା ହାତୀର ଉପଦ୍ରବ ଯୋଗୁ ଦୀର୍ଘ ସମୟ ଧରି ଗାଡି ଅଟକାଇବା ସହିତ ଯାତାୟତ ବନ୍ଦ କରି ରହିଥିବାର ଦେଖିବାକୁ ମିଳିଛି। ଢେଙ୍କାନାଳ ଜିଲ୍ଲା ଷଡଙ୍ଗୀ ରେଞ୍ଜ ଅନ୍ତର୍ଗତ ଧନିଆନାଳୀ ବ୍ରିଜ୍ ନିକଟର ଦନ୍ତା ହାତୀଟି ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ଛିଡା ହେବା ସହିତ ଗାଡି ଅଟକାଇ ରଖିଥିଲା।ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାଶର୍ବରେ ଶହ ଶହ ଗାଡି ଅଟକି ରହିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ହେଲେ ହାତୀକୁ ଘଉଡାଇବା ପାଇଁ ବନ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ଦୀର୍ଘ ସମୟ ପରିଶ୍ରମ ପରେ ହାତୀଟି ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିଲା।

# ଆଠମଲ୍ଲିକ ଶିକ୍ଷା ନିକେତନର ନବମ ବାର୍ଷିକ ଉତ୍ସବ

ଆଠମଲ୍ଲିକ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅଏଡା ଗ୍ରାମ ପଞ୍ଚାୟତରେ ଅବସ୍ଥିତ ସମାଧାନ ଶିକ୍ଷା ନିକେତନର ପ୍ରତିଷ୍ଠା ଦିବସ ତଥା ନବମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ରମେଶ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର କୁମାର ଲୁହା ଯୋଗଦାନ କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟସ ମହାନନ୍ଦିଆ, ଏସ ଡି ପି ଓ ସୁଶାନ୍ତ କୁମାର ତାଉଡ଼ି ଆ, ସମାଧାନ ସଂଗଠନ ର ସଭାପତି ସୁଧାଂଶୁ ଶେଖର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁ, ରବିନାରାୟଣ ସାହୁ ମଞ୍ଚାସିନା ଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭଞ୍ଜନ କ୍ଷେତି ସ୍ୱାଗତ ଦେଇଥିବା ବେଳେ ବିଦ୍ୟାଳୟ ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟକ୍ଷ ଶ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ଅରବିନ୍ଦ କ୍ଷେତ୍ରୀ, ମାତୃମଞ୍ଚ କମିଟି ସଭାନେତ୍ରୀ ମାନସୀ ରାଜ, ସମ୍ପାଦିକା ନିବେଦିତା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । କୃତି ଛାତ୍ର ଛାତ୍ରୀ, ପରିବହନ ଦାୟିତ୍ୱରେ ଥିବା ଗାଡି ଚାଳକ ମାନଙ୍କ ସହିତ, ନାଟ୍ୟ ଗୁରୁ ବିଦ୍ୟାଳୟ ନିମନ୍ତେ ଜମି ପ୍ରଦାନ କରିଥିବା ରବିନାରାୟଣ ସାହୁ ଏବଂ ପ୍ରତିଭା ସାହୁଙ୍କୁ ମଞ୍ଚ । ସିନ ଅତିଥିମାନେ ସମ୍ମାନିତ କରିଥିଲେ । କୁନି କୁନି ପିଲାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିମୋହିତ ହୋଇଥିଲେ । ସମସ୍ତ ଅଭିଭାବକ, ଅଭିଭାବିକା, ଏ ଅଂଚଳର ଜନସାଧାରଣ, ନିମନ୍ତ୍ରିତ ଅତିଥି ଉପସ୍ଥିତ ରହି ରଙ୍ଗ । ରଙ୍ଗ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଶେଷରେ ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଗୁରୁମା ପ୍ରଭାତ ନଳିନୀ କ୍ଷେତି, ଭୂମିସୁତା ସାହୁ, ଚିନ୍ମୟୀ କ୍ଷେତି, ସସ୍ମିତା ଦେହୁରୀ,ପ୍ରଭାତୀ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

# ଯୁବକଙ୍କୁ ଆକ୍ରମଣ

ଠାକୁରଗଡ଼,(ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କଣ୍ଡାଳ ଗ୍ରାମର ଟୁକେନ ନାୟକ ଙ୍କୁ ସେହି ଗ୍ରାମର ସଞ୍ଜି ମାଝୀ ଆକ୍ରମଣ କରିଥିବା ଟୁକେନ ସୋମବାର ଦିନ ହଣ୍ଡପା ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୪୦/୨୬ ରେ ଅକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଟୁକେନ ତାଙ୍କ ଘର କୁ ଗ୍ରାମ ରାସ୍ତା ରେ ଯାଉଥିବା ବେଳେ କୌଣସି କାରଣ ନ ଥାଇ ତାଙ୍କୁ ସଞ୍ଜି ଅଟକାଇ ଆକ୍ରମଣ କରିଥିବା ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି ।

# ମଦ ଜବତ, ଜଣେ ଗିରଫ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ଠାକୁରଗଡ ଅଞ୍ଚଳ ରେ ସୋମବାର ଦିନ ଠାକୁରଗଡ ପୋଲିସ ଚଢାଉ କରି ମାଧବ ରଣାଙ୍କ ଠାରୁ ୭ ଲିଟର ଚୋରା ମଦ ଜବତ କରାଯାଇଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ବେଆଇନ ଭାବରେ ଘରେ ଚୋରା ରେ ମଦ ବିକ୍ରି କରିବା ପାଇଁ ନେଉଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା । ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି ।

# ବାଇକ୍ ଜବତ, ଜଣେ ଗିରଫ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ପୋଲିସ କିଶୋରନଗର ଅଞ୍ଚଳ ରେ ଗାଡି ମଟର ଯାଞ୍ଚ କରିଛି । ଆସୁଥିବା ସମସ୍ତ ବାଇକ ଗୁଡିକକୁ ଅଟକାଇ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗରେ କିଶୋରନଗର ଥାନା ଅଞ୍ଚଳର ସୁନୀଲ ପ୍ରଧାନଙ୍କୁ ଗିରଫ କରିଛି । ଏଥିସହ ତାଙ୍କ ବାଇକ କୁ ଜବତ କରାଯାଇଛି । ଏ ନେଇ ଏକ ମାମଲା ରୁଜୁ କରାଯାଇଛି ।

# ଅଟଳ ବିହାରୀ କଲେଜର ବାର୍ଷିକ ଉତ୍ସବ

ବାସୁଦେବପୁର, (ସବ୍ୟୁ):ବାସୁଦେବପୁର ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା,କ୍ରୀଡା ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ବିଶ୍ୱ ବିଦ୍ୟାଳୟର ଖଣ୍ଡିଏକାଗଜ ଆମର ପେଟ ପୁରାଇ ପାରିବ ନାହିଁ । ଖଣ୍ଡିଏ ସାର୍ଟିଫିକେଟ ଧରି ଚାକିରି ପଛରେ ଗୋଡାଇଲେ ହେବ ନାହିଁ । ସେହି ସାର୍ଟିଫିକେଟ ରଖି ଦଶ ଜଣଙ୍କୁ ଚାକିରି ଦେବାର ମାନସିକତା ରଖିଲେ ସଫଳତା ପାଖରେ ପହଞ୍ଚି ପାରିବ । ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅଧ୍ୟକ୍ଷା ଡଃ. ଚିନ୍ମୟୀ ସେନାପତି ସଭାପତିତ୍ୱ କରିଥିବା ବେଳେ ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ବିଜୟ କୁମାର ଅଗସ୍ତୀ ସଂଯୋଜନା କରିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକା ପୁରସ୍କାର ପ୍ରାପ୍ତ କବୟତ୍ରୀ ଡଃ. ଅପର୍ଣ୍ଣା ମହାନ୍ତି ଓ ସମ୍ମାନୀତ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇଥିଲେ । ଛାତ୍ର ସଂସଦର ଅନ୍ୟତମ ଉପଦେଷ୍ଟା ରାଜେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡଃ. ସୌଦାମିନୀ ତ୍ରିପାଠୀ ଓ ଅଧ୍ୟାପକ ଅଶୋକ କୁମାର ମହାନ୍ତି ସହଯୋଗ କରିଥିଲେ ।.ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ସାନହୁଲା ସ୍ଥିତ ଶ୍ରୀ ଗଣେଶ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ର ସୁଦୀପ୍ତ ପ୍ରଧାନ ମେଧାବୃତି ରେ ସଫଳତା ପାଇଥିବା ବେଳେ ତାଙ୍କୁ ମଙ୍ଗଳବାର ଦିନ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟା ବିଜୟନୀ ସାହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମ୍ପାଦକ ଅରୁଣ କୁମାର ସାହୁ ଯୋଗ ଦେଇ ଛାତ୍ରଙ୍କୁ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ମାଳତିବେହେରା , ରଶ୍ମିତା ସାହୁ , ଲକି ପ୍ରଧାନ , ନିବେଦିତା ନାୟକ , ଗୀତା ସାମଲ , ସପ୍ନା ସାଗରିକା ବାରିକ , ଶୁଭକାନ୍ତ ସାହୁ , ଶ୍ରୀପତି ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ଘର ଉପରକୁ ଝୁଲୁଛି ବିପଦପୂର୍ଣ୍ଣ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ

ବନ୍ତ,(ସବ୍ୟୁ) :ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଅଧିନ ବାଲିଗଡିଆ ମାଇନର କେନାଲ ପାର୍ଶ୍ୱସ୍ଥିତ ବେଗନା(ବୁଡଗଡିଆ) ସାହିର ଅଭିମନ୍ୟୁ ବାରିକଙ୍କ ଘର ଉପରକୁ ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଭାବେ ଝୁଲି ରହିଛି । ଫଳରେ କେତେ ବେଳେ ଯେ ଦୁର୍ଘଟଣା ଘଟିବ ତାହା କହି ହେଉନାହିଁ । ପ୍ରକାଶ ଯେ, ନିଳୋକ ବିଦ୍ୟୁତ୍ ଷ୍ଟକଚର ଠାରୁ ବେଗନା ମଧ୍ୟ ଦେଇ ପରମାନନ୍ଦପୁର ପର୍ଯ୍ୟନ୍ତ ୧୧ କେଭି ବିଦ୍ୟୁତ୍ ଯୋଗାଣ କରାଯାଇଛି । ଏପରିପେକ୍ଷୀରେ ବେଗନା(ବୁଡଗଡିଆ) ସାହିର ଅଭିମନ୍ୟୁ ବାରିକଙ୍କ ଘର ଠାରୁ ମାତ୍ର ୧୫ ଫୁଟ୍ ଦୂରତାରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ରହିଛି । ଗତ ୨ ମାସ ହେବ ଏହି ବିଦ୍ୟୁତ୍ ଖୁଣ୍ଟଟି କୌଣସି କାରଣରୁ ଘର ଉପରକୁ ଝୁଲି ରହିଛି । ଫଳରେ ଦୁର୍ଘଟଣା ଆଶଙ୍କା କରି ଅଭିମନ୍ୟୁଙ୍କ ପରିବାରଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଏହି ବିଦ୍ୟୁତ୍ ଖୁଣ୍ଟକୁ ତୁରନ୍ତ ସ୍ଥାନାନ୍ତର କରିବା ନେଇ ସେ ବନ୍ତସ୍ଥିତ ଟିପିଏନଓଡିଏଲ କାର୍ଯ୍ୟାଳୟର ସହକାରୀ କାର୍ଯ୍ୟ ନିର୍ବାହୀ ପରିଚାଳକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ନୀଳଗିରିରେ ବୁଲୁଛନ୍ତି ଗୋରୁ ଚୋର

ନୀଳଗିରି,(ସବ୍ୟୁ) :ଏବେ ଓଡ଼ିଶାର କୋଣ ଅନୁକୋ ଣରେ ଗୋସେବକ ମାନେ ଗୋରୁ ଚାଲାଣ କାରୀ ଙ୍କୁ ରୋକୁ ଦେଉଥିବା ବେଳେ ଏବେ ଦିନରେ ନୁହଁ ରାତିରେ ଅଟୋ ଲଗାଇ ବଜାରରେ ବୁଲୁ ଥିବା ବୁଲା ଷଣ୍ଢ, ଗାଇ, ବଳଦକୁ ଉଠାଉ ଥିବାର ନଜରକୁ ଆସିଛି। ଏପରି ଏକ ଦୃଶ୍ୟ ସିସି କ୍ୟାମେରାରେ ଦେଖିବାକୁ ମିଳିଛି ନୀଳଗିରି ବଡ଼ଦାଣ୍ଡରେ ପୋଷ୍ଟ ଅଫିସ ନିକଟରେ। ରାତି ପ୍ରାୟ ୧.୪୦ମିନିଟ୍ ସମୟରେ ଏକ ଟାଟା ଏସି ଗାଡ଼ିରେ ୪–୫ଯୁବକ ଆସି ରାସ୍ତାରେ ବୁଲୁଥିବା କିଛି ଗୋରୁ କୁ ଗାଡିରେ ଭର୍ତ୍ତି କରିବା ପରେ ପୁଣି ଏକ ଷଣ୍ଢ କୁ ଆଣିବାକୁ ଯାଉଥିବା ବେଳେ ଷଣ୍ଢଟି ଧରା ନଦେବାରୁ ଗୋରୁ ଚୋର ମାନେ ସ୍ଥାନ ଛାଡି ପଳାଇ ଯାଇଥିଲେ। ଏଭଳି ଏକ ଦୃଶ୍ୟ ସିସି କ୍ୟାମେରାରେ ଦେଖିବାକୁ ମିଳିଛି। ଏଥିପ୍ରତି ପୋଲିସ ନାଇଟ୍ ପେଟ୍ରୋଲିଂକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ଡିଜେ ନିଷେଧ,ମେଳା ପଡିଆରେ ଯାତ୍ରା ପରିବେଷଣ ବନ୍ଦ ନିଷ୍ପତ୍ତି

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ପ୍ରସିଦ୍ଧ ପତିରାଜପୁର ମେଳା ଆଉ ୧ମାସ ଥିବା ବେଳେ ଏବେ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ମେଳା ମଣ୍ଡପରେ ପିତାମ୍ବର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାତ୍ରୀଙ୍କ ଆଗମନ ତଥା ଯାତାୟାତକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଡିଜେ ସମ୍ପୂର୍ଣ୍ଣ ନିଶିଦ୍ଧ ରଖିବା ତଥା ପୁର୍ବରୁ ଯାତ୍ରା ହେଉଥିବା ପଡିଆରେ ପ୍ରବଳ ଜନସମାଗମକୁ କୁ ଗୁରୁତ୍ୱ ଦିଆଯାଇ ଏଥରେ ଏହି ପଡିଆରେ ଯାତ୍ରା ପରିବେଷଣ ପାଇଁ ଅନୁମତି ଦିଆନଯିବାକୁ ନିଷ୍ପତ୍ତି ନିଆଯାଇଛି ଏବଂ ଏ ସଂକ୍ରାନ୍ତରେ କମିଟି ତରଫରୁ ଖଇରା ପୋଲିସକୁ ଅବଗତ କରାଯିବ । ଚଳିତ ବର୍ଷ କିଛି ଦିବଂଗତ ସଦସ୍ୟଙ୍କ ସ୍ଥାନରେ ନୂତନ ସଦସ୍ୟ ଗ୍ରହଣ କରାଯାଇଥିବା ବେଳେ ରାଧାକୃଷ୍ଣ ମନ୍ଦିର ସମ୍ପୂର୍ଣ୍ଣ ଉପରେ ଅନ୍ୟମନ୍ଦିର ମାଲିକଙ୍କ ସହଯୋଗ କାମନା କରାଯାଇଥିଲା ।ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ,ଉପସଭାପତି ପ୍ରତାପ କୁମାର ପଣ୍ଡା,ସମ୍ପାଦକ ଗୌରାଙ୍ଗ ପାଣି,ନିର୍ମଳ ଚନ୍ଦ୍ର ପଣ୍ଡା,ସମ୍ପଦ ଘଡେଇ,କ୍ଷେତ୍ରମୋହନ ଖଟୁଆ,ବାଳକୃଷ୍ଣ ଦାଶ,ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ରଞ୍ଜନ ଟାଟା ଷ୍ଟିଲ ଫାଉଣ୍ଡେସନର ଚେଞ୍ଜମେକର




ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେସନର ଚେଞ୍ଜମେକର ଓଡ଼ାପଡ଼ା ବ୍ଲକ ସାରିଆପଡା ଗ୍ରାମର ବିଶ୍ୱରଞ୍ଜନ ନାଏକଙ୍କୁ ଚେଞ୍ଜମେକର ସମ୍ମାନରେ ସମ୍ମାନୀତ କରାଯାଇଛି। ଦକ୍ଷ ନେତୃତ୍ୱ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ମାତ୍ର ୧୮ ବର୍ଷ ବୟସରେ ସାମାଜିକ କର୍ମୀ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସାରିଆପଦା ଗ୍ରାମର ବିଶ୍ୱରଞ୍ଜନ ନାଏକଙ୍କୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଜାମସେଦପୁରଠାରେ ଆୟୋଜିତ ପ୍ରତିଷ୍ଠିତ ଯୁବ ସମ୍ମିଳନୀ ଧ୍ୱନୀରେ ତାଙ୍କୁ ସମ୍ମାନଜନକ ଚେଞ୍ଜମେକ ସମ୍ମାନ ପ୍ରଦାନ କରାଯାଇଛି।ଏହି ପୁରସ୍କାର ବିଶ୍ୱରଞ୍ଜନଙ୍କ ଜୀବନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୂହୁର୍ତ୍ତ, ଯେଉଁଠାରେ ସେ ଅନିଶ୍ଚିତ କିଶୋରରୁ ଜଣେ ଆତ୍ମବିଶ୍ୱାସୀ ଯୁବ ନେତା ହୋଇ ନିଜ ଗାଁରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ ଦାୟିତ୍ୱବୋଧ ଉପରେ ସମ୍ବାଦକୁ ଆଗକୁ ବଢ଼ାଇବା ପାଇଁ ନେତୃତ୍ୱ ନେଇ ନୂତନ ପରିଭାଷା ସୃଷ୍ଟି କରିପାରିଛନ୍ତି। ଉଚିତ୍ ମାର୍ଗଦର୍ଶନ ଏବଂ ସୁସଂଗଠିତ ଯୁବ କାର୍ଯ୍ୟକ୍ରମ ମାଧ୍ୟମରେ କିଭଳି ଦକ୍ଷ ନେତୃତ୍ୱ ସୃଷ୍ଟି କରାଯାଇପାରିବ, ତାହା ବିଶ୍ୱରଞ୍ଜନ ପ୍ରମାଣିତ କରିଛନ୍ତି। ୩ ବର୍ଷ ତଳେ ଗ୍ରାମର ଜଣେ ଆଶାକର୍ମୀଙ୍କ ପରାମର୍ଶରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ରିସ୍ତା କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ଯୋଗ ଦେଇଥିଲେ । ଫାଉଣ୍ଡେସନର ପରାମର୍ଶଦାତା ଝରଣା ବେହେରାଙ୍କ ମାର୍ଗଦର୍ଶନ ଯୋଗୁ ସେ ନିଜ ଗାଁରେ ରିସ୍ତା କାର୍ଯ୍ୟକ୍ରମରେ ଆଗରେ ରହି ନେତୃତ୍ୱ ନେଇପାରିଛନ୍ତି। ଫାଉଣ୍ଡେସନ ପକ୍ଷରୁ ମିଳିଥିବା ସାଥିଆ ତାଲିମ ତାଙ୍କୁ କିଶୋର ଅବସ୍ଥାର ଶାରୀରିକ ଓ ମାନସିକ ସମସ୍ୟାକୁ ବୁଝିବାରେ ଏବଂ ଅନ୍ୟମାନଙ୍କୁ ବୁଝାଇବାରେ ବେଶ୍ ସହାୟକ ହୋଇଛି।ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୩ ଦିନିଆ 'ସାଥିଆ' ତାଲିମ ଶିବିର ତାଙ୍କ ପାଇଁ ଅତ୍ୟନ୍ତ ସହାୟକ ହୋଇଥିଲା। ଏହି ଶିବିର ଯୋଗୁ ସେ କିଶୋର ଅବସ୍ଥାରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାଗୁଡ଼ିକୁ ଭଲ ଭାବେ ବୁଝିପାରିଥିଲେ। ଏହି ଅଭିଜ୍ଞତାକୁ ଆଧାର କରି ବିଶ୍ୱରଞ୍ଜନ ସାରିଆପଦା ଗ୍ରାମରେ ଏକ ଯୁବ ରିସୋର୍ସ କ୍ଲବ୍ ଗଠନ କରିଥିଲେ। ବର୍ତ୍ତମାନ ଏହି କ୍ଲବ୍ ସହିତ ପ୍ରାୟ ୨୦ରୁ ୨୫ ଜଣ କିଶୋର ଯୋଡ଼ି ହୋଇ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଶିକ୍ଷା ଏବଂ ସାମାଜିକ ସମସ୍ୟା ଭଳି ବିଭିନ୍ନ ପ୍ରସଙ୍ଗରେ ଖୋଲାଖୋଲି ଭାବେ ଆଲୋଚନା କରୁଛନ୍ତି। ବିଶେଷ କରି ବାଲ୍ୟବିବାହ ରୋକିବା, ଏଡସ ସଚେତନତା ଏବଂ ଋତୁସ୍ରାବ ସମୟରେ ସ୍ୱଚ୍ଛତା ରକ୍ଷା ଭଳି ସମ୍ବେଦନଶୀଳ ବିଷୟରେ ସେମାନେ ପଥପ୍ରାନ୍ତ ନାଟକ ଓ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ଶିକ୍ଷିତ କରୁଛନ୍ତି।ବିଶ୍ୱରଞ୍ଜନଙ୍କ ପ୍ରଚେଷ୍ଟାରେ ଅଧାରୁ ପାଠପଢ଼ା ଛାଡିଥିବା ୫ ଜଣ ପିଲା ପୁନଶ୍ଚ ବିଦ୍ୟାଳୟକୁ ଫେରି ପାରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଶିଶୁ ଶ୍ରମିକ ମଧ୍ୟ ଅଛନ୍ତି।ସେ ବିଶ୍ୱରଞ୍ଜନଙ୍କ ପ୍ରଚେଷ୍ଟାରେ ପ୍ରୋତ୍ସାହିତ ହୋଇ ପୁଣି ପାଠ ପଢ଼ିବା ଆରମ୍ଭ କରିଛନ୍ତି। ତାଙ୍କ କାଉନସେଲିଂ ଦ୍ୱାରା ୫ ଜଣ ଯୁବକ ନିଶା କବଳରୁ ମୁକ୍ତ ହୋଇ ସାଧାରଣ ଜୀବନଯାପନ କରୁଛନ୍ତି । ଜଣେ ରାଜ୍ୟସ୍ତରୀୟ କବାଡି ଖେଳାଳି ଭାବେ ସେ ଗ୍ରାମର କୁନି ଖେଳାଳିମାନଙ୍କୁ ମାଗଣାରେ ତାଲିମ ମଧ୍ୟ ପ୍ରଦାନ କରୁଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନର ନିରନ୍ତର ସହଯୋଗ ଓ ବିଶ୍ୱରଞ୍ଜନଙ୍କ ନିଜସ୍ୱ ଉଦ୍ୟମ ଯୋଗୁ ସାରିଆପଦା ଭଳି ଏକ ଛୋଟ ଗ୍ରାମରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ତାଙ୍କୁ ଜାତୀୟ ମଞ୍ଚରେ ସମ୍ମାନିତ କରିଛି। ଏଭଳି ଯୁବ ଚେଞ୍ଜମେକ ମାନଙ୍କୁ ପ୍ରୋତ୍ସାହିତ କରି ଟାଟା ଷ୍ଟିଲ ଫାଉଣ୍ଡେସନ, ଓଡ଼ିଶାରେ ଏକ ସୁସ୍ଥ, ଅନ୍ତର୍ଭୁକ୍ତ ଏବଂ ସମର୍ଥ ସମାଜ ଗଠନ ଦିଗରେ ନିଜର ପ୍ରୟାସ ଜାରି ରଖିଛି।

# ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ



ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସଦରବ୍ଲକ ମାଣିପୁର ପଞ୍ଚାୟତ ଦେଓପଡା ସ୍ଥିତ ମା ସରସ୍ୱତୀ ଶିକ୍ଷା ମନ୍ଦିର ପକ୍ଷରୁ ୧୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ପରିପ୍ରେକ୍ଷିରେ ସ୍କୁଲର କୁନି କୁନି ପିଲା ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟାଇକୋଣ୍ଡୋ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜେପି ନେତା କୋଦଣ୍ଡଧର ସାହୁ,ମୁଖ୍ୟ ବକ୍ତା ଭାବେ କେ ଡି ଇନଫ୍ରାଟେକ ଚେୟାରମ୍ୟାନ ମାତୃପ୍ରସାଦ ଦାସ,ସମ୍ମାନିତ ଅତିଥି ଭାବେ ଅଭିମନ୍ୟୁ ବେହେରା ଓ ଦେବାଶିଷ ଜେନା ପ୍ରମୁଖ ଯୋଗ ଦେଇଥିଲେ।ପିଲା ମାନଙ୍କୁ ଶିକ୍ଷା ସହିତ ଶୃଙ୍ଖଳା ଓ ଭଲ ମଣିଷ ହେବା ପାଇଁ ଉଚିତ ମାର୍ଗ ଦେଖାଇବା ପରିବାର ତଥା ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି କୋଦଣ୍ଡଧର ସାହୁ କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁପ୍ରିୟା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ସୋମ୍ୟା ମହାନ୍ତି ବିବରଣୀ ପାଠ କରିଥିଲେ।ସ୍କୁଲର ଶିକ୍ଷୟତ୍ରୀ ବର୍ଷାରାଣୀ ମହାରଣା ଧନ୍ୟବାଦ ଦେଇଥିଲେ। ପରିଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଢୁଙ୍ଗୁରା ସତସଙ୍ଗ କେନ୍ଦ୍ର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ପାଳିତ ହୋଇ ଯାଇଛି । ଉକ୍ତ ଦିବସବ୍ୟାପି କାର୍ଯ୍ୟକ୍ରମରେ ୫ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ । ସକାଳେ ଉଷାକୀର୍ତ୍ତନ,ବିନତୀ ପ୍ରାର୍ଥନା ଓ ଧର୍ମଗ୍ରନ୍ଥାଦୀ ପାଠ ପରେ ଧର୍ମାଲୋଚନା ଅନୁଷ୍ଠିତ ହୋଇଥିଲା । ।ଏଥିରେ ସହପ୍ରତିରିତିକ ସମିରଣ ଦେ ଓ ଭୁବନେଶ୍ୱରରୁ ଆସିଥିବା ଅଭିଜିତ ପାଣିଗ୍ରାହୀ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇ ଠାକୁରଙ୍କ ଦର୍ଶନ,ଆଦର୍ଶ ଓ ଜୀବନର ସଠିକ ପଥ ସମ୍ପର୍କରେ ମାର୍ମିକ ବାଣି ଶୁଣାଇଥିଲେ । ପରେ ମାତୃମଣ୍ଡଳୀ ଉପସ୍ଥିତିରେ ଅନୁଷ୍ଠିତ ମାତୃସମ୍ମିଳନୀ ମାମାନଙ୍କର ଆଚରଣ ଉଚ୍ଚାରଣ ଶୁଦ୍ଧ ହେଲେ ଏହାର ପ୍ରଭାବ ସନ୍ତାନ ଉପରେ ନିଶ୍ଚୟ ପଡିବ ବୋଲି କହିଥିଲେ । ଏହି ଅବସରରେ ଡା ଉପେନ୍ଦ୍ର ଖଟୁଆ ଓ ରାଧାରଞ୍ଜନ ଦାସଙ୍କ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଡା ଶୁଭଙ୍କର ଦାସ,ଡା ଆଦିତ୍ୟ ପାଣିଗ୍ରାହୀ,ଡା କମଳାକାନ୍ତ ରାଉତ,ଡା ଅନୁପ କୁମାର ଧଡା,ଡା ଲକ୍ଷ୍ମୀଧର ନାୟକ,ଡା ମାନସ କୁମାର ଦାସ ଓ ଡା ସରୋଜ କୁମାର ମହାନ୍ତି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ମାଗଣା ଔଷଧ ବିତରଣ କରାଯାଇଥିଲା । ।। ସେହିଭଳି ଶନିବାରର ଦ୍ୱିତୀୟ ସଂନ୍ଧ୍ୟାରେ ବୁଦ୍ଧିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ତହସିଲଦାର ଅମିତ ରଞ୍ଜନ ହୋତା ମୁଖ୍ୟଅତିଥୀ, ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ରାଉତ,ଏଲଆଇସି ଅଧିକାରୀ ଡଃ ଗୌରଚନ୍ଦ୍ର ପଣ୍ଡା,ପ୍ରାକ୍ତନ ଜିଲା ପରିଷଦ ରାଧାକାନ୍ତ ପାତ୍ର,ଯୁବନେତା ଅଶୋକ କୁମାର ଦାସମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

## ଯୌତୁକ ଜୁଇରେ ଗର୍ଭବତୀ ସୁଭଦ୍ରା : ଶାଶୂ ଗିରଫ

ଆଗରପଡ଼ା,(ସବ୍ୟୁ): ଆଗରପଡ଼ା ଥାନା ଅନ୍ତର୍ଗତ ଆଡ଼ିଆ ପଞ୍ଚାୟତ ଓଲତାଙ୍ଗ ଗ୍ରାମର ସୁଦର୍ଶନ ପଣ୍ଡାଙ୍କ ପୁଅ ଜ୍ୟୋତିରଂଜନ ବୈଦିକ ରୀତିରେ ଭଦ୍ରକ ଗ୍ରାମାଂଚଳ ଥାନା ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ବାଲେଶ୍ୱରସାହ ଗ୍ରାମର ସୁରେନ୍ଦ୍ର ପଣ୍ଡାଙ୍କ ଜ୍ୟେଷ୍ଠ କନ୍ୟା ସୁଭଦ୍ରା(୨୧)ଙ୍କୁ ବିବାହ କରିଥିଲେ। ଦାବୀ ମୁତାବକ ଆବଶ୍ୟକୀୟ ଯୌତୁକ କନ୍ୟାଘର ପକ୍ଷ ପ୍ରଦାନ କରିଥିଲେ। ବିବାହର କିଛିମାସ ପରେ ଆହୁରି ଅଧିକ ଲକ୍ଷେ ଟଙ୍କା ଆଣିବାକୁ ଦାବୀ କରି ଶ୍ୱଶୁର ଘର ଲୋକେ ତାଙ୍କୁ ଶାରୀରିକ ତଥା ମାନସିକ ଯନ୍ତ୍ରଣା ଦେଉଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ନିର୍ଯାତନାକୁ ସହ୍ୟ କରି ନପାରି ସୁଭଦ୍ରା ବାପଘରକୁ ପଳାଇ ଆସୁଥିଲେ ଓ ପରେ ବୁଝାସୁଝା କରି ସୁଭଦ୍ରାଙ୍କୁ ତାଙ୍କ ସମ୍ପର୍କୀୟମାନେ ଶ୍ୱଶୁର ଘରେ ଛାଡ଼ି ଆସୁଥିଲେ। ଗତ ୨ତାରିଖ ଦିନ ସୁଭଦ୍ରା ଆତ୍ମହତ୍ୟା କରିଛନ୍ତି ବୋଲି ଖବରପାଇ ବାପଘର ଲୋକେ ଯାଇ ଆଗରପଡ଼ା ମେଡିକାଲରେ ସୁଭଦ୍ରାଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ । ସେଠାରେ ତାଙ୍କ ଶ୍ୱଶୁର ଘର ଲୋକେ କେହି ନଥିବାର ଦେଖିବାକୁ ପାଇଥିଲେ। ଝିଅକୁ ମାରି ଦିଆଯାଇଛି ବୋଲି ଅଭିଯୋଗ କରି ମୃତାଙ୍କ ମାଆ ତିଳୋତ୍ତମା ଥାନାରେ ଏଫଆଇଆର ଦେଇଥିଲେ। ଥାନା କେସ ନଂ-୨୩/୨୬ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଶାଶୂ ନମିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତ ସ୍ୱାମୀ ଜ୍ୟୋତିରଂଜନ,ଦିଅର ତପନ,ଶ୍ୱଶୁର ସୁଦର୍ଶନ ଫେରାର ଥିବାରୁ ଗିରଫ କରାଯାଇପାରି ନାହିଁ ବୋଲି ଥାନାଧିକାରୀ ସୁଜାତା ଖମାରୀ ସୂଚନା ଦେଇଛନ୍ତି। ସୁଭଦ୍ରା ମଧ୍ୟ ୩ମାସର ଗର୍ଭବତୀ ଥିଲେ। ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇ ପୋଲିସ ଅଧିକ ତଦନ୍ତ କରି ରଖିଛି।

## ଜଙ୍ଗଲୀଜନ୍ତୁଙ୍କ ଦେହାବଶେଷ ଉଦ୍ଧାର ଦୁଇ ଶିକାରୀ କୋର୍ଟଚାଲାଣ

ନୀଳଗିରି, (ସବ୍ୟୁ): ନୀଳଗିରି ବନବିଭାଗ ଦ୍ୱାରା ବାରମ୍ବାର ଚଢ଼ାଉ ଜାରିରହିଥିବା ବେଳେ ଅଧିକାଂଶ ସମୟରେ ଶିକାରୀ ଧରାପଡ଼ିବା ଏବଂ ଗିରଫହେବା ସାମ୍ନାକୁ ଆସିଛି। ଗତ ଜାନୁଆରୀ ୨୨ତାରିଖ ୧୨ରେ ୨୦୨୫/୨୬ଅନୁଯାୟୀ ପୁଣି ଦୁଇଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।ସେମାନଙ୍କ ନିକଟରୁ ଗୋଟିଏ ହରିଣ ଶିଙ୍ଗ,ଜଙ୍ଗଲି ବାରହା ର ୪ଟିଦାନ୍ତ, ଦୁଇଟି ମୋବାଇଲ ଏବଂ ଗୋଟିଏ ଜୀବନ୍ତ ପକ୍ଷୀ ଉଦ୍ଧାର କରିଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ମୋଟ ୫ଜଣଙ୍କୁ ଗିରଫ କରାଯାଇଥିବା ଜୁଲାଇରୁ ରେଞ୍ଜଅଧିକାରୀ ସୂଚନା ଦେଇଛନ୍ତି

## ନିଆଁରେ ପୋଡିହୋଇ ବୃଦ୍ଧା ଗୁରୁତର

ସୋର,(ସବ୍ୟୁ): ଊପଦା ବ୍ଲକ ଅରିଲଢୋଦା ଗ୍ରାମର ଜଣେ ବୃଦ୍ଧା ଚୁଲି ନିକଟରେ ବସିଥିବା ବେଳେ ଶାଢ଼ୀରେ ନିଆଁ ଲାଗିବାରୁ ପୋଡିହୋଇ ବୃଦ୍ଧା ଜଣଙ୍କ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଏହି ଗ୍ରାମର ରତ୍ନମଣି ରାଉତ(୬୨) ମଙ୍ଗଳବାର ସକାଳେ ରୋଷେଇ ହେଉଥିବା ଚୁଲି ନିକଟରେ ବସିଥିବା ବେଳେ ତାଙ୍କ ପିନ୍ଧା ଶାଢୀରେ ନିଆଁ ଲାଗି ଦେହର ବିଭିନ୍ନ ସ୍ଥାନ ପୋଡିଯାଇଥିଲା।ଫଳରେ ଗୁରତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ଶୋଚନୀୟ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି ।

## ବାଲିଆପାଳ ବ୍ଲକ କେନ୍ଦୁବାଡିଆରେ ବିଜେଡିର ମିଶ୍ରଣ ପର୍ବ




ବାଲେଶ୍ୱର,(ସବ୍ୟୁ): ଗ୍ରା ନିର୍ବାଚନ ମଙ୍ଗଳା ନିକଟରେ ଜନତା ଦଳ ପକ୍ଷରୁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ କାମକୁଣ୍ଡା ପଞ୍ଚାୟତର କେନ୍ଦୁବାଡିଆ ଠାରେ ଶୁକ୍ରବାର ଦିନ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କାମକୁଣ୍ଡା ପଞ୍ଚାୟତ ବିଜେଡି ସଭାପତି ବସନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କେନ୍ଦୁବାଡିଆ ଗ୍ରାମର ୧୮ ନମ୍ବର ୱାର୍ଡର ମଧ୍ୟ ସେଠିଙ୍କ ବାସଭବନରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ୧୦ ରୁ ଊର୍ଦ୍ଧ୍ୱ ପରିବାର ର ୧୦୦ ଜଣରୁ ଅଧିକ ଅନ୍ୟ ଦଳର କର୍ମୀ ଆସି ବିଜେଡିରେ ଯୋଗଦେଇଥିଲେ।ଏହି କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଦଳକୁ ନିର୍ବାଚନରେ ବାଲିଆପାଳ ମାଟିର ଝିଅ ଏବଂ ବସ୍ତା ମାଟିର ବୋହୂ ହିସାବରେ ଲୋକମାନଙ୍କର ସେବା କରିବ ବୋଲି କହିବା ସହିତ ସମସ୍ତଙ୍କୁ ଉତ୍ତରୀ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଜିଲ୍ଲା ପରିଷଦ ସଭ୍ୟା ଅଶ୍ରେୟାରଣ ଜେନା, ନିଶାକର ସେଠି, ବରିଷ୍ଠ ବିଜେଡି ନେତା ସୁଧାଂଶୁ ବାରିକ, ବ୍ରଜକିଶୋର ବିଶ୍ୱାଳ, ପଞ୍ଚାନନ ଦାସ ଓ ନିତ୍ୟାନନ୍ଦ ମହାନ୍ତିଙ୍କ ସମେତ ବହୁ ବିଜେଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ର ନୀତି ଆଦର୍ଶ ଏବଂ ସର୍ବଦଳ ବସ୍ତା ବିଧାୟିକାଙ୍କ ଲୋକାଭିମୁଖୀ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେଡି ପରିବାରରେ ସାମିଲ ହୋଇଥିବା ନବାଗତ ସଦସ୍ୟ ଚଇତନ୍ୟ ମହାନ୍ତି, ସରୋଜ ପରିଡା, ଅଶୋକ ଧଳ, ଶ୍ରୀମତୀ କୌଶଲ୍ୟା ସେଠି, ଅଶୋକ ଧଳ, ହରେକୃଷ୍ଣ ରଙ୍ଗ, ବାସନ୍ତୀ ଧଳ ଓ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ପ୍ରକାଶ କରିଥିଲେ।

## ଧରଣୀଧର ମେଡିକାଲ କଲେଜରେ ନାହିଁ ରକ୍ତଭଣ୍ଡାର : ସମସ୍ୟାରେ ଗୁରୁତର ରୋଗୀ

କେନ୍ଦୁଝର, (ଜିପ୍ର):କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ଚିକିତ୍ସାଳୟରେ ରକ୍ତଭଣ୍ଡାର ନଥିବାରୁ ଗୁରୁତର ରୋଗୀଙ୍କ ପାଇଁ ରକ୍ତ ଯୋଗାଡ଼ କରିବା ଲାଗି ସମ୍ପର୍କୀୟ ମାନେ ୬ କିମି ଦୂର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତଭଣ୍ଡାରକୁ ଯାଉଛନ୍ତି। କେନ୍ଦୁଝର ସହର ଉପକଣ୍ଠ ବୋଦାପଡ଼ା ପଞ୍ଚାୟତ ପଡ଼ିଆ ଗ୍ରାମରେ ୫୩୦ କୋଟି ଟଙ୍କା ବ୍ୟୟରେ ୪୧.୬୦ ଏକର ପରିମିତ ଅଞ୍ଚଳରେ ନିର୍ମାଣ ହୋଇଛି ଧରଣୀଧର ମେଡିକାଲ କଲେଜ। ୧୦୦ ଏମ ବିବି ଏସ ସିଟ ଏବଂ ୪୩୦ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜରେ ୨୦୨୨ରୁ ପାଠପଢ଼ା ଆରମ୍ଭ ହୋଇଛି। ଶିକ୍ଷାଦାନ ଓ ରୋଗୀ ସେବା ପାଇଁ ଶତାଧିକ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି। ଉନ୍ନତି ଚିକିତ୍ସା ସେବା କରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକେ ଏଠାକୁ ଆସୁଛନ୍ତି। ମେଡିକାଲ କଲେଜରେ ରକ୍ତଭଣ୍ଡାର ନଥିବାରୁ ଜରୁରୀ ପରିସ୍ଥିତିରେ ଗୁରୁତର ରୋଗୀଙ୍କ ପାଇଁ ରକ୍ତ ଯୋଗାଡ କରିବାରେ ସମସ୍ୟା ହେଉଛି। ବିଶେଷ କରି ଦୁର୍ଘଟଣାଗ୍ରସ୍ତ ରୋଗୀ ମେଡିକାଲ କଲେଜକୁ ଗଲେ, ସେମାନଙ୍କ ଲାଗି ରକ୍ତ ସଂଗ୍ରହ କରିବାପାଇଁ ସମ୍ପର୍କିତ ମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପକ୍ଷରେ ଆସନ୍ତା ମାସରେ ମେଡିକାଲ କଲେଜରେ ସ୍ତ୍ରୀ ପ୍ରସୂତି ଏବଂ ଶିଶୁ ବିଭାଗର ଆଉଟ ଡୋର୍ ଖୋଲାଯିବ ବୋଲି ସ୍ଥିର ହୋଇଛି। ଏହି ବିଭାଗ ଖୋଲିଲେ ପ୍ରତ୍ୟେକ ଦିନ ସର୍ବନିମ୍ନ ୫୦ ୟୁନିଟ ରକ୍ତ ଆବଶ୍ୟକ ହେବ । ଏହି ଆବଶ୍ୟକତା କରିବା ପାଇଁ ରକ୍ତଭଣ୍ଡାର ଖୋଲିବା ନିହାତି ଆବଶ୍ୟକ। ମେଡିକାଲ କଲେଜରେ ରକ୍ତ ଗଛିତ ରହିବା ପାଇଁ ଅନୁମତି ମିଳିଛି। ମାତ୍ର ରକ୍ତ ଭଣ୍ଡାର ଖୋଲିବାକୁ ଅନୁମତି ନାହିଁ। ରକ୍ତଭଣ୍ଡାର ଖୋଲିବାକୁ ଆହୁରି ୬ମସ ଲାଗିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ମେଡିକାଲ କଲେଜର ଅଧୀକ୍ଷକ ଡାକ୍ତର ମହେନ୍ଦ୍ର ନାୟକ କହିଛନ୍ତି। ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ପ୍ରତିକ୍ରିୟା ଆରମ୍ଭ ହୋଇଛି।ଆଉ କିଛି ମାସ ମଧ୍ୟରେ କାମ ଆରମ୍ଭ ହେବ।

## ଧୂଷୁରୀରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଅସୁରାଳି,(ସବ୍ୟୁ): ଧୂଷୁରୀରେ ପୂର୍ବ ବିବାଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖା ଦେଇଛି।ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ଏବଂ ଧୂଷୁରୀ ଥାନାରେ ପୃଥକ ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡିଛି।କୌଣସି କାରଣକୁ ନେଇ କିଛିଦିନ ତଳେ ଧୂଷୁରୀ ପଞ୍ଚାୟତ ଅଧୀନ ହରିହଂସ ଏବଂ ଓଲଟପୁର ଗ୍ରାମର ଯୁବକଙ୍କ ମଧ୍ୟରେ ବିବାଦ ଉପୁଜିଥିଲା।ଦୁଇ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ଚାପା ଅସନ୍ତୋଷ ଲାଗି ରହିଥିବା ବେଳେ ସୋମବାର ସନ୍ଧ୍ୟାରେ ଉଭୟ ପକ୍ଷ ହଠାତ ମୁହାଁମୁହିଁ ହୋଇଥିଲେ।ଉତ୍ତେଜନା ପ୍ରକାଶ ପାଇବା ସହ ପରସ୍ପର ଏକପ୍ରକାର ଆକ୍ରମଣାତ୍ମକ ସ୍ଥିତିକୁ ଚାଲି ଆସିଥିଲେ।ଖ ବରପାଇ ଧୂଷୁରୀ ପୁଲିସ ଘଟଣା ସ୍ଥାନରେ ପହଞ୍ଚି ବିଗୁଡୁଥିବା ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ମଧ୍ୟ ପୁଲିସ ଉପରକୁ ଢେଲା ମାଡ଼ ହୋଇଥିଲା।ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା।ଏହି ଘଟଣାରେ ଦୁଇ ପକ୍ଷଙ୍କ ଅଭିଯୋଗକୁ ଆଧାର କରି ଧୂଷୁରୀ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି।ହରିହଂସ ଗ୍ରାମର ସୀତା ଦାସଙ୍କ ଏତଲା କ୍ରମେ କେସ ନଂ-୪୩/୨୬ରେ ଓଲଟପୁର ଅଞ୍ଚଳର ୬ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।ଅନ୍ୟପକ୍ଷରେ ଓଲଟପୁରର ସିଦ୍ଧାନ୍ତ ସେଠୀଙ୍କ ଏତଲାକୁ ଭିତ୍ତିକରି କେସ ନଂ-୪୪/୨୬ରେ ହରିହଂସ ଅଞ୍ଚଳର ୪ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଓ ଚାପା ଉତ୍ତେଜନା ଲାଗି ରହିଛି।

## କୂପେଶ୍ୱର ମନ୍ଦିର ଚୋରି

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀର ଆରାଧ୍ୟ ବାବା କୁପେଶ୍ୱର ମନ୍ଦିରରୁ ରବିବାର ରାତିରେ ଚୋରୀ ହୋଇ ଯାଇଥିବା ନେଇ ପୁଜକ ଭାଗବତ ପଣ୍ଡା ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଚୋର ମାନେ ମନ୍ଦିର ଗ୍ରିଲ ଓ କବାଟ ଭାଙ୍ଗି ସମସ୍ତ ଅଳଙ୍କାର,ହାତ ଘଣ୍ଟା ତଥା ସମସ୍ତ ପିତ୍ତଳ ସାମଗ୍ରୀ ଚୋରାଇ ନେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି । କିଛି ଦିନର ବ୍ୟବଧାନରେ ଏହା ଦିତୀୟ ଚୋରୀ ହୋଇଥିବାରୁ କୁପାରୀ ଗ୍ରାମବାସୀ ପୋଲିସର ଦକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି ।

## ଅଚାନକ ଛଟେଇ ଖବର ଶୁଣି ଟାଟା ପାୱାର ମହିଳା କର୍ମଚାରୀ ବେହୋସ

ଦୋବଲ,(ସବ୍ୟୁ): ଧାମନଗର ଟାଟା ପାୱାର ଅଧୀନରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କ ଅଚାନକ ଛଟେଇ ଘଟଣା ଅଂଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଛଟେଇର ଖବର ଶୁଣି ମହିଳା କର୍ମଚାରୀ ଅଚାନକ ବେହୋସ୍ ହୋଇ ପଡିଥିବାବେଳେ,ତାଙ୍କୁ ତୁରନ୍ତ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ମହିଳା କର୍ମଚାରୀ ହେଲେ ଦୋବଲ ପଞ୍ଚାୟତ ଇଟୁଆ ଗ୍ରାମର ମାନସୀ ବାରିକ। ସେ ପ୍ରାୟ ୪ବର୍ଷ ଧରି ଧାମନଗର ଟାଟା ପାୱାର କଷ୍ଟମର କେୟାର ବିଭାଗରେ କାର୍ଯ୍ୟରତ ଥିଲେ। ସୋମବାର ଦିନ ଡିଉଟି ସମୟରେ ତାଙ୍କୁ ଆଉ ଚାକିରି ନଥିବା ସୂଚନା ଦିଆଯାଇଥିଲା। ଏହି ଖବର ଶୁଣି ସେ ଅସୁସ୍ଥ ହୋଇ ବେହୋସ୍ ହୋଇ ପଡିଥିଲେ। ସହକର୍ମୀମାନେ ତୁରନ୍ତ ଉଦ୍ଧାର କରି ଧାମନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ଘଟଣାର ସୂଚନାପାଇ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ଭଦ୍ରକ ସଂଘର ସାଧାରଣ ସମ୍ପାଦକ ଦୀପକ ବାରିକ ଓ ଅର୍ଗାନାଇଜିଂ ସେକ୍ରେଟାରୀ ବସନ୍ତ ମହାନ୍ତି ମେଡିକାଲରେ ପହଂଚି ମାନସୀ ବାରିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ସେମାନେ ଟାଟା ପାୱାର ଓ ସଂପୃକ୍ତ ଏଜେନ୍ସିଙ୍କ ମନମାନି ଛଟେଇ ନୀତିକୁ ତୀବ୍ର ଭାବେ ବିରୋଧ କରିଥିଲେ। ଯଦି ଏଭଳି ବିନା କୌଣସି ଯୁକ୍ତିସଙ୍ଗତ କାରଣରେ ଛଟେଇ ପ୍ରକ୍ରିୟା ଜାରି ରହେ,ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି । ଏହି ସମୟରେ ଧାମନଗର ସଂଘର ପାର୍ଥସାରଥୀ ଭୂୟାଁ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମଙ୍ଗଳପୁର ଶ୍ରୀନିବାସ କଲେଜରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ସୋର,(ସବ୍ୟୁ): ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠ ଦିନିଆ ଏହି ଶିବିରକୁ କଲେଜ ଅଧକ୍ଷ ଡ.ସୁରେନ୍ଦ୍ର କୁମାର ବିଶ୍ୱାଳ ଉଦ୍ଘାଟନ କରି କହିଲେ ଯେ ସାଂପ୍ରତିକ ସମୟରେ ଛାତ୍ରୀମାନେ ନିଜର ସୁରକ୍ଷା ପାଇଁ ମନୋବଳ ବୃଦ୍ଧି ସାଙ୍ଗକୁ ପ୍ରଶିକ୍ଷିତା ହେବା ଜରୁରୀ। ଶିବିରର ତତ୍ତ୍ୱାବଧାରିକା ଅଧାପିକା ଗୀତାଞ୍ଜଳି ମୁଦୁଲିଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ତିନୋଟି ଗ୍ରୁପ୍ରେ ୧୨୯ ଜଣ ଛାତ୍ରୀ ଯୋଗଦେଇଥିଲେ। ଏହି ଶିବିର ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହାର ମାଷ୍ଟର ଟ୍ରେନର ସୁନିତା ଗୁଣ୍ଡୁହାଲା ଯୋଗଦେଇ ପ୍ରଶିକ୍ଷଣ ଦେଇଛନ୍ତି। ଶେଷରେ ଇଂରାଜୀ ବିଭାଗୀୟ ମୁଖ୍ୟ ଅଧାପକ ନିରଂଜନ ନାୟକ ଧନ୍ୟବାଦ ଦେଇଥିଲେ।।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ସୂରଜ

ଦୋବଲ,(ସବ୍ୟୁ):ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା,କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଧାମନଗର ଅଂଚଳ ଗସ୍ତ ଅବସରରେ ଦୋବଲ କାଳୀ ପଡିଆ ଠାରେ ସୋମବାର ଅପରାହ୍ନରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ବିଶେଷ କରି ଦୋବଲ କାଳୀ ପଡିଆରେ ନୂତନ ମାର୍କେଟ କମ୍ପ୍ଲେକ୍ସ,ଧାମନଗର ଦକ୍ଷିଣ ବାଡ ଛକ ଓ ମେଡିକାଲ ବଜାର ଠାରେ ମାର୍କେଟ କମ୍ପ୍ଲେକ୍ସ,ବେଦପୁର ଠାରେ ମାର୍କେଟ କମ୍ପ୍ଲେକ୍ସ,ଖଙ୍ଗରା ଓ ଅଲ୍ଲୀନଗର ନୂତନ ହାଟ ପିଣ୍ଡି,ଧୂଷୁରି ନୂତନ ହାଟ ପିଣ୍ଡି,ଦେହୁଡ଼ି ଆନନ୍ଦପୁର ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ହାଟ ପିଣ୍ଡି ଏବଂ ଅସୁରାଳୀ ଠାରେ ନୂତନ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନେଇ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାଯ୍ୟକ୍ରମରେ ଜିଲ୍ଲାପାଳ ଦିଲିପ ରାଉତରାଏ,ନିୟନ୍ତ୍ରଣ ବଜାର କମିଟିର ସଭାପତି ତଥା ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ନିୟନ୍ତ୍ରଣ ବଜାର କମିଟିର ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା,ଏମପିଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ,ବରିଷ୍ଠ ଭାଜପା ନେତା ଅଶୋକ ପୁହାଣ,କୈଳାଶ ମହାପାତ୍ର,ସରପଂଚ ଅଶୋକ ପଣ୍ଡା,ପ୍ରମୋଦ ସୁତାର ପ୍ରମୁଖ ଉପସ୍ଥିତ ଥିଲେ। ।

## ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, (ସବ୍ୟୁ) :ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟ ରାସ୍ତା ପାର୍ଶ୍ୱରୁ ସୋମବାର ସକାଳେ ଜଣେ ଯୁବକଙ୍କ ମୃତଦେହକୁ ପୁଲିସ୍ ଉଦ୍ଧାର କରିଛି। ମୃତ ଯୁବକ ହେଲେ ଭାସ୍କରଗଞ୍ଜ ଅଞ୍ଚଳର ରାଜୀବ ଦାସ । ଯୁବକଙ୍କ ମୁହଁରେ କ୍ଷତ ଚିହ୍ନ ଅଛି । କେହି ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ନିମନ୍ତେ ପଠାଇ ରିପୋର୍ଟ ଅପେକ୍ଷାରେ ରହିଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ନିଳୋକ ଗ୍ରାମର ସ୍ୱର୍ଗତ ସାଧୁ ଚରଣ ସେଠୀଙ୍କ ଧର୍ମପତ୍ନୀ ଯଶୋଦା ସେଠୀ(୮୦)ଙ୍କର ସୋମବାର ପୂର୍ବାହ୍ନରେ ହୃଦ୍ଘାତରେ ପରଲୋକ ଘଟିଛି । ତାଙ୍କ ମରଶରୀରକୁ ଅନ୍ତିମ ସତ୍କାର କରାଯାଇଥିଲା । ବଡ ପୁଅ ଦେବେନ୍ଦ୍ର ମୁଖାଗ୍ନି ଦେଇଥିଲେ । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ଓରିପ୍ଲାଷ୍ଟ ପରିସରରେ ସ୍ୱାସ୍ଥ୍ୟସେବା ସହ ସଚେତନତା ଶିବିର

ବାଲେଶ୍ୱର, (ସବ୍ୟୁ): କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ଦିନ ବାଲେଶ୍ୱରର ଓରିପ୍ଲାଷ୍ଟ କାରଖାନା ପ୍ରାଙ୍ଗଣରେ ଏକ ବିଶାଳ ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଡ ସଙ୍ଘମିତ୍ରା ଜେନା, ଯୁଗ୍ମ ନିର୍ଦ୍ଦେଶକ, ଡ ମନୋଜ କୁମାର ହାଁସଦା, ଯୁଗ୍ମ ନିର୍ଦ୍ଦେଶକ, ଡ ଜଗଦୀଶ ପ୍ରସାଦ ଦାସ, ଶିଶୁ ବିଶେଷଜ୍ଞ, ଡ ଏ ଆର ଅଭିଷେକ, ଅସ୍ଥିଶଲ୍ୟ ବିଶେଷଜ୍ଞ, ଡ ରଞ୍ଜନ କୁମାର ସାମଲ, ମାଇକ୍ରୋ ବାୟଓଲୋଜିଷ୍ଟ, ଡ ରଞ୍ଜିତା ପ୍ରଧାନ, ଔଷଧ ବିଶେଷଜ୍ଞ ତଥା ବାଲେଶ୍ୱର ରାଜ୍ୟ ବୀମା ଚିକିତ୍ସାଳୟର ମୁଖ୍ୟ, ଡ ସୁବ୍ରତ କୁମାର ଦାସ, କୁମାରୀ ଜେ୍ୟାତିର୍ମୟୀ ପଣ୍ଡା ଓ କୁମାରୀ ତପସ୍ୱିନୀ ସାହୁ ଓ ସମସ୍ତ ସହକର୍ମୀ ଗଣ ଶିବିରକୁ ପରିଚାଳନା କରିଥିଲେ । ସକାଳ ୯ଟାରୁ ଏହି ଶିବିର ଆରମ୍ଭ ହୋଇ ୪ଟା ରେ ସମାପ୍ତ ହେଲା । ବାଲେଶ୍ୱରର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ, ସ୍କୁଲ, କଲେଜ ମାନଙ୍କର ବୀମାଭୁକ୍ତ କର୍ମଚାରୀମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ବୋନ ମିନେରାଲ ଡେନ୍ସିଟି, ନର୍ଭ କନଡକସନ ଟେଷ୍ଟ ସମେତ ପ୍ରାୟ ୧୦ ପ୍ରକାରର ବିଭିନ୍ନ ପରୀକ୍ଷା ହୋଇଥିଲା । ସମସ୍ତ ବୀମାଭୁକ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଔଷଧ, ବିସ୍କୁଟ ଓ ମିନେରାଲ ଜଳ ପ୍ରଦାନ କରାଯାଇଥିଲା ଓରିପ୍ଲାଷ୍ଟର ମୁଖ୍ୟ ଶ୍ରୀ ପି କେ ଦଭେ, ଶ୍ରୀ ବିଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ ଭବିଷ୍ୟତରେ ଏହିପରି ଶିବିର ଅନୁଷ୍ଠିତ ହେବା ପାଇଁ କର୍ମଚାରୀ ମାନେ ଆଶା ପ୍ରକାଶ କରିଥିଲେ । ଏହି ଶିବିରରେ ମୋଟ ୫୧୭ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଜଣାଯାଏ ।

## ଖମଡିହା ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ



ଠାକୁରମୁଣ୍ଡା ,(ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଖମଡିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ୬୭ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜଶ୍ମୀ ବାସ୍କେ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କରଞ୍ଜିଆ ଏବିଇଓ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଏବିଇଓ ଦିଲ୍ଲୀପ କୁମାର ଧଳ, ଏବିଇଓ ସଂଯୁକ୍ତା ନାୟକ, ସି ଆର ସିସି ଅଲେଖ ପଲେଇ ,ପରିଚାଳନା କମିଟିର ସମ୍ପାଦକ ସନ୍ତୋଷ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଭା ଆରମ୍ଭ ରେ ଶିକ୍ଷୟିତ୍ରୀ କାହ କର୍ଶାଁ ପର୍ ୱୀନ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ବିଦ୍ୟାଳୟ ଶିକ୍ଷକ ଚକ୍ରଧର ସାହୁ ଅତିଥି ପରିଚୟ ଓ ସି ଆର ସି ସି ତପନ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଭା ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟର ୨୫ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇ ଯାଇଛି । ଆୟୋଜିତ ସଭାର ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ,ମୁଖ୍ୟବକ୍ତା ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଡଃ.ରାମଚନ୍ଦ୍ର ପଣ୍ଡା,ସମ୍ମାନୀତ ଅତିଥି ଭାବେ ତୃପ୍ତି ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡଃ.ଅନୀମା ପାଢୀ ଯୋଗ ଦେଇ ଉଦବୋଧନ ଦେଇଥିଲେ। ଅଧାପିକା ସୋନାଲୀ ଅପରାଜିତା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଙ୍କ କର କମଳରେ ମହାବିଦ୍ୟାଳୟର ମୁଖପତ୍ର ସତ୍ୟଭାମା ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଶ୍ରେଷ୍ଠ କୃତି ଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ବାଲେଶ୍ୱର, (ସବ) :ଚାନ୍ଦିପୁର ଥାନା ଅନ୍ତର୍ଗତ ହିଡ଼ିଗାଁ ଗ୍ରାମର ବାସିନ୍ଦା ରାଜୀବ ମାଝୀ(୨୫)ଫାଶି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ରାଜୀବ ରବିବାର ରାତି ପ୍ରାୟ ୧୦ଟାରେ ରାତ୍ରି ଭୋଜନ ସାରି ନିଜ ବେଡରୁମରେ ଶୋଇଥିଲେ। ସକାଳ ପ୍ରାୟ ୫ଟରେ ଇନ୍ଷ୍ଟାଗ୍ରାମରେ ଏକ ରିଲ ମଧ ପକାଇଥିଲେ। ମାତ୍ର ସକାଳେ ନ ଉଠିବାରୁ ପରିବାର ଲୋକେ ତାଙ୍କ ବେଡରୁମକୁ ଆସିଥିଲେ । ଫ୍ୟାନ୍‌ରେ ଏକ ଗାମୁଛା ଦ୍ୱାରା ସେ ଝୁଲି ରହିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜୀବଙ୍କ ଭାଇଙ୍କ ସୂଚନା ମୁତାବକ, ରାଜୀବ ୭ ବର୍ଷ ପୂର୍ବରୁ ଜଣେ ଝିଅଙ୍କୁ ପ୍ରେମ କରୁଥିଲେ । ପୂର୍ବରୁ ଉଭୟ କୋର୍ଟରେ ବିବାହ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଝିଅଟି କୌଣସି କାରଣରୁ ରାଜୀବଙ୍କ ସହିତ ସମ୍ପର୍କ ରଖି ନ ଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ମାନସିକ ଭାରସାମ୍ୟ ହରାଇ ରାଜୀବ ଆତ୍ମହତ୍ୟା କରିଥିବା ସେ ଅଭିଯୋଗ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ୮ରୁ ତିହିଡି ମହୋତ୍ସବ

ତିହିଡି, (ସବ୍ୟୁ): ଆସନ୍ତା ୮ ତାରିଖରୁ ୧୩ ତାରିଖତିହିଡି ମହୋତ୍ସବ ଶ୍ୟାମାକ୍ଲବ ତିହିଡ଼ି ଓ ରାଜ୍ୟ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ପାଳିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସୋମବାର ଦିନ ଶ୍ୟାମାକ୍ଲବ ପ୍ରାଙ୍ଗଣରେ ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡ଼ିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚର୍ଯ୍ୟ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ତିହିଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ସମରେନ୍ଦ୍ର ମିଶ୍ର, ଅଗ୍ନିଶମ ବିଭାଗର ଅଧିକାରୀ ସୁବାସ ରାଉତ, କଂଗ୍ରେସ ନେତା ସରୋଜ ଦାସ, ବିଜେଡି ନେତା ସୁରେନ୍ଦ୍ର ନାୟକ, ବିଜେପି ନେତା ରଘୁନାଥ ପାତ୍ର, ପ୍ରଦୀପ ବଳ, ସୀତାକାନ୍ତ ନାୟକ, ପ୍ରତାପ ଜେନା, ମହୋତ୍ସବ କମିଟିର ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଡ଼. ଲକ୍ଷ୍ମୀଧର ତ୍ରିପାଠୀ, ଧୀରେନ୍ଦ୍ର ରେନ୍ଦ୍ର ସାହୁ, ଅମୂଲ୍ୟ ସେନାପତି, ମନୋଜ ପାଣିଗ୍ରାହୀ, ମନୋଜ ସେନାପତି, ପ୍ରିୟବ୍ରତ ପାଢ଼ୀ, ଗିରିଜା ରମଣ ଜେନା, ପ୍ରଭାତ ଜେନାଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ମହୋତ୍ସବ ପୂର୍ବବର୍ଷ ମାନଙ୍କ ଠାରୁ କିପରି ଅଧିକ ସରସ ସୁନ୍ଦର ହେବ ସେଥିନେଇ କମିଟି ଆଶାବ୍ୟକ୍ତ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ମହୋତ୍ସବରେ ଏଥିରେ ସ୍ଥାନୀୟ ବିଧାୟକ ଓ ମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ବାର୍ଷିକ ସମାରୋହ


ଭଦ୍ରକ,(ସବ୍ୟୁ): ଏରେଇଁ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଚରମ୍ପା ବରିଷ୍ଠ ନାଗରିକ ସଂଘର ସପ୍ତମ ବାର୍ଷିକ ସମାରୋହରେ ଆମ ସଂଘ ସଭାପତି ଗଗନ ବିହାରୀ ରାଉତଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଓ ମୁଖ୍ୟବକ୍ତା ଜେରିଆଟ୍ରିକ ସୋସାଇଟି ଅଫ ଇଣ୍ଡିଆର ଓଡିଶା ଶାଖା ସଭାପତି ଡା.ପୂର୍ଣ୍ଣଚନ୍ଦ୍ର ଦାଶ,ବରେଣ୍ୟ ଅତିଥି ଜିଲ୍ଲା ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି,କାର୍ଯକାରୀ ସଭାପତି ପଦ୍ମନ କୁମାର ରାୟ,ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ଏରେଇ ସରପଞ୍ଚ ଉର୍ମିଳା ଯେନା ମଞ୍ଚାସିନ ଥିଲେ । ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ସହ ବରିଷ୍ଠଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ ।ଶଶିକାନ୍ତ ପାଢ଼ୀ ମଂଚ ଆମନ୍ତ୍ରଣ କରିଥିବାବେଳେ ରମେଶ ଦାଶ ବେଦ ପାଠ ଓ ଅତିଥି ପରିଚୟ ରତ୍ନାକର ମଲ୍ଲିକ ସ୍ୱାଗତ ଭାଷଣ ପଦ୍ମଲୋଚନ ମହାଳିକ ପ୍ରଦାନ କରିଥିଲେ। ରତ୍ନାକର ସାମଲ,ବାବୁଲାଲ ଦାସ,ରାଧାମାଧବ ଶତପଥୀ,ଗୋପୀନାଥ ନାୟକ,ସୁଦର୍ଶନ ସାହୁ,ଲକ୍ଷ୍ମୀଧର ଦାସଙ୍କୁ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଡା.ଭାଗ୍ୟଶ୍ରୀ ପଣ୍ଡା ଓ ଡା.ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅଭିଜ୍ଞ ଟେକନିସିଆନଙ୍କ ସହାୟତାରେ ସଂଘର ସମସ୍ତ ସଦସ୍ୟଙ୍କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ତାର ନିଦାନ ପାଇଁ ଡାକ୍ତରୀ ପରାମର୍ଶ ସହ ମାଗଣା ଔଷଧ ବଣ୍ଟନ କରିଥିଲେ।

## ଉତ୍ତରପାଳ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅଧୀନ ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେମୁଖ୍ୟଅତିଥି ଭାବେ ବାରିପଦା ଉପଖଣ୍ଡର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ସ୍ୱତନ୍ତ୍ର ଅତିଥି ବାରିପଦା ଆଇଡିଡିଏର ଅତିରିକ୍ତ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଶୃତିଲିପି ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟାଳୟର ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଯୋଗଦେଇ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ, ଶିକ୍ଷକ/ଶିକ୍ଷୟତ୍ରୀ, ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ଅଗ୍ରଗତି, ଖସଡା ଓ ଭୁଲତ୍ରୁଟି ସୁଧାରିବାର ଦିବସ ବୋଲି କହିଥିଲେ । ସମସ୍ତେ ଏକ ବିନ୍ଦୁରେ ଯୋଡି ହେଲେ ସଫଳତା ପାଦ ଛୁଇଁବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ବାସନ୍ତୀ ସିଂ, ସିଆରସିସି କାହ୍ନୁଚରଣ ବାରିକ ଓ ଶିକ୍ଷାବିତ୍ ଦେବେନ୍ଦ୍ର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜୁକ୍ତା ପଣ୍ଡା ବାର୍ଷିକ ବିବରଣୀ ପାଠ, ସହକାରୀ ଶିକ୍ଷୟତ୍ରୀ ମମତା ଦାସ ମଞ୍ଚ ପରିଚାଳନା, ସହକାରୀ ଶିକ୍ଷୟତ୍ରୀ ଅମିତା ସାମଲ ଜଗନ୍ନାଥ ସ୍ତୁତି ପାଠ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିଥି ଶିକ୍ଷକ ବିଶ୍ୱଭୂଷଣ ବିଶ୍ୱାଳ ଓ ଶିକ୍ଷୟତ୍ରୀ ବୈଜୟନ୍ତୀ ସାହୁ ସମେତ ମେଟ୍ରୋନ ମଞ୍ଜୁଲତା ରାଉତ ଓ ସମସ୍ତ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ/ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଟିପିଏନ୍‌ଓଡିଏଲ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ




ବାଲେଶ୍ୱର,(ସବ୍ୟୁ): ଟିପିଏନ୍‌ଓଡିଏଲ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। 'ଯତ୍ନଶୀଳ ହେବା, ସୁରକ୍ଷିତ ରହିବା' ବାର୍ତ୍ତା ନେଇ କର୍ପୋରେଟ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ସର୍କଲ, ଡିଭିଜନ, ସବଡିଭିଜନ ତଥା ସେକ୍ସନ ପ୍ରଭୃତି କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସଡ଼କ ସୁରକ୍ଷା ନେଇ ସଚେତନ ହେବା ସହ ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ ପାଇଁ ଶପଥ ନେଇଥିଲେ । ଏହି ଅବସରରେ ବିଦ୍ୟାଳୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ ଆଦି ଦ୍ୱାରା ସଡ଼କ ସୁରକ୍ଷା ନେଇ ସଚେତନ କରାଯିବା ସହ ଗାଡି ଚାଳକଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ସେହିପରି ଗାଡ଼ି ଚାଳକ ତଥା କର୍ମଚାରୀଙ୍କଙ୍କ ପାଇଁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବା ସହ ବିଭିନ୍ନ କାର୍ଯ୍ୟାଳୟ ସ୍ତରୀୟ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ସୂଚନା ମୁତାବକ ୩୧ରୁ ଉର୍ଦ୍ଧ୍ୱ ସଚେତନତା ରାଲି, ୪୯୩ଜଣ ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା, ୨୨୦ଜଣ ଗାଡ଼ି ଚାଳକଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ବିଦ୍ୟାଳୟ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅଧୀନରେ ୨୨ଟି ଅଧିବେଶନରେ ପ୍ରାୟ ୨୪ଶହ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ବେତନଟୀ , (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧିନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଓ ଓଡିଶା ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧିନ ପରିବେଶ ଶିକ୍ଷା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଇକୋ କ୍ଲବ ସଂଯୋଜକ ଅଜିତ କୁମାର ଜେନା ଙ୍କ ମାର୍ଗଦର୍ଶନ ରେ ଆୟୋଜିତ ଏହି ପରିବେଶ ସୁରକ୍ଷା ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମର ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟ ର ଶିକ୍ଷକ, ଅଣ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଆର୍ଦ୍ରଭୂମି ସୁରକ୍ଷା ଓ ସଂରକ୍ଷଣ ପାଇଁ ସମୁହ ଶପଥ ପାଠ କରିଥିଲେ। ଏହାପରେ ଆର୍ଦ୍ରଭୂମି ସଂରକ୍ଷଣ ଓ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ । ପ୍ରଧାନ ଶିକ୍ଷକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ୍ଲ କୁମାର ମିଶ୍ର, ନିରଞ୍ଜନ ବାରିକ, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ, ତରଣିକାନ୍ତ ମହାନ୍ତ, ବଂଶୀଧର ଗିରି ଓ ଶୁଭଶିଷ ପଣ୍ଡା ଯୋଗଦେଇ ଆର୍ଦ୍ର ଭୂମିର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ । ଆର୍ଦ୍ର ଭୂମି ସୁରକ୍ଷା ଆମର ଦାୟୀତ୍ୱ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ନିଜନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ । କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ । ଏହାପରେ ଇକୋ କ୍ଲବ ଛାତ୍ରଛାତ୍ରୀମାନେ ଗ୍ରାମ ପୋଖରୀ ଓ ନାଳ ସଫେଇ କାର୍ଯ୍ୟରେ ସାମିଲ ହୋଇ ଥିଲେ । ଦଶମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଦଶମ ଶ୍ରେଣୀ ଛାତ୍ରୀ ଅର୍ଚିତା ଖିଲାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୨୮)**

**ସାଂଖ୍ୟଯୋଗଃ**


**ଶ୍ରୀଭଗବାନୁବାଚ**

**ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।**
**ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ।। ୨୮।।**

(କିଂ ଚ ଦେହାଦୀନାଂ ଚ ସ୍ୱଭାବଂ ପର୍ଯ୍ୟାଲୋଚ୍ୟ ତଦୁପାଧିକେ ଆତ୍ମନୋ ଜନ୍ମମରଣେ ଶୋକଃ ନ କାର୍ଯ୍ୟଃ ଇତ୍ୟତ ଆହ)–ହେ ଭାରତ ! ଭୂତାନି (ଶରୀରାଣି) ଅବ୍ୟକ୍ତାଦୀନି (ଅବ୍ୟକ୍ତଂ ପ୍ରଧାନଂ ତଦେବ ଆଦିଃ ଉତ୍ପତ୍ତେଃ ପୂର୍ବରୂପଂ ଯେଷାଂ ତାନି): ବ୍ୟକ୍ତମଧ୍ୟାନି (ବ୍ୟକ୍ତଂ ଅଭିବ୍ୟକ୍ତଂ ମଧ୍ୟଂ ଜନ୍ମମରଣାନ୍ତରାଳସ୍ଥିତିଲକ୍ଷଣଂ ଯେଷାଂ ତାନି), (ତଥା) ଅବ୍ୟକ୍ତନିଧନାନି (ଅବ୍ୟକ୍ତେ ନିଧନଂ ଲୟଃ ଯେଷାଂ ତାନି) ଏବ, ତତ୍ର (ତେଷୁ) କା ପରିଦେବନା (କଃ ଶୋକନିମିତ୍ତଃ ବିଳାପଃ) ।। ୨୮ ।।

# 'ଭାଇ ଭାଇ ବୋଲି କେତେ ମୁଁ ଡାକିଲି'

ଓଡ଼ିଶାର ବରପୁତ୍ର, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସେହି କାଳଜୟୀ କବିତାର ଏହି ପଦଟିଏ ଏବେ ବି ଓଡ଼ିଆ ଜାତି ପାଇଁ ଏକ ଚେତାବନୀ । ଓଡ଼ିଆମାନଙ୍କ ମଧ୍ୟରେ ଆଗଭଳି ଆଉ ଭ୍ରାତୃତ୍ୱଭାବ ନାହିଁ । ସେଥିପାଇଁ ତ ମଧୁବାବୁ ଲେଖିଥିଲେ– 'ମାଆ ମାଆ ବୋଲି ଯେତେ ମୁଁ ଖୋଜିଲି /ମାଆକୁ ପାଇଲି ନାହିଁ । ଭାଇ ଭାଇ ବୋଲି କେତେ ମୁଁ ଡାକିଲି, ନ ଦେଲେ ଉତ୍ତର କେହି ।'(ସନ୍ତାନର ଉକ୍ତି)



ପରାଧୀନ ଭାରତର ଏକ ଦୁର୍ଦ୍ଦିନଗ୍ରସ୍ତ ରାଜ୍ୟ ଓଡ଼ିଶାରେ ମଧୁବାବୁଙ୍କ ଆର୍ବିଭାବ ହୋଇଥିଲା ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ–କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ । ତାଙ୍କର ଦେହାନ୍ତ ହୋଇଥିଲା ୧୯୩୪ ମସିହା ଫେବୃଆରୀ ୪ ତାରିଖରେ–କଟକରେ । ୮୬ ବର୍ଷ ବୟସରେ । ଏ ଓଡ଼ିଆ ଜାତିର ଜଣେ ମୁରବୀଙ୍କ ସତେ ଯେପରି ଦେହାନ୍ତ ହୋଇ ଯାଇଥିଲା । ତାଙ୍କ ମରଶରୀରକୁ କଟକର ତାଙ୍କ ବାସଭବନରୁ ଗୋରା କବର ପର୍ଯ୍ୟନ୍ତ ନେବା ବେଳେ କୁଆଡ଼େ ପ୍ରବଳ ଲୋକାରଣ୍ୟ ପରିଲକ୍ଷିତ ହୋଇଥିଲା । ତାଙ୍କର ଦେହାନ୍ତ ହେବାର ୯୨ ବର୍ଷ ହେଲାଣି । ତଥାପି ମଧୁବାବୁଙ୍କ 'ଭାଇ ଭାଇ' ଡାକର ଉତ୍ତର ସେତେବେଳେ କେହି ଦେଇଥିଲେ କି ନାହିଁ କେଜାଣି ? ଏବେ ବି ଓଡ଼ିଆମାନଙ୍କ ମଧ୍ୟରେ ଭ୍ରାତୃତ୍ୱଭାବ ଥିବା ପରି ମନେ ହୁଏ ନାହିଁ । ଓଡ଼ିଆ ମା'ମାନଙ୍କୁ ମଧୁବାବୁ ଖୋଜି ଖୋଜି ଥକି ପଡ଼ିଥିଲେ । କାହାକୁ ପାଇ ନଥିଲେ ସେ । ମାତ୍ର ଓଡ଼ିଆ ମହିଳା ବା ମା'ମାନେ ପରେ ପରେ ସଚେତନ ହୋଇଥିଲେ– ଏ ଜାତି ଲାଗି, ଏ ଦେଶ ଲାଗି ସଂଗଠିତ ହୋଇଥିଲେ– ରାଜ୍ୟ ଓ ଦେଶ ପାଇଁ ସେମାନେ ସଂଗ୍ରାମ ଜାରି ରଖିଥିଲେ । ଅବଶ୍ୟ ଓଡ଼ିଆ ଭାଇମାନେ ଏବେ କେବଳ ରାଜ୍ୟରେ ବା ଦେଶରେ ନୁହେଁ, ବିଶ୍ୱର ଅନେକ ସ୍ଥାନରେ ପ୍ରତିଷ୍ଠିତ । ମାତ୍ର ପୂର୍ବର ସେ ଭ୍ରାତୃତ୍ୱଭାବ ସମ୍ଭବତଃ ନାହିଁ । ଜଣେ ଓଡ଼ିଆ ଆଉ ଜଣେ ଓଡ଼ିଆକୁ ସହି ପାରେ ନାହିଁ । ସେଥିପାଇଁ ମଧୁବାବୁ ଯାହା ଲେଖିଥିଲେ, ତାହା ପ୍ରକୃତରେ ସତ ନୁହେଁ କି ? ଏବେ ବି ତାଙ୍କ ଲେଖାର ପ୍ରାସଙ୍ଗିକତା ରହିଛି ।

**ଅତୀତରେ ବଙ୍ଗଳା, ମାଡ୍ରାସ, ମଧ୍ୟପ୍ରଦେଶ ଓ ବିହାର ମଧ୍ୟରେ ଓଡ଼ିଆ ଭାଷାଭାଷୀ ଅନେକ ଅଞ୍ଚଳ ରହି ଯାଇଥିବାରୁ ଓଡ଼ିଶାର ଉନ୍ନତି ପ୍ରାୟ ହୋଇ ପାରି ନଥିଲା । ସେତେବେଳେ ମଧୁବାବୁଙ୍କ ପରି ଜଣେ ରାଜନୀତିକ ବ୍ୟକ୍ତିଙ୍କର ଆବଶ୍ୟକତା ଓଡ଼ିଶା ଅନୁଭବ କରୁଥିଲା । ଜଗନ୍ନାଥଙ୍କ ଆଶୀର୍ବାଦରୁ ମଧୁବାବୁ ବିଭିନ୍ନ ସ୍ଥାନକୁ ଗସ୍ତ କରି ଓଡ଼ିଆମାନଙ୍କୁ ସଂଗଠିତ କରିଥିଲେ ।**

ଆଜି ଓଡ଼ିଶାର ରାଜନୀତିକ ଦୃଶ୍ୟପଟ୍ଟ ବଦଳି ଯାଇଛି । ଓଡ଼ିଆ ସ୍ୱାଭିମାନ ତଥା ଅସ୍ମିତା ରକ୍ଷା କରିବାକୁ ଏବର ସରକାର ହୁଏତ ଉଦ୍ୟମ ଜାରି ରଖିଛନ୍ତି । ଅଥଚ ଓଡ଼ିଶାର ପ୍ରଥମ ରାଜନୀତିକ ପୁରୁଷର ମର୍ଯ୍ୟାଦା ଲାଭ କରିଥିବା ମଧୁବାବୁ ଯେତେବେଳେ ରାଜନୀତିରେ ପ୍ରବେଶ କଲେ, ସେତେବେଳେ ସେ ଉଲ୍ଲେଖ କରିଥିଲେ–' ମୁଁ ଯେତେବେଳେ ଏ ଆନ୍ଦୋଳନ ଆରମ୍ଭ କଲି, ସେତେବେଳେ ଜାତି ବୋଲି କିଛି ନଥିଲା । ମୁଁ କେବଳ କୁଢ଼ କୁଢ଼ ଅସ୍ଥି ଦେଖିଥିଲି, ଚାରିଆଡ଼େ କେବଳ ଅସ୍ଥି, ଅସ୍ଥି, ଅସ୍ଥି । ଏହି ଅସ୍ଥି କଙ୍କାଳ ଭିତରେ ପ୍ରାଣ ସଞ୍ଚାର କରି ହସ୍ତପଦ ଓ ପେଶୀ ଯୋଗାଇବା ନିମନ୍ତେ ମୋତେ ବହୁତ କାର୍ଯ୍ୟ କରିବାକୁ ପଡ଼ିଛି । ମୋ' ଜାତିକୁ ଯୁଦ୍ଧ ସରଞ୍ଜାମରେ ସଜ୍ଜିତ କରିବା ପାଇଁ ମୋତେ ଏକାକୀ କାର୍ଯ୍ୟ କରିବାକୁ ହୋଇଛି । ' ('ଓଡ଼ିଶାର ପ୍ରଥମ ରାଜନୈତିକ ପୁରୁଷ' ସୁରସିଂହ ପଟ୍ଟନାୟକ)

ଓଡ଼ିଶାର ପ୍ରାୟ ବିଭିନ୍ନ କ୍ଷେତ୍ରରେ ପ୍ରଥମ ହୋଇଥିବା ମଧୁବାବୁ ଓଡ଼ିଶାକୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ପ୍ରଥମ କରିବାକୁ ଚାହିଁଥିଲେ । ଦୀର୍ଘଦିନ ଧରି ରେଳବାଇ କ୍ଷେତ୍ରରେ ଓଡ଼ିଶା ଅବହେଳିତ ଥିଲା । ମାତ୍ର ଉଭୟ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାରଙ୍କ ଯୋଗୁଁ ଏଥର କେନ୍ଦ୍ର ବଜେଟରେ ୧୦, ୯୨୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଓଡ଼ିଶାରେ ଜାରି ରହିଛି । ଅତୀତରେ ବଙ୍ଗଳା, ମାଡ୍ରାସ, ମଧ୍ୟପ୍ରଦେଶ ଓ ବିହାର ମଧ୍ୟରେ ଓଡ଼ିଆ ଭାଷାଭାଷୀ ଅନେକ ଅଞ୍ଚଳ ରହି ଯାଇଥିବାରୁ ଓଡ଼ିଶାର ଉନ୍ନତି ପ୍ରାୟ ହୋଇ ପାରି ନଥିଲା । ସେତେବେଳେ ମଧୁବାବୁଙ୍କ ପରି ଜଣେ ରାଜନୀତିକ ବ୍ୟକ୍ତିଙ୍କର ଆବଶ୍ୟକତା ଓଡ଼ିଶା ଅନୁଭବ କରୁଥିଲା । ଜଗନ୍ନାଥଙ୍କ ଆଶୀର୍ବାଦରୁ ମଧୁବାବୁ ବିଭିନ୍ନ ସ୍ଥାନକୁ ଗସ୍ତ କରି ଓଡ଼ିଆମାନଙ୍କୁ ସଂଗଠିତ କରିଥିଲେ । ଓଡ଼ିଶାରେ ରେଳ ଚଳାଚଳ ଆରମ୍ଭ ହୋଇ ନଥିବାରୁ ମଧୁବାବୁ କଟକର ଯୋବ୍ରାଠାରୁ ଡଙ୍ଗାରେ ବସି ଚାନ୍ଦବାଲି, ବାଲେଶ୍ୱର ପ୍ରଭୃତି ଅଞ୍ଚଳକୁ ଯାଉଥିଲେ । ପ୍ରାକୃତିକ ସମ୍ପଦରେ ଭରପୂର ଥିବା ଅନଗ୍ରସର ଓଡ଼ିଶାକୁ ସେ ଶିଳ୍ପ ଓ ବ୍ୟବସାୟରେ ସମୃଦ୍ଧ କରିବାକୁ ଚାହିଁଥିଲେ । ସେ ନିଜେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରିବାରୁ ଓଡ଼ିଶାରେ ଉତ୍କୃଷ୍ଟ ମାନର ଜୋତା ତିଆରି ହୋଇ ପାରୁଥିଲା ଓ ସମଗ୍ର ଭାରତରେ ତାହାର ଖ୍ୟାତି ରହିଥିଲା । ଏପରିକି 'ଓଡ଼ିଶା ଆର୍ଟ ଓୟାର' ନାମକ ସଂସ୍ଥା ଜରିଆରେ ଓଡ଼ିଆ ବଣିଆମାନଙ୍କୁ ଉତ୍କୃଷ୍ଟ ଧରଣର ଅଳଙ୍କାର ପ୍ରସ୍ତୁତ କରିବାର ସୁଯୋଗ ସେ ଦେଇଥିଲେ । କଟକର ତାରକସି କାମକୁ ମଧ୍ୟ ସେ ଓଡ଼ିଶା ବାହାରେ ଆଦୃତ କରାଇଥିଲେ । ଶେଷ ଅବସ୍ଥାରେ ସେ ଦେବାଳିଆ ହୋଇ ଯାଇଥିଲେ । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାରେ ତାଙ୍କର ଅବଦାନ ମଧ୍ୟ ଅବିସ୍ମରଣୀୟ ଥିଲା । ମଧୁବାବୁଙ୍କ ପବିତ୍ର ଶ୍ରାଦ୍ଧ ଦିବସରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଗାନ୍ଧିଜୀଙ୍କ ଚିନ୍ତାଧାରାର ପ୍ରାସଙ୍ଗିକତା



**ତେଜେଶ୍ୱର ପଟ୍ଟନାୟକ**

ପ୍ରତିବର୍ଷ ଜାନୁଆରୀ ୩୦ ତାରିଖକୁ ଶହୀଦ ଦିବସ ଭାବେ ଆମେ ପାଳନ କରିବା ସହ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥାଉଁ । ଏହି ଦିବସ ଆମକୁ ସ୍ମରଣ କରାଇ ଦିଏ,ଯେ ଗାନ୍ଧିଙ୍କ ଜୀବନ ବ୍ୟାପି ସାଧନା ସତ୍ୟ , ନିଷ୍ଠା ଏବଂ କଠୋର ନୈତିକ ମୂଲ୍ୟବୋଧ ଉପରେ ଆଧାରିତ । ୧୯୪୮ ମସିହାରେ ଏହି ଦିନରେ ଆତତାୟୀର ଗୁଳିରେ ଗାନ୍ଧିଜୀ ମୃତ୍ୟୁବରଣ କରିଥିଲେ ହେଁ ତାଙ୍କର ଚିନ୍ତାଧାରାର ମୃତ୍ୟୁ ଘଟିନାହିଁ । ତାଙ୍କ ମୂଳମନ୍ତ୍ର ଅହିଂସା, ସତ୍ୟ ଏବଂ ନୈତିକତା ଆଜି ବି ପ୍ରାସଙ୍ଗିକ ଅଟେ । ବିଶ୍ୱରେ ଅନେକ ରାଷ୍ଟ୍ରରେ ସାମାଜିକ ଓ ଆର୍ଥିକ ଅସମାନତା ଏବଂ ଚରମ ଉପଭୋକ୍ତାବାଦ ପରି ସମସ୍ୟା ବୃଦ୍ଧି ପାଇଥିବାବେଳେ ଗାନ୍ଧିଙ୍କ ନୀତି ମାର୍ଗ ଦର୍ଶକ ସାଜିଛି ।

ଗାନ୍ଧିଙ୍କୁ ଅହିଂସା ଏବଂ ସତ୍ୟାଗ୍ରହର ସ୍ଥପତି ଭାବରେ ଆମେ ସମସ୍ତେ ଜାଣୁ । ଉପରୋକ୍ତ ନୀତିକୁ ପାଥେୟ କରି ଏକ ଜନ ଆନ୍ଦୋଳନ ଦ୍ୱାରା ଔପନିବେଶବାଦୀ ଶାସନ ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସତ୍ୟାଗ୍ରହକୁ ଅମୋଘ ଅସ୍ତ୍ର ରୂପେ ପରିଣତ କରି, ଲକ୍ଷ ଲକ୍ଷ ଲୋକଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବାକୁ ଜନସାଧାରଣଙ୍କୁ ପ୍ରେରଣା ଦେଇଥିଲେ । ଜଣେ ରାଜନୈତିକ ନେତା ଅପେକ୍ଷା, ଗାନ୍ଧି ଜଣେ ଦୂରଦୃଷ୍ଟିସମ୍ପନ୍ନ ମହାନ ଚିନ୍ତକ ଏବଂ କର୍ମଯୋଗୀ ଅଟନ୍ତି ଯାହାଙ୍କ ଚିନ୍ତାଧାରା ରାଜନୀତି, ଅର୍ଥନୀତି, ଗ୍ରାମ ସ୍ୱରାଜ, ପରିବେଶ ସୁରକ୍ଷା ଏବଂ ଆଧ୍ୟାତ୍ମିକତାକୁ ନେଇ ପରିବେସିତ । ତାଙ୍କର ଜୀବନାବଳି ଏବଂ ଦୃଢ଼ ନେତୃତ୍ୱ ବିଷୟରେ ବିଶ୍ୱବ୍ୟାପୀ ଅଧ୍ୟୟନ କରାଯାଉଛି ଏବଂ ପ୍ରମୁଖ ମ୍ୟାନେଜମେଣ୍ଟ ସ୍କୁଲ୍ ଗୁଡିକ ସମେତ, ଅନ୍ୟାନ୍ୟ ଅନୁଷ୍ଠାନରେ ତାଙ୍କର ପ୍ରାସଙ୍ଗିକତାକୁ ଉଲ୍ଲେଖ କରା ଯାଉଛି ।

ଭାରତର ସମ୍ବିଧାନରେ ଗାନ୍ଧିଙ୍କ ଚିନ୍ତାଧାରାର ଝଲକ ଅଛି । ଆମ ସମ୍ବିଧାନର ପ୍ରଣେତାମାନେ ତାଙ୍କ ଦୃଷ୍ଟିକୋଣରୁ ଅନେକ ପ୍ରେରଣା ପାଇଥିଲେ ଏବଂ ଏଥିରେ ସମ୍ବିଧାନରେ ଭାଗ (୪) ଡି ପି ଏସ ପି (ନିର୍ଦ୍ଦେଶାତ୍ମକ ନୀତି)ରେ ତାଙ୍କ ଚିନ୍ତାଧାରାର କେତେକାଂଶ ସ୍ଥାନ ପାଇଛି । ଉଦାହରଣ ସ୍ୱରୂପ କୁଟୀର ଶିଳ୍ପକୁ ପ୍ରୋତ୍ସାହିତ କରୁଥିବା ଧାରା (୪) ସମବାୟକୁ ସମର୍ଥନ କରୁଥିବା ଧାରା (୪୩ ) ଅନୁଛେଦ (ଖ ) ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ସ୍ୱାର୍ଥକୁ ସୁରକ୍ଷା ଦେଉଥିବା ଧାରା (୪୬)ଭଳି ବ୍ୟବସ୍ଥାରେ ଗାନ୍ଧିଙ୍କ ବିଚାରଧାରାକୁ ପ୍ରତିଫଳିତ କରେ । ତାଙ୍କର ମତରେ ସାମାଜିକ ନ୍ୟାୟ,ସ୍ୱାବଲମ୍ବନଶୀଳତା ଓ ଅର୍ନ୍ତଭୁକ୍ତି ବିକାଶ (inclusive growth ) ଗୁରୁତ୍ୱପୂର୍ଣ୍ଣ ଅଟେ ।

ଯଦିଓ ଗାନ୍ଧିଙ୍କର ଅର୍ଥନୀତି ସମ୍ପର୍କରେ କୌଣସି ଆନୁଷ୍ଠାନିକ ତାଲିମ ନଥିଲା, ସେ ଦେଶ ସାରା ବ୍ୟାପକ ଭ୍ରମଣ କରି ଦେଶର ଅର୍ଥନୈତିକ ମଡେଲ ଉପରେ ନିଜର ଚିନ୍ତାଧାରାକୁ ଉଲ୍ଲେଖ କରିଛନ୍ତି । ତାଙ୍କ ଦ୍ୱାରା ଲିଖିତ ବହି 'ହିନ୍ଦ ସ୍ୱରାଜ' ଏବଂ 'ମୋ ସ୍ୱପ୍ନର ଭାରତ' (India of my dream) ରେ ସେ ମତ ଦେଇଥିଲେ ଆର୍ଥିକ ପ୍ରଗତି ନୀତିଶାସ୍ତ୍ର ଏବଂ ନୈତିକତା ଦ୍ୱାରା ପରିଚାଳିତ ହେବା ଉଚିତ । ସେ ଦେଶରେ ଏକ ଆତ୍ମନିର୍ଭରଶୀଳ ଏବଂ ସମାନତାବାଦୀ ସମାଜ (egalitarian society) ର ପରିକଳ୍ପନା କରିଥିଲେ ଯେଉଁଠାରେ ସମ୍ବଳକୁ ସୁସଙ୍ଗତ ଭାବରେ ବଣ୍ଟନ କରାଯାଇପାରିବ ଏବଂ ପ୍ରତ୍ୟେକ ବ୍ୟକ୍ତି ସମ୍ମାନର ସହିତ ସମାଜରେ ବଞ୍ଚିରହିବ । ଗାନ୍ଧିଙ୍କ ପ୍ରତ୍ୟେକଙ୍କୁ ତାହାର ଆବଶ୍ୟକତା ଅନୁସାରେ ନୀତି ପୁଞ୍ଜିବାଦ ଏବଂ ସାମ୍ୟବାଦ ଚିନ୍ତାଧାରା ଠାରୁ ପୃଥକ ଅଟେ । ସେ ଆର୍ଥିକ ବିକାଶ ପ୍ରସଙ୍ଗରେ ମାନବ କଲ୍ୟାଣକୁ ପ୍ରାଧାନ୍ୟ ଦେଇଛନ୍ତି । ଗାନ୍ଧି ଆତ୍ମ–ଶୁଦ୍ଧି ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଉପବାସକୁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ ବ୍ୟବହାର କରିଥିଲେ । ଉପବାସ ଜରିଆରେ ସେ ବ୍ରିଟିଶ ସରକାରଙ୍କ ଉପରେ ନୈତିକ ଏବଂ ମାନସିକ ଚାପ ପ୍ରୟୋଗ କରିଥିଲେ । ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବା ଦାବିରେ ୧୯୪୩ ମସିହାରେ ଦୀର୍ଘ ୨୧ ଦିନ ଧରି ଉପବାସ ଗାନ୍ଧିଙ୍କ ଦୃଢ଼ ସଙ୍କଳ୍ପକୁ ଦର୍ଶାଏ । ଏହା ପୂର୍ବରୁ, ୧୯୧୩ ମସିହାରେ, ସେ ଦକ୍ଷିଣ ଆଫ୍ରିକାରେ ଜାତିଗତ ବୈଷମ୍ୟକୁ ବିରୋଧ କରି ଉପବାସ କରିଥିଲେ ।

ଗାନ୍ଧିଙ୍କ ଅର୍ଥନୀତିର ଏକ ମୂଳ ଚିନ୍ତାଧାରା ଥିଲା ଟ୍ରଷ୍ଟିସିପ୍(trusteeship) । ତାଙ୍କ ମତରେ ସମାଜରେ ଧନ ଓ ସମ୍ବଳ କିଛି ବ୍ୟକ୍ତିଙ୍କ ହାତରେ କେନ୍ଦ୍ରିତ ହେବା ଉଚିତ ନୁହେଁ । ଲୋକମାନେ ସେମାନଙ୍କର ଆବଶ୍ୟକତା ପାଇଁ ଯଥେଷ୍ଟ ସମ୍ପତ୍ତି ରଖିପାରିବେ, କିନ୍ତୁ ଶ୍ରମିକ ଏବଂ ଗରିବଙ୍କ କଲ୍ୟାଣ ପାଇଁ ଅତିରିକ୍ତ ସମ୍ପତ୍ତିକୁ ଟ୍ରଷ୍ଟରେ ବିନିଯୋଗ କରିବା ଉଚିତ । ସେ ହିଂସାତ୍ମକ ଶ୍ରେଣୀ ସଂଘର୍ଷର ଘୋର ବିରୋଧୀ ଥିଲେ । ତାଙ୍କ ମତରେ ଅହିଂସା ମାଧ୍ୟମରେ ସାମାଜିକ ପରିବର୍ତ୍ତନ ହାସଲ କରିବା ପାଇଁ ଆର୍ଥିକ ସମାନତା ଅତ୍ୟାବଶ୍ୟକ । ତାଙ୍କର ଚିନ୍ତାଧାରା ଜନକଲ୍ୟାଣ ନୀତି ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଉପରେ ଆଜିର ବିତର୍କକୁ ପ୍ରଭାବିତ କରିଚାଲିଛି । ତେବେ ସମାଲୋଚକମାନେ ତାଙ୍କର ଚିନ୍ତାଧାରାକୁ ଆଦର୍ଶବାଦୀ (Utopian) ଚିନ୍ତାଧାରା ଭାବରେ ଦେଖନ୍ତି ।

ସର୍ବୋଦୟ (ସମସ୍ତଙ୍କର ଉନ୍ନତି)ନୀତି ଗାନ୍ଧିଙ୍କ ଚିନ୍ତାଧାରାର ଆଉ ଏକ ପ୍ରମୁଖ ସ୍ତମ୍ଭ ଥିଲା । ସେ ଏହାକୁ ସ୍ୱଦେଶୀ ଏବଂ ଗ୍ରାମ ସ୍ୱରାଜ ସହିତ ଘନିଷ୍ଠ ଭାବରେ ଯୋଡ଼ି ଦର୍ଶାଇଥିଲେ ଯେ ପ୍ରକୃତ ସ୍ୱାଧୀନତା କେବଳ ଆତ୍ମନିର୍ଭରଶୀଳତା ଦ୍ୱାରା ହିଁ ହାସଲ କରାଯାଇପାରିବ । ସ୍ଥାନୀୟ ସମ୍ବଳ ଏବଂ ସମ୍ପ୍ରଦାୟ–ଭିତ୍ତିକ ଉତ୍ପାଦନ ଦ୍ୱାରା ରୋଜଗାର ସୃଷ୍ଟି ହେବ ଓ ସାଂସ୍କୃତିକ ପରିଚୟ ଏବଂ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିହେବ । ସେ ସ୍ୱୟଂଶାସିତ ଗ୍ରାମ (Autonomous village) ଗୁଡ଼ିକର ନେଟୱାର୍କ କଳ୍ପନା କରିଥିଲେ ।

ଗାନ୍ଧି ଅର୍ଥନୈତିକ ବିକେନ୍ଦ୍ରୀକରଣର ଜଣେ ଦୃଢ଼ ସମର୍ଥକ ଥିଲେ । ସେ ରୋଜଗାର ସୃଷ୍ଟି ପାଇଁ ଶ୍ରମ –ଜଡିତ ଗ୍ରାମ୍ୟ କୁଟୀର ଏବଂ ଖଦି ଶିଳ୍ପକୁ ପ୍ରୋତ୍ସାହିତ କରିଥିଲେ । ସେ ଆଧୁନିକ ବୃହତ ଶିଳ୍ପକୁ ପସନ୍ଦ କରୁ ନ ଥିଲେ । ତାଙ୍କ ମତରେ ଏହି ଶିଳ୍ପ ପ୍ରତିଷ୍ଠାନଗୁଡିକ ରାଜ୍ୟର ଅଧୀନରେ କାର୍ଯ୍ୟ କରିବା ସହ ସାମାଜିକ ଉଦ୍ଦେଶ୍ୟ ପୂରଣ କରିବା ଉଚିତ । ତାଙ୍କର ବିଶ୍ୱାସ ଯେ ଭାରତ ଗାଁରେ ବାସ କରେ । ତେଣୁ ଗ୍ରାମୀଣ ବିକାଶ ଜାତୀୟ ପ୍ରଗତିର ମାନଦଣ୍ଡ ଅଟେ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ନୀତି ଏବଂ କଲ୍ୟାଣକାରୀ ଯୋଜନା ଗାନ୍ଧିବାଦୀ ଚିନ୍ତାଧାରାର ପ୍ରମାଣ ଦିଏ । ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ୨୦୦୫ (MGNREGA), (ବର୍ତ୍ତମାନ V V G RAM G ଆଇନ ୨୦୨୫ରେ ପ୍ରବର୍ତ୍ତିତ) ଯାହା ପ୍ରତି ଯୋଗ୍ୟ ଗ୍ରାମୀଣ ପରିବାରକୁ ରୋଜଗାର ସୁନିଶ୍ଚିତ କରି କାମ କରିବାର ଅଧିକାର (Right to work) ଦେଇଥାଏ । ସ୍ଥାନୀୟ ସମ୍ବଳର ବ୍ୟବହାର ଏବଂ ସ୍ୱଦେଶୀ ଶିଳ୍ପର ପ୍ରୋତ୍ସାହନ ଉପରେ କେନ୍ଦ୍ରିତ ଗାନ୍ଧିଙ୍କ ସ୍ୱଦେଶୀ ସିଦ୍ଧାନ୍ତ ଆଜି ମଧ୍ୟ ପ୍ରାସଙ୍ଗିକ ଅଟେ । ୧୯୨୦ ମସିହା ଅସହଯୋଗ ଆନ୍ଦୋଳନ ସମୟରେ ବିଦେଶୀ ସାମଗ୍ରୀ ବର୍ଜନ ଏବଂ ଖଦୀର ପୁନରୁଦ୍ଧାର ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିଥିଲା ।

ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ୧୯୩୦ର ପ୍ରମୁଖ ଲବଣ ସତ୍ୟାଗ୍ରହ ବ୍ରିଟିଶ ସରକାରଙ୍କ ଲୁଣ ଉପରେ ଏକଚାଟିଆ ଅଧିକାର ବିରୋଧରେ ଦୀର୍ଘ ୨୪ ଦିନ ଧରି ଆନ୍ଦୋଳନ ଚାଲିଥିଲା । ଗାନ୍ଧିଜୀ ସାବରମତୀ ଆଶ୍ରମରୁ ଦାଣ୍ଡି ପର୍ଯ୍ୟନ୍ତ ପାଦରେ ଚାଲି ଐତିହାସିକ ଯାତ୍ରା କରିଥିଲେ ଏବଂ ଲୁଣ ତିଆରି କରି ଉପନିବେଶବାଦୀ ଆଇନକୁ ଭଙ୍ଗ କରିଥିଲେ । ଏହି ପ୍ରତୀକାତ୍ମକ କାର୍ଯ୍ୟ ଦେଶବ୍ୟାପୀ ଅସହଯୋଗ ଆନ୍ଦୋଳନ, ଗଣ ଗିରଫଦାରୀ ଏବଂ ବ୍ରିଟିଶ ଶାସନ ବରୋଧରେ ଲୋକଙ୍କ ସକ୍ରିୟ ପ୍ରତିରୋଧକୁ ପ୍ରଜ୍ୱଳିତ କରିଥିଲା ।

ଆଜିର ସମୟରେ କେନ୍ଦ୍ର ସରକାରଙ୍କ, 'ଆତ୍ମନିର୍ଭର ଭାରତ' ଏବଂ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଭଳି ପଦକ୍ଷେପ ଗାନ୍ଧିଙ୍କ ଚିନ୍ତାଧାରାକୁ କିଛି ମାତ୍ରରେ ପ୍ରତିଫଳିତ କରେ ।

ତେବେ ତାଙ୍କ ଚିନ୍ତାଧାରା ଆଜିର ବଜାର– ଚାଳିତ ଅର୍ଥନୀତିର ସମ୍ପୂର୍ଣ୍ଣ ବିପରୀତ । ସେ ଅନିୟନ୍ତ୍ରିତ ପୁଞ୍ଜିବାଦ, ଅତ୍ୟଧିକ ଉପଭୋକ୍ତାବାଦ ଏବଂ ଅସମାନତା ବିରୋଧରେ ଚେତାବନୀ ଦେଇ, ଯୁକ୍ତି ବାଢ଼ିଥିଲେ ଯେ ଏସବୁ ସମାଜର ନୈତିକ ମୂଳଦୁଆକୁ କ୍ଷୁର୍ଣ୍ଣ କରିବ । ୧୯୯୦ ମସିହା ଓ ପରବର୍ତ୍ତୀ ସମୟରେ ସରକାର ଆର୍ଥିକ ସଂସ୍କାର ପ୍ରଣୟନ ଦ୍ୱାରା ଦେଶରେ ଦ୍ରୁତ ଅଭିବୃଦ୍ଧି ଏବଂ ସମୃଦ୍ଧି ହେଇଛି, ଅନ୍ୟ ପକ୍ଷରେ ସାମାଜିକ ଓ ଆର୍ଥିକ ବ୍ୟବଧାନ ମଧ୍ୟ ବଢ଼ିଛି ।

ଗାନ୍ଧିଙ୍କ ଚିନ୍ତାଧାରା ଭାରତର ସ୍ଥାୟୀ ବିକାଶ (sustainable development) ପ୍ରତିବଦ୍ଧତା ସହିତ, ସମାନତା, ସ୍ଥାୟୀତ୍ୱ ଏବଂ ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରେ । ଦାରିଦ୍ର୍ୟ ହ୍ରାସ, ଲିଙ୍ଗଗତ ସମାନତା ଏବଂ ମାନବ ବିକାଶକୁ ସେ ଗୁରୁତ୍ୱ ଦେଇଛନ୍ତି । ବେକାରୀ ସମସ୍ୟା, ପରିବେଶଗତ ଚାପ ଏବଂ ଅସମାନତା ଭଳି ସମସ୍ୟାଗୁଡିକର ସମାଧାନ କରିବାରେ ତାଙ୍କର ମାର୍ଗଦର୍ଶନ ନିଶ୍ଚିତ ଭାବେ ସହାୟକ ହେବ ।

ଏଠାରେ ଉଲ୍ଲେଖନୀୟ ଯେ ହାଭାର୍ଡ ବିଶ୍ୱବିଦ୍ୟାଳୟ ଗାନ୍ଧିଙ୍କୁ ବିଂଶ ଶତାବ୍ଦୀର ମ୍ୟାନେଜମେଣ୍ଟ ଗୁରୁ ଭାବରେ ଘୋଷଣା କରିଛନ୍ତି । ଗାନ୍ଧୀଙ୍କ ସଚ୍ଚୋଟତା, ସରଳତା, ନୈତିକ ଆଚରଣ ଏବଂ ସଶକ୍ତିକରଣ ଉପରେ ଆଧାରିତ ନେତୃତ୍ୱ ଆଜି ମଧ୍ୟ ରାଜନେତା , ଜନସାଧାରଣ ଏବଂ କର୍ପୋରେଟ୍ ନେତୃତ୍ୱଙ୍କୁ ଅନୁପ୍ରାଣୀତ କରି ଚାଲିଛି ।

**ଏଠାରେ ଉଲ୍ଲେଖନୀୟ ଯେ ହାଭାର୍ଡ ବିଶ୍ୱବିଦ୍ୟାଳୟ ଗାନ୍ଧିଙ୍କୁ ବିଂଶ ଶତାବ୍ଦୀର ମ୍ୟାନେଜମେଣ୍ଟ ଗୁରୁ ଭାବରେ ଘୋଷଣା କରିଛନ୍ତି । ଗାନ୍ଧୀଙ୍କ ସଚ୍ଚୋଟତା, ସରଳତା, ନୈତିକ ଆଚରଣ ଏବଂ ସଶକ୍ତିକରଣ ଉପରେ ଆଧାରିତ ନେତୃତ୍ୱ ଆଜି ମଧ୍ୟ ରାଜନେତା , ଜନସାଧାରଣ ଏବଂ କର୍ପୋରେଟ୍ ନେତୃତ୍ୱଙ୍କୁ ଅନୁପ୍ରାଣୀତ କରି ଚାଲିଛି ।**

ଗାନ୍ଧିଙ୍କ ଚିନ୍ତାଧାରା ଆୟ ଅସମାନତା ଏବଂ ନୈତିକ ଅବନତିର ଏକ ବିକଳ୍ପ ପ୍ରଦାନ କରେ ଯାହା ଆମକୁ ମନେ ପକାଇ ଦିଏ ଯେ ପ୍ରକୃତ ବିକାଶର ଅର୍ଥ ସମାଜର ସବୁଠାରୁ ଦୁର୍ବଳ ବର୍ଗର ଉନ୍ନତି ହେବା ଉଚିତ ଏବଂ ସେମାନଙ୍କ ମାନବିକ ମର୍ଯ୍ୟାଦା ବଜାୟ ରଖିବା ଉଚିତ ।

**(ଶ୍ରୀ ପଟ୍ଟନାୟକ ପୂର୍ବତନ ଉପ ମହାପ୍ରବନ୍ଧକ, ବ୍ୟାଙ୍କ ଅଫ ଇଣ୍ଡିଆ ଓ ସ୍ତମ୍ଭକାର)**
**କେ ୫,କଳିଙ୍ଗ ବିହାର,ଭୁବନେଶ୍ୱର**

# ପରୀକ୍ଷା ବେଳେ ଚାପଗ୍ରସ୍ତ ନ ହେବା ପାଇଁ

**ଡ. ସନ୍ତୋଷ କୁମାର ପଣ୍ଡା**

ପ୍ରତିବର୍ଷ ଭଳି ଆଉକିଛି ଦିନ ପରେ ପରୀକ୍ଷା ଋତୁ ଆସିଯିବ । ବାର୍ଷିକ ପରୀକ୍ଷା ଓ ବୋର୍ଡ଼ ପରୀକ୍ଷାର ସମୟ । ଶିଶୁ ଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷକ ସମସ୍ତେ ଏକପ୍ରକାର ମାନସିକ ଚିନ୍ତା ଭିତରେ ରହିବେ । ସେ ସମୟର ପରିବେଶ ବି ପରୀକ୍ଷା ପରୀକ୍ଷା ବାସିବ । ପରୀକ୍ଷା ସମୟ କେବଳ ଜଣେ ଶିଶୁ ପାଇଁ ନୁହେଁ, ବରଂ ତା' ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ଏବଂ ପରିବେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ସମସ୍ତଙ୍କର ମିଳିତ ସହଯୋଗ ଶିଶୁର ସଫଳତା ପାଇଁ ପଥ ପରିଷ୍କାର କରିଥାଏ । ଏହାକୁ ଆମେ ନିମ୍ନଲିଖିତ ଭାବେ ଏ ବିଷୟରେ ବୁଝିପାରିବା:

୧) ଶିଶୁ :–

ପରୀକ୍ଷାର କେନ୍ଦ୍ରବିନ୍ଦୁ ହେଉଛି ଶିଶୁ । ଏହି ସମୟରେ ସେ ମାନସିକ ଚାପ ଓ ଭୟର ସାମ୍ନା କରିଥାଏ । ପରୀକ୍ଷା ସମୟ ଶିଶୁମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ପିଲାମାନେ ଚାପମୁକ୍ତ ରହି କିପରି ଭଲ ପ୍ରଦର୍ଶନ କରିପାରିବେ, ସେଥିପାଇଁ କିଛି ଜରୁରୀ କାର୍ଯ୍ୟ ଓ ସତର୍କତା ସମ୍ବନ୍ଧରେ ଆଲୋଚନା କରିବା ।

୧) ପରୀକ୍ଷା ପୂର୍ବରୁ ପ୍ରସ୍ତୁତି:–

ସମୟ ସାରଣୀ: ପଢ଼ିବା ପାଇଁ ଏକ ଠିକ୍ ରୁଟିନ୍ ପ୍ରସ୍ତୁତ କରନ୍ତୁ । ସବୁ ବିଷୟକୁ ସମାନ ସମୟ ଦିଅନ୍ତୁ, ବିଶେଷ କରି ଯେଉଁ ବିଷୟ କଷ୍ଟ ଲାଗୁଛି ସେଥିରେ ଅଧିକ ଧ୍ୟାନ ଦିଅନ୍ତୁ ।

ନୋଟ୍ସ ପ୍ରସ୍ତୁତି: ପଢ଼ିବା ସମୟରେ ମୁଖ୍ୟ ପଏଣ୍ଟଗୁଡ଼ିକୁ ଏକ ଖାତାରେ ଲେଖି ରଖନ୍ତୁ । ଏହା ପରୀକ୍ଷା ପୂର୍ବରୁ ଶୀଘ୍ର ରିଭିଜନ କରିବାରେ ସାହାଯ୍ୟ କରିବ ।

ଯଥେଷ୍ଟ ନିଦ୍ରା: ପରୀକ୍ଷା ପୂର୍ବ ରାତିରେ ଅତି କମରେ ୬–୭ ଘଣ୍ଟା ଶୋଇବା ନିହାତି ଜରୁରୀ । ଶରୀର ଓ ମସ୍ତିଷ୍କ ସୁସ୍ଥ ରହିଲେ ମନେ ରଖିବା ଶକ୍ତି ବଢ଼ିଥାଏ ।

ଖାଦ୍ୟପେୟ: ହାଲୁକା ଓ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟରୁ ଦୂରେଇ ରୁହନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ ।

୨) ପରୀକ୍ଷା ଦିନର କାର୍ଯ୍ୟ:

ଆବଶ୍ୟକୀୟ ସାମଗ୍ରୀ: ପରୀକ୍ଷା ହଲକୁ ଯିବା ପୂର୍ବରୁ ଆଡମିଟ୍ କାର୍ଡ, ପେନ୍, ପେନ୍‌ସିଲ୍, ସ୍କେଲ୍ ଏବଂ ଅନ୍ୟାନ୍ୟ ଜରୁରୀ ଜିନିଷ ପାଖରେ ଅଛି କି ନାହିଁ ଯାଞ୍ଚ କରି ନିଅନ୍ତୁ ।

ଠିକ୍ ସମୟରେ ପହଞ୍ଚିବା: ପରୀକ୍ଷା ଆରମ୍ଭ ହେବାର ଅତିକମ୍‌ରେ ୩୦ ମିନିଟ୍ ପୂର୍ବରୁ କେନ୍ଦ୍ରରେ ପହଞ୍ଚନ୍ତୁ । ଏହା ଦ୍ୱାରା ଶେଷ ମୁହୂର୍ତ୍ତର ଦୌଡଧପଡା ଓ ମାନସିକ ଚାପ କମିଥାଏ ।

୩) ପରୀକ୍ଷା ହଲରେ ସତର୍କତା:

ପ୍ରଶ୍ନପତ୍ର ପଢ଼ିବା: ପ୍ରଶ୍ନପତ୍ର ପାଇବା ପରେ ପ୍ରଥମ ୧୦–୧୫ ମିନିଟ୍ ଭଲ ଭାବରେ ସବୁ ପ୍ରଶ୍ନ ପଢ଼ନ୍ତୁ । କେଉଁ ପ୍ରଶ୍ନର ଉତ୍ତର ଆପଣଙ୍କୁ ଭଲ ଭାବେ ଜଣାଅଛି, ତାହା ଚିହ୍ନଟ କରନ୍ତୁ ।

ସମୟ ପରିଚାଳନା: ସବୁ ପ୍ରଶ୍ନ ପାଇଁ ସମୟ ଭାଗ କରି ନିଅନ୍ତୁ । ଗୋଟିଏ କଷ୍ଟ ପ୍ରଶ୍ନରେ ଅଧିକ ସମୟ ନଷ୍ଟ କରନ୍ତୁ ନାହିଁ ।

ସଫା ସୁତୁରା ଲେଖା: ଉତ୍ତର ଖାତାରେ କଟାକଟି କମ୍ କରନ୍ତୁ । ପଏଣ୍ଟ ଅନୁସାରେ ଲେଖିଲେ ପରୀକ୍ଷକଙ୍କୁ ବୁଝିବାରେ ସହଜ ହୁଏ ଓ ଭଲ ମାର୍କ ମିଳେ ।

ଉତ୍ତର ଯାଞ୍ଚ: ସବୁ ପ୍ରଶ୍ନର ଉତ୍ତର ଲେଖି ସାରିବା ପରେ ଶେଷ ୧୦ ମିନିଟ୍ ନିଜ ଖାତାକୁ ଆଉ ଥରେ ପଢ଼ି ନିଅନ୍ତୁ । କୌଣସି ଭୁଲ୍ ଥିଲେ ତାକୁ ସଂଶୋଧନ କରନ୍ତୁ ।

୪) ଶିଶୁ ପାଇଁ କିଛି ବିଶେଷ ପରାମର୍ଶ:

ଆତ୍ମବିଶ୍ୱାସ ରଖନ୍ତୁ: ମୁଁ ସବୁ ପଢ଼ିଛି ଏବଂ ଭଲ କରିବି–ଏହି ସକାରାତ୍ମକ ଚିନ୍ତାଧାରା ମନରେ ରଖନ୍ତୁ ।

ତୁଳନା କରନ୍ତୁ ନାହିଁ: ଅନ୍ୟ ସାଙ୍ଗମାନେ କେତେ ପଢ଼ିଲେ ବା କିପରି ଲେଖୁଛନ୍ତି, ସେଥିପ୍ରତି ଧ୍ୟାନ ନ ଦେଇ ନିଜ ଉପରେ ଏକାଗ୍ରତା ରଖନ୍ତୁ । ଈଶ୍ୱରଙ୍କ ଉପାସନା ସହ ବିଶ୍ୱାସ ରଖନ୍ତୁ ।

ବିଶ୍ରାମ: ପଢ଼ା ମଝିରେ ମଝିରେ ୫–୧୦ ମିନିଟର ବିଶ୍ରାମ ନିଅନ୍ତୁ, ଯାହାଫଳରେ ମନ ସତେଜ ରହିବ ।

ମନେରଖନ୍ତୁ: ପରୀକ୍ଷା କେବଳ ଏକ ମୂଲ୍ୟାଙ୍କନ, ଏହା ଜୀବନର ସବୁକିଛି ନୁହେଁ । ତେଣୁ ଭୟ ନକରି ଧୈର୍ଯ୍ୟର ସହ ପରୀକ୍ଷା ଦିଅନ୍ତୁ ।

ଆତ୍ମବିଶ୍ୱାସ: ଶିଶୁ ନିଜ ଉପରେ ଭରସା ରଖିବା ଉଚିତ ।

ଶିଶୁ ହେଉଛି ପରୀକ୍ଷା ପ୍ରକ୍ରିୟାର ମୁଖ୍ୟ ନାୟକ । ତାର ନିଜସ୍ୱ ପ୍ରଚେଷ୍ଟା ହିଁ ଫଳାଫଳ ନିର୍ଦ୍ଧାରଣ କରେ ।

ଉଦାହରଣ: ଯଦି ଜଣେ ଶିଶୁ ଗଣିତରେ ଦୁର୍ବଳ, ତେବେ ସେ ପ୍ରତିଦିନ ଅତିକମରେ ୨ ଘଣ୍ଟା ଗଣିତ ଅଭ୍ୟାସ କରିବା ଉଚିତ । ନିଜର ଭୁଲଗୁଡ଼ିକୁ ଚିହ୍ନଟ କରି ସେଥିରୁ ଶିଖିବା ଏବଂ ପରୀକ୍ଷା ହଲରେ ଶାନ୍ତ ରହିବା ତାର ଦାୟିତ୍ୱ ।

୨) ଅଭିଭାବକ:–

ପରୀକ୍ଷା ସମୟରେ ବାପା–ମା'ଙ୍କ ଭୂମିକା ସବୁଠାରୁ ବଡ଼ ।

ସମର୍ଥନ: ପିଲାଙ୍କୁ ଅନ୍ୟ ସହ ତୁଳନା ନକରି ସେମାନଙ୍କୁ ଉତ୍ସାହିତ କରିବା ଉଚିତ ।

ସନ୍ତୁଳିତ ଜୀବନଶୈଳୀ: ପିଲାଙ୍କ ଖାଦ୍ୟପେୟ ଓ ଶୋଇବା ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ଅଭିଭାବକମାନେ ପିଲାଙ୍କ ପାଇଁ ମାନସିକ ସମ୍ବଳ । ସେମାନଙ୍କର ବ୍ୟବହାର ଶିଶୁର ଆତ୍ମବିଶ୍ୱାସ ବଢ଼ାଏ ।

ଉଦାହରଣ: ପିଲାଟିଏ ପରୀକ୍ଷାରେ କମ୍ ନମ୍ବର ରଖିଲେ ତାକୁ ଗାଳି ନଦେଇ, ବାପା–ମା' କହିବା ଉଚିତ– କିଛି ଅସୁବିଧା ନାହିଁ, ଆମେ ମିଶିକି ଦେଖିବା କେଉଁଠି ଭୁଲ ହେଲା, ଆରଥରକୁ ଭଲ ହେବ । ଏହା ଦ୍ୱାରା ପିଲାଟି ଚାପମୁକ୍ତ ହୋଇ ପଢ଼ିଥାଏ ।

୩) ଶିକ୍ଷକ:–

ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ, ବରଂ ମାର୍ଗଦର୍ଶନ ମଧ୍ୟ କରନ୍ତି ।

ସନ୍ଦେହ ଦୂରୀକରଣ: ପରୀକ୍ଷା ପୂର୍ବରୁ ପିଲାଙ୍କ ମନରେ ଥିବା ପ୍ରଶ୍ନର ସରଳ ସମାଧାନ କରିବା ।

ସକାରାତ୍ମକ ଦୃଷ୍ଟିକୋଣ: ପିଲାଙ୍କୁ ପରୀକ୍ଷା ପାଇଁ ଭୟଭୀତ ନକରି ସେମାନଙ୍କୁ ପ୍ରସ୍ତୁତ କରିବା । ଶିକ୍ଷକମାନେ କେବଳ ପାଠ୍ୟକ୍ରମ ଶେଷ କରନ୍ତି ନାହିଁ, ବରଂ ଜଟିଳ ବିଷୟକୁ ସହଜ କରି ବୁଝାନ୍ତି । ଉଦାହରଣ: ପରୀକ୍ଷା ପୂର୍ବରୁ ଜଣେ ଶିକ୍ଷକ ଯଦି ବାରମ୍ବାର ଅଭ୍ୟାସ ପରୀକ୍ଷା କରାନ୍ତି ଏବଂ ପିଲାମାନଙ୍କୁ କିପରି ଉତ୍ତର ଲେଖିଲେ ଭଲ ନମ୍ବର ମିଳିବ ତାହାର କୌଶଳ ଶିଖାନ୍ତି, ତେବେ ପିଲାମାନେ ପ୍ରକୃତ ପରୀକ୍ଷା ପାଇଁ ଭୟ କରନ୍ତି ନାହିଁ ।

୪) ସାଙ୍ଗସାଥୀ:–

ସାଙ୍ଗମାନେ ଶିଶୁର ମନୋବଳ ବଢ଼ାଇବାରେ ସାହାଯ୍ୟ କରିପାରନ୍ତି ।

ଗ୍ରୁପ୍ ଷ୍ଟଡି: ମିଳିମିଶି ପଢ଼ିବା ଦ୍ୱାରା କଷ୍ଟକର ବିଷୟ ସହଜ ହୋଇଥାଏ ।

ସୁସ୍ଥ ପ୍ରତିଯୋଗିତା: ପରସ୍ପରକୁ ଈର୍ଷା ନକରି ସାହାଯ୍ୟ କରିବା ଉଚିତ ।

ସାଙ୍ଗମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଓ ସହଯୋଗ ପଢ଼ାପଢ଼ିକୁ ଆନନ୍ଦଦାୟକ କରିଥାଏ ।

ଉଦାହରଣ: ଦୁଇଜଣ ସାଙ୍ଗ ମିଶି ପଢ଼ିବା ସମୟରେ ଜଣକୁ ବିଜ୍ଞାନ ଭଲ ଭାବେ ଜଣାଥିଲେ, ସେ ଅନ୍ୟ ଜଣକୁ ବୁଝାଇପାରେ ଏବଂ ଅନ୍ୟ ଜଣକ ତାକୁ ଇତିହାସ ବୁଝାଇପାରେ । ଏହାକୁ Peer Learning କୁହାଯାଏ, ଯାହା ଦ୍ୱାରା ଉଭୟଙ୍କର ଜ୍ଞାନ ବୃଦ୍ଧି ହୁଏ ।

୫) ପରିବେଶ:–

ପଢ଼ିବା ପାଇଁ ଏକ ଶାନ୍ତ ଓ ସକାରାତ୍ମକ ପରିବେଶ ନିହାତି ଜରୁରୀ ।

ଘରର ବାତାବରଣ: ଘରେ ଶାନ୍ତି ରହିଲେ ଶିଶୁର ଏକାଗ୍ରତା ବଢ଼ିଥାଏ ।

ଡିଜିଟାଲ୍ ଦୂରତା: ପରୀକ୍ଷା ସମୟରେ ଟିଭି ଓ ମୋବାଇଲଠାରୁ ଦୂରରେ ରହିବା ଶିଶୁ ପାଇଁ ଲାଭଦାୟକ ।

ପରିବେଶ କହିଲେ ଉଭୟ ଘରର ବାତାବରଣ ଏବଂ ସାମାଜିକ ପରିବେଶକୁ ବୁଝାଏ ।

ଉଦାହରଣ: ପରୀକ୍ଷା ସମୟରେ ଯଦି ପଡ଼ୋଶୀମାନେ ଜୋରରେ ମାଇକ୍ ବଜାନ୍ତି ନାହିଁ କିମ୍ବା ଘରେ ଟିଭିର ଶବ୍ଦ କମ୍ ରହେ, ତେବେ ଶିଶୁଟି ଏକାଗ୍ରତାର ସହ ପଢ଼ିପାରେ । ଏକ ସକାରାତ୍ମକ ଓ ଶାନ୍ତ ପରିବେଶ ମସ୍ତିଷ୍କକୁ ସକ୍ରିୟ ରଖିବାରେ ସାହାଯ୍ୟ କରେ ।

ଉପରୋକ୍ତ ସମସ୍ତ ବିନ୍ଦୁ ମଧ୍ୟରେ ଯଦି ଉତ୍ତମ ସମନ୍ୱୟ ରହେ, ତେବେ ଶିଶୁର ସର୍ବାଙ୍ଗୀନ ବିକାଶ ହୋଇଥାଏ । ଶିକ୍ଷକଙ୍କ ମାର୍ଗଦର୍ଶନ, ପିତାମାତାଙ୍କ ସ୍ନେହ, ସାଙ୍ଗମାନଙ୍କ ସହଯୋଗ ଏବଂ ଏକ ଶାନ୍ତ ପରିବେଶ ମିଶି ଶିଶୁକୁ ଜଣେ ସଫଳ ବ୍ୟକ୍ତି ଭାବେ ଗଢ଼ି ତୋଳିଥାଏ ।

ଯେତେବେଳେ ଶିକ୍ଷକ, ଅଭିଭାବକ ଏବଂ ସାଙ୍ଗମାନେ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରନ୍ତି, ସେତେବେଳେ ପରୀକ୍ଷା ଶିଶୁ ପାଇଁ ଏକ ଭୟ ନହୋଇ ଏକ ଉତ୍ସବ ପାଲଟିଯାଇଥାଏ ।

**କଟକ, ମୋ–୮୨୪୯୦୨୧୪୨୪**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଝିଅମାନେ...

ହଜାର ଟଙ୍କା ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି । ଯୋଗ୍ୟ ଦମ୍ପତ୍ତି ମାନଙ୍କୁ ଜିଲ୍ଲା/ବ୍ଲକ ସ୍ତରରୁ ଚୟନ କରାଯାଇଛି । ଓଡ଼ିଶାର ପ୍ରସିଦ୍ଧ ମା ତାରାତାରିଣୀଙ୍କ ଆଦି ଶକ୍ତିପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହିତ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃ ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ପୁଣି କହିଥିଲେ, ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ ଏବଂ ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବଡ଼ ଅଟ୍ଟାଳିକା କିମ୍ବା ରାସ୍ତା ଘାଟ କିମ୍ବା ଶିଳ୍ପ କେବଳ ବିକାଶ ନୁହଁ ପ୍ରକୃତ ବିକାଶ ହେଉଛି ରାଜ୍ୟର ମା ଏବଂ ଭଉଣୀମାନଙ୍କ ସୁରକ୍ଷା, ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଗଠନ କରିବା । ଏକ ସମୃଦ୍ଧ ଓଡ଼ିଶାରେ ପ୍ରତ୍ୟେକ କନ୍ୟା ଶିକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟେକ ମହିଳା ସୁରକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟକ ପରିବାର ସ୍ୱାଭିମାନର ସହିତ ବଞ୍ଚିବା ଉଚିତ । ଆଗାମୀ ଦିନରେ ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନବ ଦମ୍ପତ୍ତିଙ୍କୁ ସ୍ନେହ ଭରା ଅଭିନନ୍ଦନ ଜଣାଇ କହିଥିଲେ ଯେ, ଏହି ମହତ୍ତ୍ୱାକାଂକ୍ଷୀ ସରକାରୀ ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରସୂତ ଯୋଜନା । ପୂର୍ବରୁ ଆମେ କଥା ଦେଇଥିଲୁ ସୁଭଦ୍ରା ମା ମାନଙ୍କ ସାଥିରେ ସବୁଦିନ ରହିବୁ । ସେହି କଥାକୁ ଆଉ ଦି ପାଦ ଆଗକୁ ନେଇ କନ୍ୟା ବିବାହ ଦାୟିତ୍ୱ ସମ୍ପନ୍ନ କରୁଛୁ । ମା ତାରାତାରିଣୀ ଆଶୀର୍ବାଦ କରନ୍ତୁ ସମସ୍ତଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏତିକି ବଡ଼ ଭଉଣୀ ଭାବେ ମୋର ଆନ୍ତରିକ କାମନା । ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ରାଜ୍ୟ ସରକାରଙ୍କ ଏହା ଏକ ମହତ ଜନମଙ୍ଗଳକାରୀ ଯୋଜନା । ମୁଖ୍ୟମନ୍ତ୍ରୀ ସମାଜର ତୃଣମୂଳସ୍ତରରେ ଥିବା ସମସ୍ୟାକୁ ହୃଦୟଙ୍ଗମ କରି ଏହି ଯୋଜନାକୁ ପରିକଳ୍ପନା କରିଛନ୍ତି । ଗଞ୍ଜାମ ଜିଲ୍ଲାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ନାରୀ ମାନଙ୍କୁ ସମ୍ମାନ ଦେବାରେ ଆମ ସରକାର କେବେ ବି ଅବହେଳା କରିନାହିଁ । ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆ ଯୋଜନା ଓଡ଼ିଶାରେ ଏକ ସାମାଜିକ କ୍ରାନ୍ତି ଆଣିବ । ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ - ମୁଖ୍ୟମନ୍ତ୍ରୀଙ୍କୁ ଏହି କଲ୍ୟାଣକାରୀ ଯୋଜନ ପ୍ରଣୟନ ପାଇଁ ସାଧୁବାଦ ଜଣାଇ ନବ ଦମ୍ପତ୍ତିଙ୍କ ସୁଖମୟ ଜୀବନ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ କେ ଅନିଲ କୁମାର, ବିଧାୟକ ସରୋଜ କୁମାର ପାଢ଼ୀ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ନୀଳମଣି ବିଷୋୟୀ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପ୍ରମୁଖ ଉପସ୍ଥିତ ରହି ନବ ଦମ୍ପତ୍ତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଜିଲ୍ଲାପାଳ ଗଞ୍ଜାମ ଭି କୀର୍ତ୍ତି ୱାସନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ପରିବର୍ତ୍ତନର...

ସେ ଫକୀର ମୋହନଙ୍କ ଅମର କୃତି ରେବତୀର ଗୁରୁତ୍ୱକୁ ଉଲ୍ଲେଖ କରି, ରେବତୀ କିପରି ଅନେକ ଅସୁବିଧା ସହି ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ନୀତି, ସତ୍ୟ ନିଷ୍ଠତ । ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ । ତାଙ୍କର କିଛି ବକ୍ତବ୍ୟ ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଥିଲା ଯଥା ଏ ମାଟି କେବଳ ରନି ଗର୍ଭା ନୁହଁ ମାଟିର ମା ମାନେ ମଧ ରନି ଗର୍ଭା । ଖାଲି ଫକିର ମୋହନ ନୁହଁ ସେ ମନେ ପକାଇଥିଲେ ରାଧାନାଥଙ୍କୁ, କାନ୍ତକବିଙ୍କୁ ପୁଣି କୁନ୍ତଳା କୁମାରୀ ସାବତଙ୍କୁ । ଶେଷରେ ଉତ୍କଳ ମଣିଙ୍କ ଉକ୍ତି ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ କର୍ମେ ଜିଏ ନର କର୍ମ ଏକ ତାର ଜୀବନର ମାନଦଣ୍ଡ କହି ନିଜର ବକ୍ତବ୍ୟ ଶେଷ କରିଥିଲେ । ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭାବିଷ୍ୟମୂଳକ ଯୋଜନା ଓ ଭିଜନ ସମ୍ପର୍କରେ କହିଥିଲେ । ସମାବର୍ତ୍ତନରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଗଲା । ଗତ ତିନି ବର୍ଷରେ ବିଶ୍ୱବିଦ୍ୟାଳୟ ୧୧୦ଟି ସ୍ୱର୍ଣ୍ଣପଦକ ପ୍ରଦାନ କରିଥିବା ବେଳେ ୮୯ ଜଣ ଗବେଷଣା ପଣ୍ଡିତ ପିଏଚ୍‌ଡି ଡିଗ୍ରୀ ପ୍ରାପ୍ତ କରିଛନ୍ତି । ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରାଜ୍ୟରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ପଦକ୍ଷେପ ଓ ନୀତି ସଂଶୋଧନ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ କ୍ରୀଡା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଅନୁରାଧା ବିଶ୍ୱାଳ, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶାନ୍ତନୁ କୁମାର ଆଚାର୍ଯ୍ୟ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ସମ୍ମାନୀତ କରିଥିଲେ । ଉପକୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ଉପଲବ୍ଧି ଓ ବିକାଶମୂଳକ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଥିଲେ । ସମାରୋହରେ ସଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ,ବାଲେଶ୍ୱର, ନୀଳଗିରି, ସିମୁଳିଆ ଓ ରେମୁଣାର ବିଧାୟକମାନଙ୍କ ସହିତ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସମାରୋହ ପ୍ରଫେସର୍ ନିହାର ରଞ୍ଜନ ରାଉତଙ୍କ ମଞ୍ଚ ସଂଚାଳନାରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା ।

## ଓଡ଼ିଶା...

ଭଳି ଦ୍ରୁତ ଗତିରେ ବିକାଶ ପାଉଥିବା ଏବଂ ଭବିଷ୍ୟତରେ ଦେଶ ଏବଂ ରାଜ୍ୟର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଥିବା କ୍ଷେତ୍ରକୁ ଉଦୀୟମାନ କ୍ଷେତ୍ର (ସନ ରାଇଜ୍ ସେକ୍ଟର) ଭାବେ ବିବେଚନା କରାଯାଇ ସେସବୁ କ୍ଷେତ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୧୫ କାର୍ଯ୍ୟସୂଚୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବିଭାଗମାନେ ଏ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରୁଥିବା ତଥା ଦୁର୍ନୀତିଗ୍ରସ୍ତ, ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ସଂପର୍କିତ ବିବରଣୀ ଆଗାମୀ ମାସରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟକୁ ଅଧିକ ଦକ୍ଷ ଏବଂ ଉତ୍ତରଦାୟୀ କରିବା ପାଇଁ ବିଭାଗମାନଙ୍କରେ ମିଶନ କର୍ମଯୋଗୀ ଆଇ-ଜିଓଟି ପ୍ଲାଟଫର୍ମରେ ଅଧିକାରୀ ଓ କର୍ମଚାରୀମାନଙ୍କର ପ୍ରଶିକ୍ଷଣ ସଂପର୍କରେ ନିୟମିତ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାର ସହିତ ଯେଉଁ ସବୁ ବିଭାଗର ୱେବ୍ ସାଇଟ୍ ଇଂରାଜୀ ଭାଷାରେ ରହିଛି, ଏସବୁ ନିୟମିତ ଓଡ଼ିଆ ଭାଷାରେ ଅନୁବାଦ କରାଯାଉଛି କି, ତାହାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଇତି ମଧ୍ୟରେ କେନ୍ଦ୍ର ବଜେଟ୍ ଆଗତ ହୋଇସାରିଥିବାରୁ ରାଜ୍ୟରେ "ଓଡ଼ିଶା ଭିଜନ" ବିକଶିତ ଓଡ଼ିଶା ଲକ୍ଷ୍ୟକୁ ପୂରଣ କରିବାରେ ଏହା କିପରି ସଂଯୋଜିତ କରୁଛି, ତାହାକୁ ଲକ୍ଷ୍ୟ ରଖି ରାଜ୍ୟର ଆଗାମୀ ବଜେଟରେ ପ୍ରସ୍ତୁତି କିପରି ରହିବ, ଜନସାଧାରଣଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ତଦନୁସାରେ ବଜେଟକୁ ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମରେ ଅଭିନବତ୍ୱ ଆଣିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଅନୁ ଗର୍ଗ, ରାଜସ୍ୱ ସଂଗ୍ରହ ଏବଂ ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ଆଲୋଚନା କରିବା ସହିତ ସଚିବମାନଙ୍କର ଉକ୍ତ ପ୍ରସଙ୍ଗରେ ପରାମର୍ଶ ସଂପର୍କରେ ଗୁରୁତ୍ୱାରୋପ କରି ଗତ ସମୟରେ ବିଭାଗୀୟ କାର୍ଯ୍ୟ ସହିତ ପାନୀୟଜଳ, ବିଦ୍ୟାଳୟ ପରିବର୍ତ୍ତନ, କାର୍ଯ୍ୟକାରୀ ହେଉଥିବା ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ମଧ୍ୟ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନରେ ରହୁଥିବା ଆନ୍ତଃ ବିଭାଗୀୟ ସମସ୍ୟା ଓ ସେସବୁର ସମାଧାନ ସଂପର୍କରେ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଥିଲା ।

## ତଳାବିରା...

୨୦୦୩ରୁ ୨୦୧୪ ପର୍ଯ୍ୟନ୍ତ ଖଣି ଉତ୍ତୋଳନ ପାଇଁ ଅନୁମତି ଥିବାବେଳେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ବାବୁଖୁଣ୍ଟା ଗ୍ରାମର ମନବୋଧ ବିଶ୍ୱାଳ ଓ ଖୁଣ୍ଟା ଗ୍ରାମର ଦେବେନ୍ଦ୍ର ରାଉତ କହିଛନ୍ତି । ତେବେ ଡାକ ଯୋଗେ ଗ୍ରାମବାସୀମାନେ ଅଭିଯୋଗ କରିବା ପରେ ଏନଜିଟି ୨୦୨୨ ମସିହାରେ ସିବିଆଇ ପକ୍ଷରୁ ତଦନ୍ତ କରାଯାଇଥିଲା । ପରେ ଏହି ମାମଲାକୁ ବନ୍ଦ କରାଯାଇଥିଲା । ପୁଣି ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ପରେ ସିବିଆଇ ପୁଣି ଏକ ନୂଆଁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଇନ୍ସପେକ୍ଟର ରବିରାଜ ଖାଟିକଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ବଲପୁର ପହଞ୍ଚି ପଞ୍ଚାୟତ କାର୍ଯ୍ୟାଳୟରେ ଖୁଣ୍ଟା ଓ ବାବୁଖୁଣ୍ଟା ଗାଁର କ୍ଷତିଗ୍ରସ୍ତ ଲୋକଙ୍କ ପଚରାଉଚରା କରିଥିଲେ ।

## ବାଚସ୍ପତିଙ୍କ...

ଲୋକସଭା ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆଜି ନିଜ ଅଭିଭାଷଣ ଆରମ୍ଭ କରି ରାହୁଲ କହିଥିଲେ ଯେ ସେ ଏକ ନିବନ୍ଧକୁ ଉଦ୍ଧାର କରିବାକୁ ଚାହୁଁଛନ୍ତି । ଯେଉଁଥିରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଏହା ଜାତୀୟ ସୁରକ୍ଷା ସହ ସମ୍ପୃକ୍ତ । ପ୍ରଥମେ ଏହି ନିବନ୍ଧକୁ ସେ ଗୃହରେ ଉପସ୍ଥାପନ କରି ଅଧ୍ୟକ୍ଷଙ୍କ ଅନୁମତି ଲୋଡ଼ିଥିଲେ । ତେବେ ଅଧ୍ୟକ୍ଷ କହିଥିଲେ ଯେ ଏହାକୁ ସେ ପରୀକ୍ଷା କରିବେ । ମାତ୍ର ରାହୁଲ ସେହି ନିବନ୍ଧ ଉପରେ ଭାଷଣ ରଖିବାକୁ ଗୃହକୁ ପ୍ରଥମେ ୩ଟା ଯାଏ ମୁଲତବୀ କରାଯାଇଥିଲା । ଅଭିଭାଷଣ ଆରମ୍ଭରେ ରାହୁଲ କହିଥିଲେ ଯେ ଗତକାଲି ତାଙ୍କ କଥା ଉପରେ ରୋକ୍ ଲଗାଯାଇଥିଲା । ତେବେ ଅଧ୍ୟକ୍ଷଙ୍କୁ ସେ କହିଥିଲେ ଯେ ଅନୁମତି ଦେଇ ଥିଲେ ସେ ଆପଣ କହୁଛନ୍ତି । ବିରୋଧୀ ଦଳ ନେତା ହୋଇଥିବାରୁ ମୋତେ କେହି ଅନୁମତି ଦେବେନାହିଁ । ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ ଯେ ସମସ୍ତେ ଏହି ଅନୁମତି ନେଇ ମତ ରଖନ୍ତେ । ସେ ଯେ କିଛି କହୁଛନ୍ତୁ । ବାଚସ୍ପତିଙ୍କ ବିନା ଅନୁମତିରେ କିଏ କିଛି କହିପାରିବେ ନାହିଁ । ତେବେ ରାହୁଲ କହିଥିଲେ ମୁଁ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ଉଲ୍ଲେଖ କରୁଛି । ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଜାତୀୟ ସୁରକ୍ଷା କଥା ଉଠାଇଛନ୍ତି । ପାକିସ୍ତାନ ଓ ଚୀନ୍ ସହିତ ଆମ ସଂପର୍କ ସମ୍ପର୍କରେ ମୁଁ କହିଛି । ଏହା ଗୁରୁତ୍ୱପୂର୍ଣ୍ଣ, ମୁଁ ଏହାକୁ ସଠିକ୍ ଦର୍ଶାଉଛି । ଏଥିରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା ରହିଛି । ତେବେ ବିଜେପି ସାଂସଦମାନେ ଏହା ଉପରେ ତୀବ୍ର ଆପତ୍ତି କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଗତକାଲି ବାଚସ୍ପତି ଦେଇଥିବା ରୁଲିଂକୁ ଆଧାର କରିଥିଲେ । ତେଣୁ ଏହା କୁହାଯାଇପାରିବ ନାହିଁ ବୋଲି ସେ କହିଥିଲେ । କଂଗ୍ରେସ ସାଂସଦ କେସି ଭେଣୁଗୋପାଳ କହିଥିଲେ ଯେ ମନ୍ତ୍ରୀ ଗୃହକୁ ବିଭ୍ରାନ୍ତ କରୁଛନ୍ତି । ତେବେ ରାହୁଲ ପ୍ରତିବାଦ ସତ୍ତ୍ୱେ ଭାଷଣ ଜାରି ରଖିଥିଲେ । ତେବେ ଅନୁମତି ନ ମିଳିବାରୁ କଂଗ୍ରେସ ସାଂସଦମାନେ ପ୍ରତିବାଦ କରି, କାଗଜ ଚିରି ବାଚସ୍ପତିଙ୍କ ଆସନ ଆଡକୁ ଫିଙ୍ଗିଥିଲେ । ଏହା ଉପରେ ଗୃହର ଅଧ୍ୟକ୍ଷ ପ୍ରତିକ୍ରିୟା ପ୍ରକାଶ କରିଥିଲେ ଓ ସାଂସଦଙ୍କ ଆଚରଣ ଅଶୋଭନୀୟ ବୋଲି ମତ ଦେଇଥିଲେ । ଗୃହ ବାହାରେ ରାହୁଲ କହିଥିଲେ ଯେ ଇତିହାସରେ ପ୍ରଥମ ଥର ଲାଗି ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆଯାଉନାହିଁ । ଆମେରିକା ସହ ବୁଝାମଣା କରି ପ୍ରଧାନମନ୍ତ୍ରୀ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିଛନ୍ତି ବୋଲି ଅଭିଯୋଗ ଆଣିଥିଲେ ।

## ସମ୍ବିଧାନକୁ...

କଷ୍ଟକର ହୋଇପାରେ । ପ୍ରଧାନବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ଦେହ ଖରାପ ସମୟରେ ଜଣେ ବ୍ୟକ୍ତି ଡାକ୍ତରଙ୍କୁ ହ୍ୱାଟ୍ସଆପ୍‌ରେ ଜଣାଇଥାଏ । ଯଦି ହ୍ୱାଟ୍ସଆପ୍‌ରେ ଡାକ୍ତର କିଛି ଔଷଧ ଲେଖନ୍ତି କିଛି ସମୟରେ ସେହିସବୁ ଔଷଧର ବିଜ୍ଞାପନ ଆସିବା ଆରମ୍ଭ ହୋଇଯାଇଥାଏ । ମେଟା ପକ୍ଷରୁ ଲଢୁଥିବା ଆଇନ୍‌ଜୀବୀ ମୁକୁଲ ରୋହତୋଗୀ ଓ ଅଖିଳ ଶିବଲ ଯୁକ୍ତି ବାଢ଼ିଥିଲେ ଯେ ହ୍ୱାଟ୍ସଆପ୍ ସବୁବେଳେ ମେସେଜ୍‌ର ଗୋପନୀୟତାକୁ ଗୁରୁତ୍ୱ ଦିଏ । ଚାଟ୍‌କୁ କମ୍ପାନୀ ମଧ ନିଜେ ପଢ଼ିପାରିବ ନାହିଁ । ତେବେ ଏଥିରେ ସୁପ୍ରିମ୍‌କୋର୍ଟ ସନ୍ତୁଷ୍ଟ ହୋଇନଥିଲେ । ତେବେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ ଯଦି ହ୍ୱାଟ୍ସଆପ୍ ଭାରତରେ ଚାଲୁ ରହିବ ତେବେ ସେମାନେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଦେବେ ଓ ଲୋକଙ୍କ ଗୋପନୀୟତା ଅଧିକାରକୁ ଗୁରୁତ୍ୱ ଦେବେ ।

# ବିଜେଡିର ଜିଲ୍ଲା ସଭାପତି, କାର୍ଯ୍ୟକାରୀ ସଭାପତି ନିଯୁକ୍ତ

ଭୁବନେଶ୍ୱର (ସବ୍ୟ) : ବିଜେଡିର ୫ ଜିଲ୍ଲା ଲାଗି ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଛି । ଭଦ୍ରକ ଜିଲ୍ଲା ଲାଗି ବ୍ୟୋମକେଶ ରାୟଙ୍କୁ ସଭାପତି ନିଯୁକ୍ତ କରାଯାଇଥିବାବେଳେ ଗଞ୍ଜାମ ଜିଲ୍ଲା ଲାଗି କାର୍ଯ୍ୟକାରୀ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ଗନ୍ତାୟତଙ୍କୁ ନିଯୁକ୍ତି ଦିଆଯାଇଛି । ରାୟଗଡା ଜିଲ୍ଲା ଲାଗି ପି ଗୌରିଶଙ୍କରଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଥିବାବେଳେ ମୟୂରଭଞ୍ଜ ୨ ଲାଗି ରାଇସେନ୍ ମୁର୍ମୁଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି ।

# ରାଜମିସ୍ତ୍ରୀଙ୍କ ପାଇଁ ନୁଭୋକୋର୍ ଆରପିଏଲ୍ ତାଲିମ

ଭୁବନେଶ୍ୱର (ସବ୍ୟ) : ଭାରତର ବିଶ୍ୱସ୍ତ ନିର୍ମାଣ ସାମଗ୍ରୀ କମ୍ପାନୀ, ନୁଭୋକୋ ଭିସ୍ତାସ୍ କର୍ପୋରେସନ୍ ଲିମିଟେଡ୍ ପାନାଗଡ଼ର ନୁଭୋ ମେସନ ତାଲିମ କେନ୍ଦ୍ରରେ ଏହାର ପ୍ରମୁଖ ସିଏସଆର ପଦକ୍ଷେପ ନୁଭୋ ମେସନ ଅଧୀନରେ ରାଜମିସ୍ତ୍ରୀମାନଙ୍କ ପାଇଁ ପୂର୍ବ ଶିକ୍ଷାର ମାନ୍ୟତା (ଆରପିଏଲ) ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ନୁଭୋ ମେସନ ହେଉଛି ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଯାହା ରାଜମିସ୍ତ୍ରୀ ଦକ୍ଷତା ବୃଦ୍ଧି କରିବା, ଶ୍ରମିକମାନଙ୍କୁ ସଶକ୍ତ କରିବା ଏବଂ ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି । ପାନାଗଡ଼ ସିମେଣ୍ଟ ପ୍ଲାଣ୍ଟ ଆଖପାଖ ଗ୍ରାମରୁ ୨୫ ଜଣ ପ୍ରାର୍ଥୀଙ୍କ ପ୍ରଥମ ବ୍ୟାଚ୍ ସହିତ ତାଲିମ ଆରମ୍ଭ ହୋଇଛି । ଏହି ଅବସରରେ ପାନାଗଡ଼ ସିମେଣ୍ଟ ପ୍ଲାଣ୍ଟର ମୁଖ୍ୟ ସୁବ୍ରତ ମଣ୍ଡଳ କହିଛନ୍ତି ଯେ, ନୁଭୋ ମେସନ ଦକ୍ଷତା ବିକାଶ ଏବଂ ସାମାଜିକ ଦାୟିତ୍ୱ ମାଧ୍ୟମରେ ସମ୍ପ୍ରଦାୟ ସଶକ୍ତିକରଣ ପ୍ରତି ଆମର ସମର୍ପଣକୁ ପ୍ରତିଫଳିତ କରେ ।

# ନୂଆ ଜଗନ୍ନାଥ ସଡ଼କରେ ଦନ୍ତା : ଯାତ୍ରୀ ଆତଙ୍କିତ

ନିରାକାରପୁର, (ସବ୍ୟ) :ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳରେ ଦୀର୍ଘ ବର୍ଷ ଧରି ହାତୀ ଉପଦ୍ରବ କରିଥିବାବେଳେ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲ ହ୍ରାସ ,ଖାଦ୍ୟାଭାବ କାରଣରୁ ହାତୀ ଏବେ ଗାଁ, ସହର ମୁହାଁ । ହୋଇଛନ୍ତି । ଏବେ ହାତୀ ବିଭିନ୍ନ ସ୍ଥାନ ଗୋଟିଏ ଦୁଇଟି ହୋଇ ବୁଲୁ ଥିବାବେଳେ କାଲି ଠାରୁ ଗୋଟିଏ ହାତୀ ରାମେଶର ଜଙ୍ଗଲ ଓ ଜଗନ୍ନାଥ ସଡ଼କରେ ବୁଲୁ ଥିବାର ଦେଖିବାକୁ ମିଳିଛି । ମଙ୍ଗଳବାର ସନ୍ଧ୍ୟାରେ ରାମେଶ୍ୱର ଛକ ନିକଟ ନୂଆ ଜଗନ୍ନାଥ ସଡ଼କରେ ଦନ୍ତା ହାତୀଟି ବୁଲୁ ଥିବାର ଦେଖି ଲୋକେ ଭୟଭୀତ ହୋଇଥିଲେ । ଯାହା ଫଳରେ ଦନ୍ତାଟି ରାସ୍ତା ପାର ହେବା ସମୟରେ ଯାତ୍ରୀ ଆତଙ୍କିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି । ପ୍ରାୟ ୧୦ ମିନିଟ ରାସ୍ତାର ଉଭୟ ପାଶ୍ୱର୍ରେ ଯାତ୍ରୀମାନେ ଅଟକି ରହିଥିଲେ ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 03/02/2026 I, Rama Krishna Lenka, Address At- New Street, Po- Khalikote, Ps- Khalikote, District- Ganjam, Odisha, Pin- 761030 declare that I have changed the name of my daughter from **Subhangini Lenka** to **Kumari Subhangi**. Henceforth, she shall be known as **Kumari Subhangi** for all purposes.

**Rama Krishna Lenka**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 03/02/2026 I, B.Mamata Reddy, Address At- Pathar Bandha, Po- Saheednagar, Ps- Saheednagar, District- Khordha, Odisha, Pin- 751007 declare that I have changed the name of my daughter from **Bulashmi Reddy** to **B. Bhulaxmi Reddy**. Henceforth, she shall be known as **B. Bhulaxmi Reddy** for all purposes.

**B.Mamata Reddy**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 03/02/2026 I, Dhaneswar Kar, Address At- Chatumari, Po- Bhurunga, Ps- Bari, District- Jajapur, Odisha, Pin- 755017 declare that I have changed the name of my daughter from **Sayan Sidha Kara** to **Swayamsidha Kar**. Henceforth, she shall be known as **Swayamsidha Kar** for all purposes.

**Dhaneswar Kar**

**ହଜିଛି**

ମୁଁ ସନ୍ତୋଷୀ ମହାପାତ୍ର, ସ୍ୱାମୀ: ବିପ୍ଲବୀ ମହାପାତ୍ର, ପ୍ଲଟ୍ ନଂ.: ୯୯, ରୋଡ୍ ନଂ.: ୧୭, ମହାବୀର ନଗର, ସାମନ୍ତରାପୁର, ଜିଲ୍ଲା: ଖୋର୍ଦ୍ଧା- ୭୫୧୦୦୨ ଏତଦ୍ୱାରା ଜଣାଇ ଦେଉଛି କି ତା.୦୫.୦୧.୨୦୨୬ ରିକ୍ସରେ ଲିଙ୍ଗିପୁର ରାସ୍ତାରେ ଯାଇଥିବା ସମୟରେ ମୋ ଜମିର କାଗଜପତ୍ର ଯଥା ପଟ୍ଟା ଯାହାର ଖାତା ନଂ.: ୩୬୬/୧୮୯୯, ପ୍ଲଟ୍ ନଂ.: ୩୦୧ କେଉଁଠାରେ ହଜିଯାଇଛି । ଏ ବାବଦରେ ମୁଁ ଧଉଳି ଥାନାରେ ଏଫଆଇଆର୍ ଦାଖଲ କରିଛି । ଯଦି କେହି ଉପରୋକ୍ତ ପଟ୍ଟାକୁ ପାଆନ୍ତି ତେବେ ମୋ.: ୯୯୩୭୦୪୧୬୮୧ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

By virtue of an affidavit sworn before The Notary public Bhadrak dated 31.12.2025.I ANAM CHARAN MALIK,S/o-Ratnakar Malik,At-Kandapur,P.O- Nandapur,P.S-Tihidi, Dist- Bhadrak, Odisha, Pin -756127 declare that I have changed my name from ASHOKE DAS to ANAM CHARAN MALIK. Henceforth I shall be known as ANAM CHARAN MALIK for all purpose

**ANAM CHARAN MALIK**

**AFFIDAVIT**

By virtue of an affidavit sworn before executive magistrate, Gondia, Dhenkanal, Sl No 69/ 19.01.26, I, Tukuna Malla, S/O- Premananda Malla, Vill- Puruna Amanga, Po- Kaluni Goda, Via-Gondia, PS-Nihal Prasad, Dist-Dhenkanal, Pin-759016 declare that my actual name is Tukuna Malla as per Aadhaar (677430603129). But, it is wrongly mentioned as Tukuna Kumar Mall in my DL (OR04 20090098539). I have changed my name from Tukuna Kumar Mall to Tukuna Malla. Henceforth, I will be known as Tukuna Malla in concerned purpose.

**RAJENDRA UNIVERSITY**
**PRAJNA VIHAR, BALANGIR-767002, ODISHA (INDIA)**
e-mail : rajendrauniversitybgr@gmail.com
11001/4/2526 No. 133 / RUB Date. 31.1.2026

**WALK IN INTERVIEW FOR TEMPORARY ENGAGEMENT OF PROFESSOR/ASSOCIATE PROFESSOR/ASSISTANT PROFESSOR/ GUEST FACULTY**

Interested candidates may appear for the walk-in-interview for temporary engagement as Professor/Associate Professor / Assistant professor/Guest Faculty in different departments of Rajendra University, Balangir in the subjects : **Odia, English, Philosophy, Mathematics, Chemistry, Physics, Zoology, Commerce, Education & Political Science on 18.02.2026** in the University premises. For further details, please visit **www.rajendrauniversity.ac.in.**

Sd/- Registrar
Rajendra University, Balangir

OIPR : 11001/11141/1/25-26/0004

## ସମୂହ ବ୍ରତୋପନୟନ ୨୭ରେ

କଣ୍ଟିଲୋ, (ସବ୍ୟ) :ପ୍ରତିବର୍ଷ ପରି ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତାରେ ଅଧିଷ୍ଠିତ ପଞ୍ଚମୁଖୀ ହନୁମାନ ପୀଠରେ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିଃଶୁଳ୍କ ଭାବେ ପ୍ରତିଷ୍ଠିତ ବ୍ରାହ୍ମଣ ପଣ୍ଡିତମାନଙ୍କ ଦ୍ୱାରା ବ୍ରତ ସଂସ୍କାର କାର୍ଯ୍ୟ ସମ୍ପନ୍ନ କରାଯିବ । ଆଗ୍ରହୀ ବ୍ରାହ୍ମଣ ପରିବାର ମନ୍ଦିର ଟ୍ରଷ୍ଟ ସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲ ମୋ- ୯୩୪୮୯୩୭୫୫୧, ସମ୍ପାଦକ ଲକ୍ଷ୍ମୀଧର ଚିନାରା ମୋ- ୯୯୩୭୭୧୫୭୦୦ଙ୍କୁ ଯୋଗାଯୋଗ ପାଇଁ ସୂଚନା ଦିଆଯାଇଛି ।

BAJAJ FINANCE

**ଖବରକାଗଜରେ ପ୍ରକାଶିତ ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସମ୍ପର୍କିତ ସାର୍ବଜନୀନ ବିଜ୍ଞପ୍ତି**
**ବଜାଜ ଫାଇନାନ୍ସ ଲିମିଟେଡ୍**
**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ୍, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ ସମସ୍ତ ସମ୍ପୃକ୍ତ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଏହା ସୂଚିତ କରାଯାଉଛି ଯେ, ଯେଉଁ ଋଣଗ୍ରହୀତାମାନେ ଗୋଲ୍ଡ ଲୋନ୍ ନେବା ସମୟରେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଜମା କରିଥିଲେ ଏବଂ ଯେମାନେ ଲୋନ୍ ରାଶି ପରିଶୋଧ କରିପାରିନାହାନ୍ତି କିମ୍ବା ଆବଶ୍ୟକ ମାର୍ଜିନ ରାଶି ଜମା କରିପାରିନାହାନ୍ତି, ବାରମ୍ବାର ସୂଚନା ପରେ ମଧ୍ୟ ଯଦି ବିଫଳ ହୁଅନ୍ତି, ତେବେ ସେହି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ "ଯେମିତି ଅଛି, ସେହି ଅବସ୍ଥାରେ" ନିଲାମ ପାଇଁ ଉପସ୍ଥାପନ କରାଯିବ । ନିଲାମରେ ଅଂଶଗ୍ରହଣକାରୀମାନେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସରଣ କରିବାକୁ ଅନୁରୋଧ ଜଣାଯାଉଛି:

(କ) ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ (ଲୋନ୍, ଅଳଙ୍କାର, ମୋଟ ଓଜନ, ନିଲାମର ସ୍ଥାନ ଏବଂ ତାରିଖ) ଦେଖିବା ପାଇଁ ପାର୍ଶ୍ୱରେ ଥିବା QR କୋଡ୍ ସ୍କାନ୍ କରନ୍ତୁ।
(ଖ) ଏହି ସାର୍ବଜନୀନ ନିଲାମ ସହ ସମ୍ବନ୍ଧିତ ବିଡରମାନଙ୍କ ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ("T&CS") ପଢ଼ିବା ପାଇଁ ନିମ୍ନଲିଖିତ ୱେବଲିଙ୍କକୁ ଭିଜିଟ୍ କରନ୍ତୁ: http://172.30.1.235:3000/?WOUB2OG9WU
(ଗ) ସର୍ତ୍ତ ଓ ନିୟମାବଳୀ ବୁଝିବା ପରେ, ତାହା ଅନୁସାରେ ନିଲାମ ତାରିଖରେ କିମ୍ବା ତାହା ପୂର୍ବରୁ NEFT / RTGS / ବଜାଜ ଗୋଲ୍ଡ ଅକ୍ସନ୍ ଆପ୍ ମାଧ୍ୟମରେ ₹25,000 ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଜମା କରନ୍ତୁ।
(ଘ) ନିଲାମ ସ୍ଥଳରେ ସକାଳ 10ଟାରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହନ୍ତୁ; ଏବଂ
(ଙ) ନିଲାମ ସ୍ଥଳକୁ ବୈଧ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଆସିବା ଆବଶ୍ୟକ।
(ଚ) ନିଲାମ ତାରିଖରେ ମଧ୍ୟାହ୍ନ 12ଟା ପରେ କୌଣସି ବିଡରଙ୍କୁ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ।
(ଛ) ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଦେଇଥିଲେ ମଧ୍ୟ, ନିର୍ଦ୍ଦିଷ୍ଟ ସମୟ ସୀମାରେ ଅଂଶଗ୍ରହଣ ନକରିଥିବା ବିଡରମାନଙ୍କୁ ସ୍ୱୀକାର କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ଶାଖା ପରିଚାଳକ / ନିଲାମକାରୀଙ୍କ ପାଖରେ ରହିବ।

ସ୍କାନ୍ କରନ୍ତୁ

ନିଲାମର ସ୍ଥାନ ଏବଂ ତାରିଖରେ କୌଣସି ପରିବର୍ତ୍ତନ ହେଲେ, ସେହି ସୂଚନା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବାର ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। ଯେକୌଣସି ପ୍ରକାରର ଜିଜ୍ଞାସା କିମ୍ବା ସ୍ପଷ୍ଟୀକରଣ ପାଇଁ, ନିମ୍ନଲିଖିତ ଇମେଲ୍ ଠିକଣା ମାଧ୍ୟମରେ ଆମ ସହ ସମ୍ପର୍କ କରିପାରିବେ - gold.auction@bajajfinserv.in

(11-03-26): **ଅନୁଗୋଳ - ଗାନ୍ଧୀ ରୋଡ୍:** PJD6SGL15718615. **ଆଠଗଡ଼ - ବୀରକିଶୋରପୁର:** PCQ8SGL15650389, 15693949, 15762973, 15803647, 15803210, 15802269, 15992243, 16053608, 16117539, 16147191. **ବାଲେଶ୍ୱର - ପୋଲିସ୍ ଲାଇନ୍ ସ୍କୋୟାର୍:** PEI4SGL15722717, 15756128, 15804222, 15804984, 15933372, 15967620, 15957118, 16005396, 16047838, 16053308, 16097592, 16103351. **ବାଲୁଗାଁ - ମେନ୍ ରୋଡ୍:** PCQ9SGL15783022, 15896785, 15962534, 16046252. **ବରଗଡ଼ - ଖାରଜତୀ କାଲା:** PGC3SGL15714427, 15737435, 15761028, 15778701, 15788436, 15802398, 15807577, 15811575, 15811349, 15851403, 15854312, 15888596, 15886231, 15956751, 15965196, 16026279, 16129604, 16117033. **ବାରିପଦା - KC ସର୍କଲ୍:** PMZ3SGL15741533, 16124757, 16146296. **ବାସୁଦେବପୁର - AB କଲେଜ୍ ଛକ:** PJE1SGL15967587, 15990389. (12-03-26) **ବ୍ରହ୍ମପୁର - ଗୋସାନୀ ନୂଆଗାଁ:** PMR7SGL15695667, 15694705, 15812583, 15912559, 15929524. **ବ୍ରହ୍ମପୁର - କମାପଲ୍ଲି ଛକ:** PB63SGL15645471, 15646325, 15965024, 16049857, 16050101, 16049657, 16049096, 16109805, 16145609. **ଭଦ୍ରକ - ଧାମନଗର:** PML4SGL15909903. **ଭଦ୍ରକ - ସାଲାଣ୍ଡି ବାଇପାସ୍:** PCR1SGL15657234, 15779818, 15827363, 15961814. **ଭବାନୀପାଟଣା - BGL:** PU41SGL13475121, 15575563, 15618296, 15742534, 15961918, 15990798. **ଭୋଗରାଇ - ଥାନା ଛକ:** PLP3SGL15936149. **ଭୁବନେଶ୍ୱର - ଖଣ୍ଡଗିରି:** PER5SGL15583038, 15572688, 15614412, 15810642, 15876807. (13-03-26) **ଭୁବନେଶ୍ୱର - BGL:** P423SGL15575210, 15623170, 15624151, 15637378, 15690808, 15786697, 15811385, 15828674, 15867233, 15867162, 15913646, 16045204, 16094581. **ବୁଗୁଡ଼ା - ମେନ୍ ରୋଡ୍:** PLH7SGL13595832, 14396895, 14630160, 15570017, 15645311, 15721551, 15782979, 15781461, 15801136, 15802290, 15810165, 15809004, 15803652, 15809685, 15830685, 15822188, 15826379, 15824947, 15852739, 15853290, 15847340, 15868791, 15868515, 15868947, 15863647, 15907300, 15938512, 15956502, 16073902, 16070890, 16074933, 16120669. **ଚୌଦ୍ୱାର - କଳିଙ୍ଗ ଛକ:** PLE8SGL15824919, 15875265, 16048393, 16102275. **ଛତ୍ରପୁର - ମେନ୍ ରୋଡ୍:** PMV8SGL15638845, 15930400, 15963524, 16121104. **କଟକ - ଲିଙ୍କ ରୋଡ୍:** PGG9SGL15834163, 16125374. **ଢେଙ୍କାନାଳ - ମହାବୀର ମନ୍ଦିର:** PMS4SGL15874470. **ଗଞ୍ଜାମ - କଳିଙ୍ଗ ରୋଡ୍:** PMS5SGL15657002. (16-03-26) **ଗୁଣୁପୁର - ବାଇପାସ୍ ରୋଡ୍:** PLO9SGL15582580, 15826781. **ଜଗତସିଂହପୁର - ଦୁର୍ଗାବଜାର:** PU42SGL14762445, 15594798, 15616170, 15784681, 15796082, 15807878, 15822633, 15832140, 15852226, 15874842, 16129377. **ଜଗତସିଂହପୁର - ରହମା:** PML9SGL14630076, 15743222, 15869064, 15961619, 16003253, 16142447. **ଯାଜପୁର - ମଙ୍ଗଳପୁର:** PLF4SGL15835929, 15874611, 16008701. **ଯାଜପୁର - ସିଂହପୁର:** PLS4SGL14511393, 15665283, 15849595, 15938338, 16050758. **ଯାଜପୁର - ଟାଉନ୍ ଶୀତଳେଶ୍ୱର:** PJU7SGL13735678, 14777910, 15846093, 15967552, 16127323. **ଯାଜପୁର ରୋଡ୍ - ବ୍ୟାଙ୍କ୍ ସ୍ଟ୍ରିଟ୍:** PKI2SGL15594809, 15931270, 16095314. (17-03-26) **ଜଟଣୀ - ମେନ୍ ରୋଡ୍:** PCR2SGL13816592, 15662737, 15786979, 15809091, 15807437, 16099377. **ଜୟପୁର - ଏମ୍.ଜି. ରୋଡ୍:** PGH2SGL14445096, 14846569, 15594762, 15598318, 15618321, 15638723, 15660046, 15660867, 15661852, 15668915, 15753377, 15786069, 15775603, 15847658, 15886338, 15919329, 15935257, 15957473, 15965973, 16049234, 16139065. **ଝାରସୁଗୁଡ଼ା - ବେହେରାମାଲ:** PG62SGL15593469, 15643625, 15663807, 15660945, 15661323, 15660099, 15664270, 15782911, 15783177, 15800936, 15810842, 15801366, 15811451, 15809707, 15964114, 15960270, 15986637, 16074477, 16069028, 16073769, 16121517, 16141834. **କଣିହା - NTPC ବାଇପାସ୍ ରୋଡ୍:** PV26SGL15801578, 15796739, 15930855, 16025225, 16126770. **କେନ୍ଦ୍ରାପଡ଼ା - କଲେଜ୍ ସ୍କୋୟାର୍:** PGT6SGL15806501, 15803129, 15875932, 15992223, 16118120. **କେନ୍ଦୁଝର - ମାଇନିଂ ରୋଡ୍:** PCQ7SGL16138735. **ଖୋର୍ଦ୍ଧା - ମେନ୍ ଟାଉନ୍:** PDA3SGL15692202, 15803673, 15964090. (18-03-26) **କୁଚିଣ୍ଡା - BGL:** P93KSGL15572303, 15600997, 15616396, 15686899, 15686353, 15688253, 15762121, 15783337, 15803581, 15809005, 15829127, 15877823, 15938323, 15959726, 15967493, 16055066, 16128328, 16117748, 16141343. **ମଦନପୁର ରାମପୁର - ମେନ୍ ରୋଡ୍:** PLF2SGL15602854, 15822639, 15823202. **ନବରଙ୍ଗପୁର - ପଟେଲ ମାର୍ଗ:** PCR3SGL15600467, 15637635, 15735884, 15758311, 15781600, 15808978, 15809682, 15797515, 15807724, 15801569, 15827397, 15829139, 15831950, 15835656, 15848026, 15917065, 15913186, 15917490, 15932710, 15961005, 15986061, 16026298, 16052336, 16050183, 16058562, 16102140, 16142598. **ନୟାଗଡ଼ - ଖଣ୍ଡପଡ଼ା ରୋଡ୍:** PMR9SGL15644419, 15732852, 15740960, 15778834, 15830167, 15835005, 15959919, 16099597. **ନିଆଳି - ମେନ୍ ରୋଡ୍:** PJD4SGL13625177, 14679716, 15572263, 15643545, 15744430, 15874447, 15863904, 16125265. **ନୀଳଗିରି - ମେନ୍ ରୋଡ୍:** PLO8SGL13736973, 14706494, 14818894. **ନିମାପଡ଼ା - ଗଣେଶ ବଜାର୍:** PJE2SGL15572840, 15663219, 15663337, 15844927, 15867139, 15875363, 15958566, 15990052, 15988355, 16006509, 16029708, 16148495. (19-03-26) **ନୂଆପଡ଼ା - ମେନ୍ ରୋଡ୍:** P86HSGL15646022, 15659092, 15658002, 15982557, 16006040, 16104051. **ଫୁଲବାଣୀ - BGL:** P93ASGL14392206, 14819673, 15596843, 15594134, 15618590, 15637808, 15639580, 15643048, 15638648, 15662180, 15665473, 15664891, 15697933, 15734885, 15735464, 15781319, 15782735, 15800446, 15799652, 15821247, 15835206, 15828184, 15876985, 15877478, 15908393, 16106421, 16100891, 16107092, 16107365, 16096850, 16107659. **ପିପିଲି - ହାଟ ଛକ:** PGE1SGL15984516. **ପୁରୀ - କୋଣାର୍କ ରୋଡ୍:** POG3SGL15801829, 15917598, 15917522, 16057827. **ପୁରୀ - ଭି.ଆଇ.ପି ରୋଡ୍:** PEK3SGL15834837, 15865789, 16012894, 16029518. **ରାଜଗାଙ୍ଗପୁର - ମେନ୍ ରୋଡ୍:** P504SGL15635953, 15700410, 15700673, 15776239, 15788415, 15852639, 15890671, 15962968, 16025850, 16122297. **ରାଜନଗର - ମେନ୍ ରୋଡ୍:** PLJ3SGL14564110, 14581455, 14660518, 14840221, 15576835, 15594051, 15625942, 15614495, 15639584, 15692562, 15694768, 15714160, 15716488, 15733745, 15758815, 15781347, 15780297, 15801294, 15802200, 15853036, 15848641, 15875125, 15906161, 15915766, 15967214, 15983663, 16006263, 16053041, 16074776, 16106420, 16102064, 16145051. (20-03-26) **ରାୟଗଡ଼ - ସି.ଏସ୍.ଆର୍ ରୋଡ୍:** PCR4SGL15786520, 15785747, 15803548, 15839720, 15889890. **ରାଉରକେଲା - କୋଏଲ ନଗର:** PER3SGL15662391, 15741719, 15959109, 16008609. **ସାଲେପୁର - ମେନ୍ ରୋଡ୍:** PGN9SGL15700390, 15735559, 15910325, 15983158, 15983826, 16103601. **ସୁନ୍ଦରଗଡ଼ - ହସ୍ପିଟାଲ୍ ରୋଡ୍:** PJU9SGL15687459, 16095473, 16119361, 16137779. **ତାଳଚେର - ହତାତୋଡା ଛକ:** PJU8SGL15597392, 15778550, 16035418. **ଟାଙ୍ଗୀ - ମେନ୍ ରୋଡ୍:** PG01SGL15709381, 15778348, 15774154, 15801345, 15845567, 16137804. **ଉମରକୋଟ - ଗୁଲିପାଟଣା:** PJE3SGL15594470, 15719418, 16015661, 16050885.

**ବଜାଜ ଫାଇନାନ୍ସ ଲିମିଟେଡ୍**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଖୋର୍ଦ୍ଧା,(ସବ୍ୟୁ) ଖୋର୍ଦ୍ଧା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ପୌରହିତ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ



ଜିଲ୍ଲାସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ବ୍ୟାପକ ସଚେତନତା ଜାଗରଣ କରିବା ନିମନ୍ତେ ଏକ ସପ୍ତାହ ବ୍ୟାପି ୧୭ ଜାନୁୟାରୀ ଠାରୁ ୨୪ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଗୁଡିକରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥିଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଆରକ୍ଷୀ ନିରୀକ୍ଷକ ମମତା ପତି ଯୋଗଦେଇଥିଲେ। ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, କନ୍ୟା ସନ୍ତାନ ମାନଙ୍କର ଅଧିକାର ଏବଂ ସେମାନଙ୍କ ଶଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ବିସ୍ତୃତ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ପ୍ରହାରାଜ ଅତିଥି ପରିଚୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଟାଙ୍ଗୀ, ଚିଲିକା, ଏବିଡିଓ ବୋଲଗଡ଼, ସମସ୍ତ ବ୍ଲକର ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି ସୁପରଭାଇଜର, ଶକ୍ତି ସଦନ, ଓଏସସି, ସ୍ୱେଚ୍ଛାସେବୀ ସଂଗଠନ, କିଶୋରୀ ବାଳିକା ଏବଂ ପ୍ରମୁଖ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କନ୍ୟା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପୁରସ୍କୃତ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜିକା ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍

# ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟଙ୍କ ଚମତ୍କାର ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ପୁରୀରେ ଅନୁଷ୍ଠିତ ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି) ସହିତ ରାଉରକେଲା, ପୁରୀ ଏବଂ ଜୟପୁରରେ ଥିବା ଏହାର ତୃଣମୂଳ କେନ୍ଦ୍ରର ଆଥଲେଟମାନେ ପୁରୁଷ କଳାତ୍ମକ ଜିମ୍ନାଷ୍ଟିକ୍ସ (ଏମ୍ଏଜି) ଏବଂ ମହିଳା କଳାତ୍ମକ ଜିମ୍ନାଷ୍ଟିକ୍ସ (ଡବ୍ଲୁଏଜି) ଉଭୟରେ ବିଭିନ୍ନ ବୟସ ଏବଂ ବର୍ଗରେ ଅଂଶଗ୍ରହଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରତିନିଧିତ୍ୱ କରିଥିଲେ। ଏହି ଦଳ ବିଭିନ୍ନ ପ୍ରତିଯୋଗିତାରେ ୩୫ ସ୍ୱର୍ଣ୍ଣ, ୩୪ ରୌପ୍ୟ ଏବଂ ୩୩ ବ୍ରୋଞ୍ଜ ପଦକ ସହିତ ୧୦୨ ପଦକ ଜିତିଛି।

ଏଚପିସି ପକ୍ଷରୁ ୪୫ ଜଣ ଆଥଲେଟଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ପୁରୁଷ ବର୍ଗରେ ୨୪ ଜଣ ଏବଂ ମହିଳା ବର୍ଗରେ ୨୧ ଜଣ ସିନିୟର, ଜୁନିୟର ଓ ସବ୍-ଜୁନିୟର ଆଥଲେଟ୍ ସାମିଲ ଥିଲେ, ଯେଉଁମାନେ ବିଭିନ୍ନ



ବିଭାଗରେ ସ୍ଥିରତା ଓ ଦକ୍ଷତାର ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କର ଏହି ଅଂଶଗ୍ରହଣ ଓଡ଼ିଶାରେ ଉଚ୍ଚ-ପ୍ରଦର୍ଶନ ଭିତିକ ଜିମ୍ନାଷ୍ଟିକ୍ସରେ ଏଚପିସିର ଏକ ପ୍ରମୁଖ ଭୂମିକାକୁ ପ୍ରତିପାଦିତ କରିଛି। ତୃଣମୂଳ ସ୍ତରରେ ରାଉରକେଲା ଏମଏଜି ୧୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୭ ଜଣ ଆଥଲେଟ୍ ଏବଂ ଡବ୍ଲ୍ୟୁଏଜି ୧୪ ବର୍ଷରୁ କମ୍ ବର୍ଗରେ ୧୩ ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଏମ୍ଏଜି ୧୦, ୧୨ ବର୍ଷରୁ କମ୍ ଏବଂ ୧୪ ବର୍ଷରୁ କମ୍ ବର୍ଗରେ ୨୨ ଜଣ ଆଥଲେଟ୍ ଏବଂ ଡବ୍ଲ୍ୟୁଏଜି ୧୦ ଏବଂ ୧୪ ବର୍ଷରୁ କମ୍ ବର୍ଗରେ ୧୩ ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଜୟପୁର ଯଦିଓ ସଂଖ୍ୟାରେ କମ୍ ଥିଲା, ତଥାପି ଏମଏଜି ୧୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୨ଜଣ ଆଥଲେଟ୍ ଏବଂ ଡବ୍ଲ୍ୟୁଏଜି ୧୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୨ ଆଥଲେଟଙ୍କ ସହିତ ଦୃଶ୍ୟମାନ ପ୍ରଦର୍ଶନ କରିଥିଲା। ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଉଲ୍ଲେଖନୀୟ ପଦକ ସଂଖ୍ୟା ଓଡ଼ିଶାର ତୃଣମୂଳସ୍ତରରୁ ଉଚ୍ଚ-

**ବିଭିନ୍ନ ପ୍ରତିଯୋଗିତାରେ ୩୫ ସ୍ୱର୍ଣ୍ଣ, ୩୪ ରୌପ୍ୟ ଏବଂ ୩୩ ବ୍ରୋଞ୍ଜ ପଦକ ହାସଲ**

ପ୍ରଦର୍ଶନ ପର୍ଯ୍ୟନ୍ତ ଯାତ୍ରାର ଦୃଢତାକୁ ପ୍ରତିଫଳିତ କରୁଛି। ଭୁବନେଶ୍ୱରରେ ଥିବା ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର, ରାଉରକେଲା, ପୁରୀ ଏବଂ ଜୟପୁରର କେନ୍ଦ୍ରଗୁଡ଼ିକ ସହିତ, ଏପରି ଏକ ପରିବେଶକୁ ପ୍ରତିଫଳିତ କରୁଛି, ଯେଉଁଠାରେ ଯୁବ ପ୍ରତିଭା ଏବଂ ଉଚ୍ଚକୋଟୀର ଆଥଲେଟ୍ମାନେ ଏକତ୍ର ଭାବେ ଆଗକୁ ବଢୁଛନ୍ତି। ଏହି ସଫଳତା ଓଡ଼ିଶାରେ କ୍ରୀଡ଼ା ଉତ୍କର୍ଷତାର ଏକ ସ୍ଥାୟୀ ସଂସ୍କୃତି ଗଠନ ପାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନିକଟରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟମାନେ ଲିସବନରେ ଆୟୋଜିତ ଅନ୍ତର୍ଜାତୀୟ ମହାଦେଶୀୟ କପ୍ ରେ ୨୦ଟି ପଦକ ହାସଲ କରିଥିଲେ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଓଡିଶା ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ

ଜଟଣୀ, (ସବ୍ୟୁ) : ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଦିନିଆ ୪୮ତମ ଓଡିଶା ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ ଓ "ଜାତୀୟ ସମ୍ମିଳନୀ - ଆଡ଼ଭାନସେସ ଇନ ମେଡ଼ିସିନାଲ ପ୍ଲାଣ୍ଟ ରିସର୍ଚ୍ଚ ଆଣ୍ଡ ଇନୋଭେସନ -୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଦେଶ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ, ଗବେଷଣାରତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ବୈଜ୍ଞାନିକ ମାନେ ଉପସ୍ଥିତ ହୋଇ ନିଜର ଗବେଷଣାତ୍ମକ ବିଷୟ ବସ୍ତୁ ଉପରେ ଉପସ୍ଥାପନା କରିଥିଲେ। ମୁଖ୍ୟଅତିଥି ଭାବରେ ପ୍ରଫେସର (ବୈଦ୍ୟ) ରବିନାରାୟଣ ଆଚାର୍ଯ୍ୟ ଡାଇରେକ୍ଟର ସି. ସି.ଆର.ଏ.ଏସ ଯୋଗ ଦେଇ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଆୟୁର୍ବେଦ ଓ ଉଦ୍ଭିଦ ବିଜ୍ଞାନର ଉପଯୋଗ ବିଷୟରେ ଆଲୋକପାତ କରିଥିଲେ। ଓଡିଶା ବୋଟାନିକାଲ ସୋସାଇଟିର ଅଧକ୍ଷ ପ୍ରଫେସର ଡ଼ଃ କୁଞ୍ଜବିହାରୀ ଶତପଥି ଉଦ୍ଭିଦର ଔଷଧୀୟ ଗୁଣବତ୍ତା



ଉପରେ ଆଲୋକପାତ କରିଥିଲେ। ସୋସାଇଟିର ସଚିବ ଡ଼ଃ ସୁଜାତା ମହାନ୍ତି ବିଭିନ୍ନ ପ୍ରକାର ପୁରସ୍କାର ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ପ୍ରଫେସର ରାମଚନ୍ଦ୍ର ମହାନ୍ତି, ଡ଼ଃ ପ୍ରଦୀପ୍ କୁମାର ଚାନ୍ଦ, ଡ଼ଃ ବିଭୁତି ଭୂଷଣ ମିଶ୍ର, ଡ଼ଃ ପାର୍ଥ ପ୍ରତିମ ବରୁଆ, ଡ଼ଃ ସାଗର କୁମାର ମିଶ୍ର, ଡ଼ଃ ପ୍ରଦୀପ କୁମାର ନାୟକ, ଡ଼ଃ ଏ.ବି ଦାସ, ଡ଼ଃ ଶଙ୍କର ନାରାୟଣ ସିନ୍ହା, ଡ଼ଃ ଗାଥା ମହାନ୍ତି, ଡ଼ଃ ଗୋପାଲ କ୍ରିଷ୍ଣା ସେମାନଙ୍କର ଗବେଷଣାରତ ବିଷୟ ଉପରେ ଆଲୋକପାତ କରିଥିଲେ। ସମାପନ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧକ୍ଷ ପ୍ରଫେସର ମୁକ୍ତିକାନ୍ତ ମିଶ୍ର ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଉଦବୋଧନ ଦେଇଥିଲେ।ଏହି ସମ୍ମିଳନୀର ସାରାଂଶ ପୁସ୍ତକରେ ମୋଟ ୧୮୭ଟି ସାରାଂଶ ପ୍ରକାଶିତ ହୋଇଥିଲା। ଚାରିଟି ଅଲଗା ଅଲଗା ବର୍ଗରେ ପ୍ରତିଯୋଗିତା କରାଯାଇ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା।ସଂଯୋଜିକା ଡ଼ଃ ରୁକ୍ମିଣୀ ମିଶ୍ର, ସହ ସଂଯୋଜିକା ପ୍ରଫେସର ସାଗରିକା ପରିଡା, ଆୟୋଜକ ସଚିବ ଡ଼ଃ ଜ୍ଞାନରଞ୍ଜନ ମହାଲିକ ସେମାନଙ୍କର ବକ୍ତବ୍ୟ ଉପସ୍ଥାପନା କରିଥିଲେ।ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଗବେଷଣରତ ଛାତ୍ରଛାତ୍ରୀ ଓ ଛାତ୍ରଛାତ୍ରୀ ମାନେ ସମିଳନୀକୁ ସୁଚାରୁ ରୂପେ ପରିଚାଳିତ କରିଥିଲେ। ପରିଶେଷରେ ଡ଼ଃ ସୁଜାତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜାଲରେ ପଡ଼ିଥିବା ବିରଳ ପେଚା ଉଦ୍ଧାର

ବାରଙ୍ଗ , (ସବ୍ୟୁ) : ଗୋଡିସାହି ଫାଣ୍ଡି ଅନ୍ତର୍ଗତ ମୁଣ୍ଡଳୀ ଜଗନ୍ନାଥ ମନ୍ଦିର ନିକଟରୁ ଜାଲରେ ଛନ୍ଦି ହୋଇ ପଡ଼ିଥିବା ଏକ ବିରଳ ପେଚାକୁ ଉଦ୍ଧାର କରାଯାଇ ଚିକିତ୍ସା ପରେ ଜଙ୍ଗଲରେ ଛଡାଯାଉଛି । ପ୍ରକାଶ ଯେ, ମଙ୍ଗଳବାର ଦିନ ମୁଣ୍ଡଳୀ ବ୍ୟାରେଜ ନିକଟସ୍ଥ ମହାନଦୀ କୂଳରେ ଥିବା ଜଗନ୍ନାଥ ମନ୍ଦିର ପଛପଟେ ଏକ ଛିଣ୍ଡା ଜାଲରେ ଗୋଟିଏ ବିରଳ ପ୍ରଜାତିର ଧଳା ପେଚାଟି ଗୁଡ଼େଇ ହୋଇ ପଡ଼ିଥିବା ର ଦେଖିବାକୁ ମିଳିଥିଲା । ଏହା ଦେଖି ସ୍ଥାନୀୟ ଲୋକମାନେ ବନବିଭାଗକୁ ଖବର ଦେବା ସହ ପେଚାଟି ବାହାର କରିଥିଲେ ।ବନବିଭାଗ କର୍ମ ଚାରି ମାନଙ୍କ ଉପସ୍ଥିତିରେ ପେଚାଟିକୁ ପ୍ରାଥମିକ ଚିକିତ୍ସା କରାଇ ଜଙ୍ଗଲରେ ଛାଡ଼ିଦେଇଥିଲେ ।

# ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ସଚେତନତା ପଦଯାତ୍ରା

କଟକ, (ସବ୍ୟୁ):ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ସଚେତନତା ମୂଳକ ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ପଦଯାତ୍ରାର ଉଦଘାଟନ କରି କନ୍ୟା ସନ୍ତାନ ମାନଙ୍କର ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଓ ସମାନ ଅଧିକାର ସମ୍ପର୍କରେ ସାମାଜିକ ସଚେତନତା ବୃଦ୍ଧି କରିବା ନେଇ ମତପ୍ରକାଶ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ କନ୍ୟା ଶିଶୁଙ୍କ ସଶକ୍ତିକରଣ, ଲିଙ୍ଗ ସମାନତା ଓ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ,ସମାଜର ପ୍ରତ୍ୟେକ ବ୍ୟକ୍ତି କନ୍ୟା ଶିଶୁଙ୍କ ଅଧିକାର ଓ ସୁରକ୍ଷା ପାଇଁ ସକ୍ରିୟ ଭୂମିକା



ନେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା,ବିଦ୍ୟାଳୟର ଛାତ୍ରୀ,ବିଭିନ୍ନ କାର୍ଯ୍ୟାଳୟର ଅଙ୍ଗନବାଡି ସୁପରଭାଇଜର ଓ ଅଙ୍ଗନବାଡି କର୍ମଚାରୀ ,ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ପଦଯାତ୍ରାକୁ ସଫଳ କରିଥିଲେ । ପଦଯାତ୍ରାରେ "ବେଟି ବଚାଓ, ବେଟି ପଢାଓ" ପରି ସ୍ଲୋଗାନ୍ ମାଧ୍ୟମରେ ସମାଜକୁ ସକାରାତ୍ମକ ସନ୍ଦେଶ ଦିଆଯାଇଥିଲା । ଏଠାରେ ସୂଚନାଯୋଗ୍ୟ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି ।

## ବିଜେଡି ଛାଡିଲେ ବିଶ୍ୱଜିତ ମହାନ୍ତି

# ମୋ କଟକ ମୋ ଚିନ୍ତାକୁ ନେଇ ଆଜିଠୁ ଶତପ୍ରତିଶତ ସମାଜ ସେବା

କଟକ,(ସବ୍ୟୁ): ସମାଜ ସେବାକୁ ବ୍ରତ ଭାବେ ନେଇଥିଲେ ବିଶ୍ୱଜିତ ମହାନ୍ତି। ସ୍ୱର୍ଗତ ବାରିଷ୍ଟର ରଣଜିତ ମହାନ୍ତିଙ୍କ ଚିନ୍ତାଧାରାକୁ ସାକାର କରିବାପାଇଁ ନିଜକୁ ଜଣେ କଟକିଆ ପୁଅ ହିସାବରେ ଗରିବ, ନିଷ୍ପେସିତ, ଖଟିଖିଆ କଟକ ବାସୀଙ୍କ ପାଇଁ ଅଣ୍ଟା ଭିଡିଥିଲେ ସେ। ତାଙ୍କର ଏହି କାର୍ଯ୍ୟକଳାପ ଆକୃଷ୍ଟ କରିଥିଲା ବିଭିନ୍ନ ରାଜନୈତିକ ଦଳ ଗୁଡିକୁ । ଆଞ୍ଚଳିକ ଦଳଠାରୁ ଆରମ୍ଭ କରି ଆର୍ନ୍ତଜାତୀୟ ଦଳ ତାଙ୍କୁ ଦେଇଥିଲା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଏହି ଗୁରୁଦାୟିତ୍ୱକୁ ସେ ସମାପନ କରିଥିଲେ ଜଣେ ଶୃଙ୍ଖଳିତ ପଦାଧୀକାରୀଭାବେ। ପ୍ରଥମେ ବିଜେପିର ଯୁବ ନେତା ଭାବେ କଟକ ସହରରେ ଆରମ୍ଭ କରିଥିଲେ ନିଜର ଦବଦବା। ପରେ ସେ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ବିଜେଡିର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ରାଜନୈତିକ ଦଳଗୁଡିକର ତଥାକଥିତ



ବଡପଣ୍ଡା ମାନଙ୍କ ଗରିବ ମାରଣ ନୀତି ପ୍ରତି ସେ ହେଲେ ବୀତସ୍ପୃହ । ତେଣୁ ସେ ଆଜି ବିଜେଡି ଦଳକୁ କରିଛନ୍ତି ବାଏ ବାଏ। ତେବେ ତାଙ୍କର କହିବା କଥା ହେଲା ସେ ଦଳରେ କୌଣସି ନିଯୁକ୍ତି ପାଇ ନଥିଲେ ତେଣୁ ଇସ୍ତଫା ର ପ୍ରଶ୍ନ କୋଉଠୁ ଆସିଲା ବୋଲି ଆହୁତ ସାମ୍ବାଦିକ ମାନଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି। ସମାଜ ସେବାକୁ ନିଜର ବୃତ୍ତି ଭାବେ ଆଦରି ନେଇଥିବା ବିଶ୍ୱଜିତ ଆଜିଠାରୁ "ମୋ କଟକ ମୋ ଚିନ୍ତା" ମାଧ୍ୟମରେ ସମାଜ ସେବାରେ ନିଜକୁ ଶତ ପ୍ରତିଶତ ନିୟୋଜିତ କରିବେ ବୋଲି ଜଣାପଡିଛି। ସବୁ ରାଜନୈତିକ ଦଳଠାରୁ ସେ ସମଦୂରତା ରଖିବେ ବୋଲି ସ୍ପଷ୍ଟ ବାରି ହୋଇପଡିଛି। ତାଙ୍କର ବାକି ମୁଲ୍ୟବାନ ସମୟ କଟକର ସାର୍ବଜନୀନ ବିକାଶ ତଥା କଟକିଆଙ୍କର ସବୁ ଅସୁବିଧାର ସମାଧାନ ପାଇଁ ନିଜକୁ ନିୟୋଜିତ ରଖିବେ ବୋଲି ଆଜିର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।



ଭଦ୍ରକର ବନ୍ତଛକ ନିକଟରେ ଅବସରପ୍ରାପ୍ତ ସୈନିକ ଭବନ ସମ୍ମୁଖରେ ଭାରତୀୟ ପଦାତିକ ବାହିନୀ, ଅମୃତସର ଓ ହାଇଦ୍ରାବାଦରୁ ଅବସର ନେଇଥିବା ଦୁଇ ଯବାନ, ସତ୍ୟବ୍ରତ ପଟ୍ଟନାୟକ ଓ ପବିତ୍ର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଭିଏସ୍ଏସ୍ ନଗରରେ ଅଗ୍ନି ଉତ୍ସବ



ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ଭି.ଏସ୍.ଏସ୍ ନଗର ରେ ଅଗ୍ନି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ସହରର ଚାକଚକ୍ୟ ଭିତରେ ବାର ମାସରେ ତେର ପର୍ବ ଏଠାରେ ପାଳନ କରାଯାଇଥାଏ। ନଡ଼ା,କାଠ କୁ ଏକାଠି କରାଯାଇ ବିଧିବଦ୍ଧ ଭାବେ ପୂଜା ଅର୍ଚ୍ଚନା ପରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଉତ୍ସବ ରେ ବଜାର କମିଟିର ସଭାପତି ନିରଞ୍ଜନ ସାହୁ ପୂଜାର୍ଚ୍ଚନା କରି ଅଗ୍ନି ସଂଯୋଗ କରିଥିଲେ। ଏହି ଅବସରରେ ଭିଏସ୍ଏସ୍ ନଗର ଓ ଆଖପାଖ ଅଞ୍ଚଳର ବହୁ ଜନସାଧାରଣଙ୍କ ସହ ଅନୁଷ୍ଠାନ ପକ୍ଷରୁ ଅଲେଖ କୁମାର ସାହୁ,ଅଶୋକ କୁମାର ପାଲଟାସିହ, ପ୍ରଶାନ୍ତ କୁମାର ରାଉତ, ହେମସାଗର ସ୍ୱାଇଁ,,ସାରଦା ଦାସ, ଗୁରୁ ନାଥ ଚୈଧୁରୀ, କାର୍ତ୍ତିକେଶ୍ୱର ପଣ୍ଡା, ରଞ୍ଜିତ୍ ପୃଷ୍ଟି, ବଳରାମ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ପ୍ରମୁଖ ଯୋଗଦେଇ ଥିଲେ।

# ସ୍ୱର୍ଶ କୁଷ୍ଠ ସଚେତନତା ପକ୍ଷ ପାଳିତ

ଖୋର୍ଦ୍ଧା, (ସବ୍ୟୁ): କୁଷ୍ଠ ରୋଗର ଜୀବାଣୁ ରୋଗୀର ନିଶ୍ୱାସରେ ବାହାରି ପବନରେ ଖେଳିଯାଏ, ନିଜ ପାଖରେ ରହୁଥିବା ପରିବାର ଲୋକ ଓ ପ୍ରିୟ ଜନଙ୍କ ନାକ ବାଟ ଦେଇ ତାଙ୍କ ଦେହକୁ ଯାଏ। ପରେ ୨ ରୁ ୫ବର୍ଷରେ ରୋଗର ଲକ୍ଷଣ ପ୍ରକାଶ ପାଏ। ଯଦି ରୋଗୀର ଚିକିତ୍ସା କରା ନ ଯାଏ ତେବେ ରୋଗୀ ବିକଳାଙ୍ଗ ହେବା ସହିତ ପାଖ ଲୋକଙ୍କୁ ରୋଗ ବ୍ୟାପିଥାଏ। ଜଣେ ରୋଗୀ ବର୍ଷକ ମଧ୍ୟରେ ଦଶଟି ନୂଆ ରୋଗୀ ସୃଷ୍ଟି କରିଥାଏ। ରୋଗର ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଖାନାରେ ମାଗଣାରେ ମିଳୁଥିବା ଔଷଧ ଖାଇଲେ ଶହେରୁ ଅନେଶ୍ୱତ ଭାଗ ଜୀବାଣୁ ମରିଯାଆନ୍ତି।ଯଦ୍ୱାରା ଆଉ ପାଖ ଲୋକଙ୍କୁ ରୋଗ ଡେଇଁ ନଥାଏ। ରୋଗ ଜଣା ପଡ଼ିଲେ ରୋଗୀ ଔଷଧ ଖାଇବା ସହିତ ପାଖ ଲୋକ ମଧ୍ୟ ପ୍ରତିଷେଧକ ବାଟିକା ଖାଇବା ଦରକାର।ଏହି ବଟିକା ର ନାଲିରଙ୍ଗ ପରିସ୍ରାରେ ବାହାରେ ଯାହାକୁ ଆଦୌ ରକ୍ତ ଭାବିବା ନାହିଁ। ରୋଗୀର ହାତ, ପାଦ ବଧିରା ହୋଇ ଝାଳ ନ ବାହାରିବାରୁ ତାହା ଶୁଖି ଫାଟି ଘା ହୋଇଯାଏ ବା କିଛି ଆଘାତ ଲାଗିଲେ ଜଣା ପଡେ ନାହି, ପ୍ରତିଦିନ ହାତ, ପାଦ, ଥଣ୍ଡା ପାଣିରେ ଧୋଇ ତେଲ ଲଗାଇବେ, ରୋଗକୁ ହେଳା କଲେ ମନୁଷ୍ୟ ଶାରୀରିକ ସମ୍ପୂର୍ଣ୍ଣ ଅକ୍ଷମ ଓ ବିକୃତି ହୋଇ ଯାଆନ୍ତି। ଆଶା ଦିଦି, ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ କୁଷ୍ଠ ରୋଗ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରି ଆଜି ପୂର୍ବାହ୍ନରେ ବୈଠକରେ ଅଧକ୍ଷତା କରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଉପୋରକ୍ତ ବିଷୟ ପ୍ରକାଶ କରିଛନ୍ତି।

ସେହିପରି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଇନ୍ଦିରା ରଥ ସଚେତନତା ପକ୍ଷର ସୁବିସ୍ତୃତ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ଏହି ସଚେତନତା ପକ୍ଷ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଚାଲିବ।

# ପୁରୀରେ ପହଞ୍ଚିଲେ ରାଷ୍ଟ୍ରପତି, ସ୍ୱାଗତ କଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ପୁରୀ, (ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ପୁରୀରେ ପହଞ୍ଚିଛନ୍ତି ଭାରତର ମହାମହିମ ରାଷ୍ଟ୍ରପତି । ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ପରିବାର ସହ ଆସି ପୁରୀ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିଛନ୍ତି । ତେବେ ତାଳବଣିଆ ହେଲିପ୍ୟାଡରେ ରାଜ୍ୟପାଳ , ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରପତିଙ୍କୁ ସ୍ୱାଗତ ପାଇଁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନିଲ ମହାନ୍ତି, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅବତରଣ ପରେ ରାଷ୍ଟ୍ରପତି ପୁରୀ ତାଳବଣିଆ ହେଲିପ୍ୟାଡରୁ



ସ୍ୱତନ୍ତ୍ର କାରକେଡ ମଧ୍ୟରେ ପେଣ୍ଟକଟା ଛକ, ଚକ୍ରତୀର୍ଥ ରୋଡ, ସୁବାସବୋଷ ଛକ ଦେଇ ପୁରୀ ଲୋକ ଭବନକୁ ଯାଇଛନ୍ତି । ପୁରୀ ଲୋକ ଭବନରେ ରାଷ୍ଟ୍ରପତି ତାଙ୍କ ପରିବାର ସହ ରାତ୍ରିଯାପନ କରିବେ। ଏନେଇ ପୁରୀ ଲୋକ ଭବନକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖା ଯାଇଛି । ବୁଧବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ପରେ ଶ୍ରୀମନ୍ଦିର ପରିଦର୍ଶନ କରିବେ। ଏନେଇ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ନୃତ୍ୟରେ ରସାଇଲେ "ନୃତ୍ୟଶାଳା" କଟକର ଶିଳ୍ପୀ



ଭୁବନେଶ୍ୱର (ସବ୍ୟୁ): ମଞ୍ଚଥିଲା ନିଆରା, ମନ୍ଦିର ପରିବେଶ, ସାହସ୍ରାଧିକ ଦର୍ଶକ ହେଉଥିଲେ ଭାବାପ୍ଲୁତ, ହୋମଯଜ୍ଞ ସ୍ତୋତ୍ରପାଠର ଆଧ୍ୟାତ୍ମିଭରା ଉତ୍ସବରେ ଓଡ଼ିଶୀ ନୃତ୍ୟରେ ଗଣେଶ ବନ୍ଦନା, ଗୀତଗୋବିନ୍ଦ, ନୀଳଶୈଳ ଓ ମୋକ୍ଷ ନୃତ୍ୟରେ ଦର୍ଶକଙ୍କ କରତାଳିରେ ପ୍ରକମ୍ପିତ ହୋଇ ଉଠୁଥିଲା ଖୋଲାମଞ୍ଚ। ପୁରାଣ ବର୍ଣିତ ପବିତ୍ର ଚିତ୍ରପ୍ରତୋଳା ନଦୀପଠା ନଈଗୁଆଁ ଗୋପୀନାଥ ପୁର ବୁଢ଼ୀ ଜାଗୁଳାଇ ପୀଠରେ ୪୨ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସାଇବାବାଙ୍କ ଚଉଦି ଶୋଭାଯାତ୍ରା ଓ ଦିବାରାତ୍ର ଅଷ୍ଟମପ୍ରହରୀ ନାମ ଯଜ୍ଞ ଅବସରରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ନୃତ୍ୟଶାଳା, ସଂସ୍କୃତି କେନ୍ଦ୍ର, କଟକର ଅନ୍ତଃରାଷ୍ଟ୍ରୀୟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ସାହାଣୀଙ୍କ ସହ ଶ୍ରୀୟା ମିଶ୍ର, ଅଭିଲିପ୍ସା ସେଠି, ଆଦ୍ୟାଶା ବସନ୍ତରାୟ, ଯଶସ୍ୱିନୀ ସ୍ୱାଇଁ, ଅଦ୍ୱିତା ପଣ୍ଡା, ବୈଷ୍ଣବି ସାହୁଙ୍କ ଲଳିତ ଲାବଣ୍ୟ ନୃତ୍ୟରେ ଦର୍ଶକ ଆତ୍ମବିଭୋର ହୋଇ ଉଠିଥିଲେ। ଅନୁଷ୍ଠାନର ସମ୍ପାଦକ ସତ୍ୟଗୋପାଳ ବିଶୋଇ ଓ ବରିଷ୍ଠ ସଦସ୍ୟଗଣ ଅନନ୍ତ ମିଶ୍ର, ରଞ୍ଜନକୁମାର ମହାନ୍ତି, ସୁବାସ ସାହୁ, ମୀନକେତନ ଦାସ, ଭରତଚନ୍ଦ୍ର ସାହୁ ଓ ବିଡିଏ ସାଇ ଟ୍ରଷ୍ଟ ଅଧ୍ୟକ୍ଷ ମନ୍ମଥନାଥ ସାମନ୍ତରାୟ ଙ୍କ ଦ୍ୱାରା ନୃତ୍ୟ ଶିଳ୍ପୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାରତ ବଜାରକୁ ବିଦେଶୀ କ୍ଷୀର, ଦହି ମନା



ନୂଆଦିଲ୍ଲୀ: ବ୍ରିଟେନ୍, ୟୁରୋପ ପରେ ଏବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ସ୍ୱାକ୍ଷର ହୋଇଛି। ଏହିଦ୍ୱାରା ଦେଶରେ ଅନେକ ସାମଗ୍ରୀ ଶସ୍ତା ହେବା ନେଇ ଆଶା ବଢ଼ିଛି। ପ୍ରାୟ ସବୁ ସେକ୍ଟର ସାମଗ୍ରୀର ଆମଦାନୀ, ରପ୍ତାନୀ ବି ବୃଦ୍ଧି ପାଇବ ବୋଲି ମଧ୍ୟ ଆଶା ବଢ଼ିଛି, କିନ୍ତୁ କିଛି ସେକ୍ଟର ଏପରି ରହିଛି ଯେଉଁଥିରେ ବିଦେଶୀ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରିନାହାନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସତ୍ତ୍ୱେ, ଭାରତ କୃଷି କ୍ଷେତ୍ର ଏବଂ ଦୁଗ୍ଧ ଶିଳ୍ପକୁ ଆମେରିକା ପାଇଁ ଖୋଲିବ ନାହିଁ, ସରକାରୀ ସୂତ୍ର ଅନୁଯାୟୀ, ଭାରତ ଏହି ବାଣିଜ୍ୟ ଚୁକ୍ତିରେ ସମ୍ବେଦନଶୀଳ କୃଷି ଉତ୍ପାଦ ଓ ଦୁଗ୍ଧଶିଳ୍ପ କ୍ଷେତ୍ରକୁ ସୁରକ୍ଷା ଦେବାର ଦୀର୍ଘକାଳୀନ ନୀତି ବଜାୟ ରଖିବ। ଏହାର ଅର୍ଥ ହେଉଛି, ଭାରତରେ କୌଣସି ବିଦେଶୀ କୃଷିଜାତୀୟ ସାମଗ୍ରୀକୁ ପ୍ରବେଶ କରାଯିବ ନାହିଁ, ଯଥା ଧାନ, ଚାଉଳ, ଗହମ, ମକା, ବାଜରା, ମୁଗ, ବିରି, ଚଣା, କ୍ଷୀର, ଦହି, ଘିଅ ଭଳି ଅନ୍ୟାନ୍ୟ ସାମଗ୍ରୀ ଭାରତ ବଜାରରେ ପ୍ରବେଶ କରିବ ନାହିଁ।ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି ସ୍ପଷ୍ଟ କରିଛନ୍ତି, "ବର୍ତ୍ତମାନର ସ୍ଥିତି ଭଲ ରହିଛି; ସମ୍ବେଦନଶୀଳ ସାମଗ୍ରୀ ପ୍ରତି ଆମର ସାଧାରଣ ଆଭିମୁଖ୍ୟ ଜାରି ରହିଛି।" ଭାରତର ଏହି ନିଷ୍ପତ୍ତି ଏହାର ଦୀର୍ଘକାଳୀନ ବାଣିଜ୍ୟ ରଣନୀତିର ଏକ ଅଂଶ। ଭାରତ ୟୁକେ, ନ୍ୟୁଜିଲ୍ୟାଣ୍ଡ ଓ ୟୁରୋପୀୟ ସଂଘ ସହିତ ଆଲୋଚନାରେ ବି କୃଷି ଏବଂ ଦୁଗ୍ଧ ସ୍ୱାର୍ଥକୁ ମଧ୍ୟ ସୁରକ୍ଷା ଦେଇଛି। ତେବେ ଭାରତ ସରକାର ଏହା ବିଶ୍ୱାସ କରନ୍ତି ଯେ, ଦୁଗ୍ଧ ଏବଂ କୃଷି କ୍ଷେତ୍ର ଲକ୍ଷ ଲକ୍ଷ କ୍ଷୁଦ୍ର ଚାଷୀଙ୍କ ଜୀବିକା ସହିତ ସିଧାସଳଖ ଭାବେ ଜଡିତ। ବିଦେଶୀ ବଜାରରୁ ଶସ୍ତା ଆମଦାନୀ ସ୍ଥାନୀୟ ଚାଷୀଙ୍କ ଆର୍ଥିକ ଉନ୍ନତିକୁ ବିପଦରେ ପକାଇବାର ଆଶଙ୍କା ସୃଷ୍ଟି କରୁଛି, ଯାହାକୁ ସରକାର କୌଣସି ମୂଲ୍ୟରେ ଗ୍ରହଣ କରିବେ ନାହିଁ।

## ଦେଶବାସୀଙ୍କୁ ହସିନାଙ୍କ ପୁଅଙ୍କ ଅପିଲ୍

# ନିର୍ବାଚନ ବର୍ଜନ କର

ୱାଶିଂଟନ : ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପୁଅ ସଜୀବ ୱାଜେଦ୍ ଜୟ ନିର୍ବାଚନ ବର୍ଜନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସଜୀବ କହିଛନ୍ତି ଯେ, ବାଂଲାଦେଶରେ ଫେବ୍ରୁଆରି ୧୨ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ପକ୍ଷପାତିତା ଓ ଜାଲିଆତି ହେବା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ସେ ଲୋକମାନଙ୍କୁ ନିର୍ବାଚନରୁ ଦୂରେଇ ରହିବାକୁ ଓ ଭୋଟ ଦେଇ ଏକ ମିଥ୍ୟା ନିର୍ବାଚନକୁ ଆଇନଗତ ନକରିବାକୁ ଅନୁରୋଧ କରିଛନ୍ତି। ଶେଖ୍ ହସିନାଙ୍କ ଆୱାମୀ ଲିଗ୍କୁ ବାଂଲାଦେଶରେ ହେବାକୁ ଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆଯାଇ ନାହିଁ। ଏହି ନିଷ୍ପତ୍ତି ଆୱାମୀ ଲିଗ୍ ନେତାଙ୍କ ଅସନ୍ତୋଷକୁ ବଢ଼ାଇ ଦେଇଛି। ଏକ କାର୍ଯ୍ୟକ୍ରମରେ ଭିଡିଓ କଲ୍ ମାଧ୍ୟମରେ ଭାଷଣ ଦେଇ ସଜୀବ କହିଛନ୍ତି, ଆତଙ୍କବାଦୀମାନେ ପ୍ରକୃତରେ ବାଂଲାଦେଶକୁ ଶାସନ କରୁଛନ୍ତି। ମହମ୍ମଦ ୟୁନୁସ୍ ଇସଲାମିକ୍ ଉଗ୍ରବାଦୀଙ୍କ ପାଇଁ ଏକ ମୋର୍ଚ୍ଚା କରିଛନ୍ତି। ଦେଶରେ ଲୋକଙ୍କୁ ହତ୍ୟା କରାଯାଉଛି। ଆୱାମୀ ଲିଗ୍ କର୍ମୀ ଓ ନେତାଙ୍କ ବିରୋଧରେ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କରୁଛି। ଆଗାମୀ ନିର୍ବାଚନ ବାଂଲାଦେଶର ସବୁଠାରୁ ଜାଲିଆତି ହୋଇଥିବା ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ବର୍ଜନ କରି ସଜୀବ କହିଛନ୍ତି, ବାଂଲାଦେଶର ଲୋକଙ୍କ ପାଇଁ ନିଜ ଦେଶକୁ ବଞ୍ଚାଇବା ପାଇଁ ଏହା ଶେଷ ସୁଯୋଗ। ଏହି ନିର୍ବାଚନରେ ବିଏନପି ପ୍ରାୟ ୧୫୦ ଓ ଜମାତ ୧୩୦ ଆସନ ଜିତିବା ନିଶ୍ଚିତ ହୋଇସାରିଛି। ଏହି ନିର୍ବାଚନର ଫଳାଫଳ ପୂର୍ବରୁ ସ୍ଥିର ହୋଇସାରିଛି, କିନ୍ତୁ ଯଦି ଆପଣ ଭୋଟ୍ ନଦିଅନ୍ତି, ତେବେ ଏହି ନିର୍ବାଚନ ବେଆଇନ ହୋଇଯିବ। ଏପରି ପରିସ୍ଥିତିରେ, ଆପଣ ଭୋଟ୍ ଦେବା ଉଚିତ୍ ନୁହେଁ। ସଜୀବ କହିଛନ୍ତି, ମୋ ମା ଶେଖ୍ ହସିନାଙ୍କ ନେତୃତ୍ୱରେ ଆୱାମୀ ଲିଗ୍ ୧୭ ବର୍ଷ ଧରି ବାଂଲାଦେଶକୁ ଶାସନ କରିଥିଲା। ଏହି ସମୟ ମଧ୍ୟରେ ବାଂଲାଦେଶ ଆତଙ୍କବାଦ ମୁକ୍ତ ଥିଲା।

## ଟ୍ରମ୍ପଙ୍କ ଡିଲ ବୟାନକୁ ନେଇ ରୁଷର ପ୍ରତିକ୍ରିୟା

ମସ୍କୋ : ଭାରତ ସହ ବାଣିଜ୍ୟ ଡିଲ ସମ୍ପର୍କରେ ଘୋଷଣା କରିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ବୟାନ ଦେଇଥିଲେ। ଡିଲ ଅନୁସାରେ ଭାରତ ଆଉ ରୁଷ ଠାରୁ ତେଲ କିଣିବ ନାହିଁ। ରୁଷ ବଦଳରେ ଆମେରିକା ଠାରୁ ଅଧିକ ପରିମାଣର ତେଲ କିଣିବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜି ହୋଇଛନ୍ତି। ଏଥିଯୋଗୁ ଭାରତ ଉପରେ ଜୋରିମାନା ଆକାରରେ ଲାଗୁ ହେଉଥିବା ୨୫% ଟାରିଫକୁ ହଟାଇ ଦିଆଯାଇଛି। ସେହିପରି ପାରସ୍ପରିକ ଟାରିଫକୁ ମଧ୍ୟ ୧୮କୁ ଖସା ଯାଇଛି ବୋଲି ଟ୍ରମ୍ପ ଓ ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଥିଲା। ଏବେ ରୁଷ ଏହା ଉପରେ ପ୍ରତିକ୍ରିୟା ଦେଇଛି। ତେଲ କିଣା ବନ୍ଦ ନେଇ ଭାରତ ଠାରୁ ବିଧିବଦ୍ଧ ଭାବେ ରୁଷ କୌଣସି ସୂଚନା ପାଇ ନାହିଁ। ରୁଷ ସବୁବେଳେ ଭାରତ ସହ ରଣନୀତିକ ଭାଗିଦାରୀକୁ ଅଧିକ ମଜବୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମସ୍କୋ ପକ୍ଷରୁ କୁହାଯାଇଛି। ରୁଷ ଠାରୁ ଭାରତ ତେଲ ନ କରିବାକୁ ରାଜି ହୋଇଥିବା ଟ୍ରମ୍ପ ଦାବି କରିଥିଲେ ହେଁ ଏଯାଏ ନୂଆଦିଲ୍ଲୀ ପକ୍ଷରୁ ଏ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ତଥାପି ଟ୍ରମ୍ପଙ୍କ ବୟାନ ପରେ କ୍ରେମଲିନ ମୁଖପାତ୍ର ଡମିଟ୍ରୀ ପେସ୍କୋଭଙ୍କ କହିବା କଥା ଯେ ରୁଷ ବେଶ ଯତ୍ନର ସହ ଟ୍ରମ୍ପଙ୍କ ଭାରତ ସହ ସମ୍ପର୍କ ବୟାନର ସମୀକ୍ଷା କରୁଛି।

## ୟୁକ୍ରେନ୍ ଉପରେ ରୁଷର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼



କିବ୍: ରୁଷ୍ ଗତକାଲି ରାତି ସାରା ୟୁକ୍ରେନ୍ ରାଜଧାନୀ କିବ୍ ଉପରେ ଅତି ଭୟଙ୍କର ଆକ୍ରମଣ କରିଛି। ୟୁକ୍ରେନ୍ର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ହୋଇଛି। ରୁଷ୍ ୟୁକ୍ରେନ୍ ଉପରେ ୭୦ରୁ ଅଧିକ କ୍ଷେପଣାସ୍ତ୍ର ଓ ୪୫୦ ଡ୍ରୋନ୍ ମାଡ଼ କରିଛି। ୟୁକ୍ରେନ୍ରେ ବିୟୁକ୍ତ ୨୦ ଡିଗ୍ରି ତାପମାତ୍ରା ଥିବାବେଳେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଦ୍ୱାରା ହଜାର ହଜାର ଲୋକ ଏବେ ଥଣ୍ଡା କବଳରୁ ନିଜକୁ ରକ୍ଷା କରିବା ପାଇଁ ହନ୍ତସନ୍ତ ହେଉଛନ୍ତି। କିବ୍ରେ ଏବେ ୧ ହଜାରରୁ ଅଧିକ ଘର ଅନ୍ଧାର ବୋଲି ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି। ରୁଷ୍ ଆକ୍ରମଣ ଫଳରେ ୟୁକ୍ରେନ୍ରେ ଏକ ସ୍ମାରକୀ ଧ୍ୱଂସ ହୋଇଯାଇଛି। ଜେଲେନସ୍କି କହିଛନ୍ତି, ରୁଷ୍ ଜାଣିଶୁଣି ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ୍ କରୁଛି। ଏବେ ବିଭିନ୍ନ ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଫେରାଇବା ପାଇଁ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ଜେଲେନସ୍କି କହିଛନ୍ତି, ରୁଷ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସହ ୭୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ୪୦୦ରୁ ଅଧିକ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଛି। ସମି, ଖାରକିବ ଓ ରାଜଧାନୀ କିବ୍ ସମେତ ନିପ୍ରୋ, ଓଡ଼େସାର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ୍ କରି ରୁଷ୍ ଆକ୍ରମଣ କରିଥିବା ସେ କହିଛନ୍ତି। ରୁଷ୍ ଆକ୍ରମଣରେ କିବ୍ରେ ୯ ଜଣ ଆହତ ହୋଇଥିବା ଜଣାପଡ଼ିଛି। ତେବେ ଆବୁଧାବିରେ ଆମେରିକା ନେତୃତ୍ୱରେ ରୁଷ୍-ୟୁକ୍ରେନ୍ ବୈଠକର ଦିନକ ପୂର୍ବରୁ ୟୁକ୍ରେନ୍ ଉପରେ ଆଜି ରୁଷ୍ ଏଭଳି ଭୟଙ୍କର ଆକ୍ରମଣ କରିଛି।

### ଓସ୍କାର ବିଜେତା ଶିକ୍ଷା ଏଣ୍ଟରଟେନମେଣ୍ଟ

## ଜିଓ ଷ୍ଟୁଡିଓଜ୍ର ୫୦.୧ ପ୍ରତିଶତ ଅଂଶଧନ ହାସଲ

ମୁମ୍ବାଇ : ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ)ର ସମ୍ପୂର୍ଣ୍ଣ ମାଲିକାନା ରହିଥିବା ସହାୟକ କମ୍ପାନୀ ରିଲାଏନ୍ସ ଷ୍ଟ୍ରାଟେଜିକ୍ ବିଜନେସ୍ ଭେଞ୍ଚର୍ସ ଲିମିଟେଡ୍ (ଆରଏସବିଭିଏଲ) ୧୫୦ କୋଟି ଟଙ୍କାରେ ଶିକ୍ଷା ଏଣ୍ଟରଟେନମେଣ୍ଟ ପ୍ରାଇଭେଟ୍ ଲିମିଟେଡରେ ୫୦.୧ ପ୍ରତିଶତ ଇକ୍ୱିଟି ଅଂଶଧନ ହାସଲ କରିଛି । ୨୦୨୬ ଫେବୃଆରୀ ୨ରେ ସମ୍ପୂର୍ଣ୍ଣ ହୋଇଥିବା ଏହି ନିବେଶ ସହିତ ରିଲାଏନ୍ସର ମିଡିଆ ଏବଂ କଣ୍ଟେଣ୍ଟ ସଂସ୍ଥା ଜିଓ ଷ୍ଟୁଡିଓଜ ମନୋରଞ୍ଜନ ଶିଳ୍ପରେ ଏହାର ସ୍ଥିତିକୁ ଆହୁରି ମଜବୁତ କରିଛି । ଗୁନୀତ ମୋଙ୍ଗା କପୁର ଏବଂ ଅଚିନ୍ ଜୈନଙ୍କ ଦ୍ୱାରା ସ୍ଥାପିତ ଶିକ୍ଷା ଏଣ୍ଟରଟେନମେଣ୍ଟ ଗତ ଦଶନ୍ଧି ମଧ୍ୟରେ ଭାରତୀୟ କାହାଣୀଗୁଡ଼ିକୁ ବିଶ୍ୱ ସ୍ତରରେ ପରିଚିତ କରାଇଛି । ଶିକ୍ଷା ହେଉଛି ଦେଶର ଏକମାତ୍ର ପ୍ରଯୋଜନା କମ୍ପାନୀ ଯିଏ ଓସ୍କାର ପୁରସ୍କାର ଏବଂ ଆହୁରି ଅନେକ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଜିତିଛି । କମ୍ପାନୀକୁ ଓସ୍କାର ପୁରସ୍କାର ପିରିୟଡ୍, ଏଣ୍ଡ ଅଫ ସେଣ୍ଟେନ୍ସ ଏବଂ ଦି ଏଲିଫ୍ୟାଣ୍ଟ ହ୍ୱିସପର୍ସ ପାଇଁ ମିଳିଥିବାବେଳେ ମସାନ, ସୋରାରାଇ ପୋଟ୍ରୁ ଏବଂ କଥଲ ଭଳି ଫିଲ୍ମଗୁଡ଼ିକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି ।

## ଏୟାର୍ ଇଣ୍ଡିଆର ଇନ୍ଧନ ସୁଇଚ୍ କଟ୍ଅଫ୍ : ଡିଜିସିଏ ଦେଲା ରିପୋର୍ଟ



ନୂଆଦିଲ୍ଲୀ : ଲଣ୍ଡନରୁ ବେଙ୍ଗାଲୁରୁ ବିମାନ ଉଡ଼ାଣ (ଏଆଇ-୧୩୨) ସମୟରେ ଜଣେ ପାଇଲଟ୍ ତ୍ରୁଟି ବିଷୟରେ ରିପୋର୍ଟ କରିବା ପରେ ଭୂଶାୟୀ ହୋଇଥିବା ବୋଇଂ ୭୮୭-୮ ଡ୍ରିମ୍ଲାଇନର୍ ବିମାନର ଇନ୍ଧନ ସୁଇଚ୍ରେ କୌଣସି ତ୍ରୁଟି ଥିବା ଆଶଙ୍କା ଅମୂଳକ ବୋଲି ବିମାନ ଚଳାଚଳ ନିୟାମକ ମଙ୍ଗଳବାର କହିଛନ୍ତି। ଡିଜିସିଏ ବିବୃତିରେ ବିମାନର ଗ୍ରାଉଣ୍ଡିଂ ପଛର କାରଣ ସ୍ପଷ୍ଟ ଭାବରେ କୁହାଯାଇ ନାହିଁ, କିନ୍ତୁ ଏହା କହିଛି ଯେ, ଭୁଲ ଦିଗରେ ବାହ୍ୟ ବଳ ପ୍ରୟୋଗ କରିବା ଦ୍ୱାରା ସୁଇଚ୍ 'ରନ୍'ରୁ 'କଟ୍ଅଫ୍'କୁ ଯାଇପାରେ। ଫେବ୍ରୁଆରି ୧ରେ ଲଣ୍ଡନର ହିଥ୍ରୋ ବିମାନବନ୍ଦରରୁ ବେଙ୍ଗାଲୁରୁ ଅଭିମୁଖେ ଉଡ଼ାଣ ଆରମ୍ଭ କରିବା ପୂର୍ବରୁ ଏଆଇ-୧୩୨ ବିମାନରେ ଏହି ଘଟଣା ଘଟିଥିଲା। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେସନର ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଏୟାର୍ ଇଣ୍ଡିଆର କର୍ମଚାରୀମାନେ ବାମ ଇଞ୍ଜିନ୍ ଇନ୍ଧନ ନିୟନ୍ତ୍ରଣ ସୁଇଚ୍ର ଅସ୍ୱାଭାବିକ ଆଚରଣ ବିଷୟରେ ରିପୋର୍ଟ କରିଥିଲେ। ବିବୃତିରେ କୁହାଯାଇଛି ଯେ, ଦୁଇଟି ପ୍ରୟାସରେ ସୁଇଚ୍ 'ରନ୍' ସ୍ଥିତିରେ ଲକ୍ ରହିବାରେ ବିଫଳ ହୋଇଥିଲା ଏବଂ ପ୍ରି-ଫ୍ଲାଇଟ୍ ଯାଞ୍ଚ ସମୟରେ 'କଟ୍ଅଫ୍' ଆଡକୁ ଗତି କରିଥିଲା। ଏହି ସୁଇଚ୍ଗୁଡିକ ମୂଳତଃ ବିମାନର ଇଞ୍ଜିନକୁ ଇନ୍ଧନ ପ୍ରବାହକୁ ନିୟନ୍ତ୍ରଣ କରେ। ଏହିପରି ତ୍ରୁଟି ଇଞ୍ଜିନ୍ ସଟଡାଉନ କାରଣ ହୋଇପାରେ।ଡିଜିସିଏ ଏକ ବିବୃତିରେ କହିଛି ଯେ, ଇଞ୍ଜିନ୍ ଚାଲୁ ହେବା

## ଅନଲାଇନ୍ ଟ୍ରେଡିଂ : ୨୩ ଲକ୍ଷ ଚଲୁ

ଗାଜିଆବାଦ: ଅନଲାଇନରେ ଟ୍ରେଡିଂ କରି ଆପଣ କୋଟିପତି ହୋଇପାରିବେ। ଆପଣଙ୍କ ଟଙ୍କା ଦୁଇଗୁଣା ହୋଇଯିବ। କିଛି ଏଭଳି ଲୋଭନୀୟ ଅଫର ଆପଣଙ୍କ ପାଖକୁ ଆସୁଛି କି? ଯଦି ଆସୁଛି ତେବେ ସାବଧାନ ହୋଇଯାଆନ୍ତୁ। ଏମିତି ଲୋଭ ଦେଖାଇ ଲୋକଙ୍କୁ ଲୁଟୁଛନ୍ତି ସାଇବର ଲୁଟେରା। ଗାଜିଆବାଦରେ ସାଇବର ଠକମାନେ ଅନଲାଇନ୍ ଟ୍ରେଡିଂରେ ଲାଭବାନ କରାଇଦେବା ପ୍ରତିଶ୍ରୁତି ଦେଇ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ୨୩.୩୩ ଲକ୍ଷ ଠକି ନେଇଛନ୍ତି। ଠକମାନେ ଆଠଟି ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କରିଥିଲେ। ଯେତେବେଳେ ବୃଦ୍ଧ ଜଣକ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ, ସେମାନେ ଟ୍ୟାକ୍ସ ଭୟ ଦେଖାଇ ଅଧିକ ଟଙ୍କା ଦାବି କରିଥିଲେ। ଠକାମିର ଶିକାର ହେବା ପରେ ଖେଡା କଲୋନିର ବାସିନ୍ଦା ସୁରେଶ ଚନ୍ଦ୍ର ଶେଖର ସାଇବର ଥାନାରେ ଏକ ମାମଲା ରୁଜୁ କରିଥିଲେ। ଅଭିଯୋଗରେ ସୁରେଶ ଚନ୍ଦ୍ର ଶେଖର କହିଛନ୍ତି, ନଭେମ୍ବର ୨୫ ତାରିଖରେ ଜଣେ ପ୍ରଫେସର ପ୍ରେମ ପ୍ରକାଶ ବର୍ମା ଭିଆଇପି-୮ ନାମକ ଏକ ଗ୍ରୁପ ବନାଇଥିଲେ। ସେ କହିଥିଲେ ଯେ ସେ ଏକ ଷ୍ଟକ୍ ମ୍ୟାନେଜମେଣ୍ଟ ଉପରେ ଏକ ପୁସ୍ତକ ଲେଖୁଛନ୍ତି, ଯାହା ଫେବୃଆରୀରେ ପ୍ରକାଶିତ ହେବ। ଡିସେମ୍ବର ୨୩ ତାରିଖରେ ପ୍ରେମ ପ୍ରକାଶ ଟ୍ରେଡିଂ ଆରମ୍ଭ କରିଥିଲେ ଏବଂ କହିଥିଲେ ଯେ ଏହା ଏକ ସେବି ପଞ୍ଜିକୃତ କମ୍ପାନୀ। ସେ ପ୍ରତି ସପ୍ତାହରେ ୨୦ ରୁ ୩୦ ପ୍ରତିଶତ ଲାଭର ପ୍ରତିଶ୍ରୁତି ଦେଇଥିଲେ। ଡିସେମ୍ବର ୨୩ ତାରିଖରେ, ଏକ ଆକାଉଣ୍ଟ ଖୋଲିବା ପାଇଁ ଗ୍ରୁପରେ ସମସ୍ତଙ୍କ ସହିତ ଏକ ଲିଙ୍କ ସେୟାର କରାଯାଇଥିଲା। ଏହା ପରେ, ଟ୍ରେଡିଂ କରିବାକୁ ପ୍ରେରଣା ଦିଆଯାଇଥିଲା। ସେମାନେ ତାଙ୍କ ଦ୍ୱାରା ଦିଆଯାଇଥିବା ଆକାଉଣ୍ଟଗୁଡ଼ିକୁ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ଏହାପରେ ସୁରେଶ ଚନ୍ଦ୍ର ଶେଖର ଜାନୁଆରୀ ମାସ ସୁଦ୍ଧା କିସ୍ତିରେ ୨୩.୩୩ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ଜାନୁଆରୀ ୨୨ ତାରିଖରେ ଯେତେବେଳେ ସେ ତାଙ୍କର ୩୦ ଲକ୍ଷ ଟଙ୍କାର ଲାଭ ଉଠାଇବାକୁ ଚେଷ୍ଟା କରିଥିଲେ, ତାଙ୍କୁ ଏକ ଟ୍ୟାବ୍ ଦେଖାଯାଇଥିଲା। ତାଙ୍କୁ କୁହାଯାଇଥିଲା ଯେ ସେ ସେଠାରୁ ଟଙ୍କା ଉଠାଇବା ପାଇଁ ଅନୁରୋଧ କରିପାରିବେ। କିଛି ସମୟ ପରେ, ଯେତେବେଳେ ସେ ଆପ୍ରେ ଟଙ୍କା ଉଠାଇବା ପାଇଁ ଷ୍ଟେଟମେଣ୍ଟ ଯାଞ୍ଚ କଲେ, ସେତେବେଳେ ସେହି ପେଜ୍ ଖୋଲିନଥିଲା। ଏହା ପରେ ସେ ଠକାମୀର ଶିକାର ହୋଇଥିବା ସନ୍ଦେହ କରିଥିଲେ। ସାଇବର ଥାନାରେ ମାମଲା ରୁଜୁ ହେବା ପରେ ଏଡିସିପି ପୀୟୁଷ ସିଂହ କହିଛନ୍ତି ଯେ ଏହି ମାମଲାରେ ତଦନ୍ତ କରାଯାଉଛି। ଠକେଇ ହୋଇଥିବା ଟଙ୍କାକୁ ଫ୍ରିଜ୍ କରିବା ପାଇଁ ପ୍ରୟାସ କରାଯାଉଛି।


## ବନ୍ଧୁତାରୁ ଆମେରିକା ସହ ବାଣିଜ୍ୟ ଚୁକ୍ତି ସମ୍ଭବ ହୋଇଛି : ପିୟୂଷ



ନୂଆଦିଲ୍ଲୀ : ଭାରତ-ଆମେରିକା ମଧ୍ୟରେ ହେବାକୁ ଯାଉଥିବା ବାଣିଜ୍ୟ ଡିଲକୁ ନେଇ ବଡ଼ କଥା କହିଛନ୍ତି ଦେଶର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋଏଲ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସର୍ବୋତ୍ତମ ସମ୍ଭବ ବାଣିଜ୍ୟ ଡିଲ ଆମେରିକା ସହ କରିପାରିଛି ବୋଲି ବୋଲି ଶ୍ରୀ ଗୋଏଲ କହିଛନ୍ତି। ଏଥିସହ ସେ ଲୋକସଭା ବିତର୍କ ବେଳେ ବିରୋଧୀ ବିଶେଷ କରି ରାହୁଲ ଗାନ୍ଧି ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ କରି ତୀବ୍ର ସମାଲୋଚନା କରିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାଣିଜ୍ୟ ଡିଲ ସମ୍ପର୍କରେ ସରକାର ଗୃହକୁ ଅବଗତ କରାଇ ପାରି ନଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଭାରତ-ଆମେରିକା ବାଣିଜ୍ୟ ବୁଝାମଣା ସମ୍ପର୍କରେ ଗୋଏଲ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଥିବା ଘନିଷ୍ଠ ତଥା ବ୍ୟକ୍ତିଗତ ସମ୍ପର୍କ ଯୋଗୁ ଏହି ଡିଲ ସମ୍ଭବ ହୋଇପାରିଛି। ଏହି ଡିଲ ଦ୍ୱାରା ଚାଷୀ, ଏମଏସ୍ଏମଇ ଓ ଶିଳ୍ପ ଠାରୁ ଆରମ୍ଭ କରି ସବୁ କ୍ଷେତ୍ର ଫାଇଦା ପାଇବେ ବୋଲି ସେ ଦମ୍ଭୋକ୍ତି କରିଛନ୍ତି। ଶ୍ରୀ ଗୋଏଲ କହିଛନ୍ତି, "ଆମେ ସମସ୍ତେ ଜାଣିଛୁ ଯେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ଓ ଘନିଷ୍ଠ ସମ୍ପର୍କ ରହିଛି। ଏହାର ଲାଭ ଉଠାଇ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ସହ ଭାରତ ପାଇଁ ସର୍ବଶ୍ରେଷ୍ଠ ଚୁକ୍ତି ହାସଲ କରିଛନ୍ତି। ଏହା ଏମିତି ଏକ ବାଣିଜ୍ୟ ଡିଲ ଯାହା ସମସ୍ତ ପଡ଼ୋଶୀ, ଆଖପାଖରେ ଥିବା ଦେଶ ଓ ପ୍ରତିଯୋଗିତା ମୂଳକ ଅର୍ଥବ୍ୟବସ୍ଥା ତୁଳନାରେ ସର୍ବଶ୍ରେଷ୍ଠ। ଏହା ଆମ ସମସ୍ତଙ୍କ ପାଇଁ ଗୋଟିଏ ଚମତ୍କାର ଡିଲ।" ଦୀର୍ଘ ମାସ ଧରି ଭାରତୀୟ ଓ ଆମେରିକୀୟ ଟିମ ମଧ୍ୟରେ ଚାଲିଥିବା ଆଲୋଚନା ଓ ବୁଝାମଣାର ଫଳ ହେଉଛି ଏହି ଚୁକ୍ତି। ଗୋଟିଏ ଶକ୍ତିଶାଳୀ ଦେଶ ଭାବେ ଭାରତର ସ୍ଥାନକୁ ଏହା ଆହୁରି ମଜବୁତ କରିଥିବା ଗୋଏଲ ଦାବି କରିଛନ୍ତି। ସେ କହିଛନ୍ତି, "ଆଜି ପ୍ରତିଟି ଭାରତୀୟ ମୋଦିଜୀଙ୍କୁ ଶୁଭେଚ୍ଛା ଜଣାଉଛି। ସେ ଗୋଟିଏ ବଳିଷ୍ଠ ବାଣିଜ୍ୟ ଡିଲ ଶେଷ କରି ପୂର୍ବରୁ ଶକ୍ତିଶାଳୀ ଥିବା ଗୋଟିଏ ଦେଶକୁ ଆହୁରି ମଜବୁତ କରିପାରିଛନ୍ତି।"ଗୋଏଲ ସ୍ପଷ୍ଟ ଭାବେ କହିଛନ୍ତି ଯେ କୃଷି ଓ ଦୁଗ୍ଧ ଭଳି ସମ୍ବେଦନଶୀଳ କ୍ଷେତ୍ରକୁ ବୁଝାମଣାରେ ସୁରକ୍ଷିତ ରଖାଯାଇଛି। ଡିଲ ଦ୍ୱାରା ଚାଷୀଙ୍କ ସ୍ୱାର୍ଥରେ ବୁଝାମଣା କରାଯାଇଛି ଓ ଭାରତୀୟ ମାର୍କେଟକୁ ଆମେରିକୀୟ କୃଷି ଦ୍ରବ୍ୟକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିବା ବିରୋଧୀ ଅଭିଯୋଗ କରୁଥିବାରୁ ଗୋଏଲ ଆଜି ଏପରି କଥା କହିଛନ୍ତି। ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ଉଭୟ କୃଷି ଓ ଦୁଗ୍ଧ କ୍ଷେତ୍ରକୁ ସୁରକ୍ଷିତ କରିଛନ୍ତି। ସେ ଯେଉଁଭଳି ଭାରତକୁ ଆରସିଇପି(ରିଜନାଲ କମ୍ପ୍ରେହେନସିଭ ଇକୋନୋମିକ ପାର୍ଟନରଶିପ)ରୁ ରକ୍ଷା କରିଥିଲେ, ଠିକ ସେହିଭଳି ସେ କୃଷି ଓ ଦୁଗ୍ଧକୁ ମଧ୍ୟ ଆମେରିକା ବାଣିଜ୍ୟ ଡିଲରୁ ସୁରକ୍ଷା ଦେଇଛନ୍ତି।

## ମଣିପୁରରେ ସରକାର ଗଠନ ପାଇଁ ତତ୍ପରତା

ନୂଆଦିଲ୍ଲୀ : ମଣିପୁରରେ ସରକାର ଗଠନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ବର୍ଷେ ହେଲାଣି ଏଠାରେ ରାଷ୍ଟ୍ରପତି ଶାସନ ଜାରି ରହିଛି । ତେବେ ବିଜେପି ନେତା ୟୁମ୍ନାମ୍ ଖେମଚାନ୍ ସିଂହ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ । ବର୍ଷକ ପରେ ମଣିପୁରରେ ନିର୍ବାଚିତ ସରକାର କାର୍ଯ୍ୟ ଆରମ୍ଭ କରିବ । ଏହି ଘୋଷଣା ପୂର୍ବରୁ ବିଜେପି ନେତୃବୃନ୍ଦ ଓ ମଣିପୁରର ଦଳୀୟ ବିଧାୟକ ଏବଂ ଏନ୍ଡିଏ ନେତାମାନେ ଦିଲ୍ଲୀରେ ବୈଠକ କରିଥିଲେ । ବୈଠକ ପରେ ଖେମ୍ଚାନ୍ଦ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି । ପୂର୍ବରୁ ମଣିପୁରର ୧୨ତମ ମୁଖ୍ୟମନ୍ତ୍ରୀ ଭାବେ ବୀରେନ୍ ସିଂହ କାର୍ଯ୍ୟ କରୁଥିଲେ । ତେବେ ସେଠାରେ ୨୦୨୩ରେ ଆରମ୍ଭ ହୋଇଥିବା ଆଦିବାସୀ ଓ ଅଣଆଦିବାସୀ ସଂଘର୍ଷ ଯୋଗୁଁ ସେ ବିବାଦୀୟ ହୋଇପଡିଥିଲେ । ୨୦୨୫ ଫେବୃଆରୀ ୯ରେ ମୁଖ୍ୟମନ୍ତ୍ରୀରୁ ଇସ୍ତଫା ଦେଇଥିଲେ । ତାଙ୍କ ବିରୋଧରେ ଅନାସ୍ଥା ଆଶଙ୍କା କରି ସେ ଇସ୍ତଫା ଦେଇଥିଲେ । ସେବେଠାରୁ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା । ୟୁମ୍ନାଥ ହେଉଛନ୍ତି ବିଜେପିର ଜଣେ ବରିଷ୍ଠ ନେତା । ୨୦୧୭ ଓ ୨୦୨୨ରେ ସିଙ୍ଗୋଜାମେି ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ । ୨୦୧୭ରେ ମଣିପୁର ବିଧାନସଭା ବାଚସ୍ପତି ଭାବେ ୫ ବର୍ଷ କାର୍ଯ୍ୟ କରିଥିଲେ ଓ ୨୦୨୨ରେ ଜିତିବା ପରେ ବିରେନ୍ ସିଂହଙ୍କ ସରକାରରେ ମନ୍ତ୍ରୀ ହୋଇଥିଲେ । ୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ବିଜେପି ବିଧାୟକଙ୍କ ସଂଖ୍ୟା ୩୭ । ବାସ୍ତବରେ ବିଜେପି ୩୨ଟି ଆସନରେ ଜିତିଥିଲା । ତେବେ ଜେଡିୟୁର ୫ ବିଧାୟକ ବିଜେପିରେ ମିଶିଯାଇଥିଲେ ।




ସ୍ନେହାସିସ୍ ସୁରଙ୍କ ଦ୍ୱାରା ସମ୍ପାଦିତ 'ହ୍ୟୁମର, ପାୱାର ଆଣ୍ଡ ଦି ପବ୍ଲିକ୍ ଇମାଜିନେସନ୍' ଶୀର୍ଷକ ପ୍ରବନ୍ଧଗୁଡ଼ିକର ଏକ ସଂକଳନ କୋଲକାତା ପୁସ୍ତକ ମେଳାରେ ସୁବୀର ଘୋଷ ଏବଂ ପ୍ରଫେସର ଡକ୍ଟର ହରିଶ କୁମାରଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଦୀର୍ଘ ୨୬ ବର୍ଷ ଧରି ଆଇଆଇଏମସିରେ ଅଧ୍ୟାପନା ପରେ ଅବସର ଗ୍ରହଣ କରିଥିବା ପ୍ରଫେସର ମୃଣାଳ ଚାଟାର୍ଜୀଙ୍କୁ ସମ୍ମାନୀତ କରାଯିବା ଅବସରରେ ଏହି ପୁସ୍ତକଟି ପ୍ରକାଶିତ ହୋଇଛି । ଦିଲ୍ଲୀସ୍ଥିତ 'ଭର୍ସଟାଇଲ୍ ଇମ୍ପାକ୍ଟ' ଦ୍ୱାରା ପ୍ରକାଶିତ ପୁସ୍ତକରେ ଦେଶର ଅଗ୍ରଣୀ ମିଡିଆ ଶିକ୍ଷାବିତ୍ ଏବଂ କମିକ୍ ଆର୍ଟ ପ୍ରାକ୍ଟିସନରଙ୍କ ଦ୍ୱାରା ଲିଖିତ ୧୯ ଟି ନିବନ୍ଧ ରହିଛି ।

## ଟ୍ରମ୍ପଙ୍କ ଶୁଳ୍କ ହ୍ରାସ ପରେ ନିବେଶକ ଉତ୍ସାହିତ



ମୁମ୍ବାଇ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ପାଇଁ ଏକ ବଡ଼ ଶୁଳ୍କ ହ୍ରାସ ଘୋଷଣା କରିବା ପରେ ଭାରତୀୟ ଷ୍ଟକ୍ ବଜାରରେ ଏକ ଐତିହାସିକ ବୃଦ୍ଧି ଘଟିଛି । ଟ୍ରମ୍ପଙ୍କ ଶୁଳ୍କ ହ୍ରାସ ଖବର ନିବେଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି। ସମସ୍ତ ପ୍ରମୁଖ ବଜାର ସୂଚକାଙ୍କ ରେକର୍ଡ ସ୍ତରରେ କାରବାର କରୁଛି। ଏହି ନିଷ୍ପତ୍ତି ବଜାରରେ ଦୀର୍ଘ ସମୟ ଧରି ଲାଗି ରହିଥିବା ଅନିଶ୍ଚିତତାର ବାଦଲକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦେଇ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଛି। ଶୁଳ୍କ ରିହାତି ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ସହିତ ଭାରତୀୟ କମ୍ପାନିଗୁଡ଼ିକର ଲାଭରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି।ବଜାର ଖୋଲିବା ସହିତ ଟ୍ରମ୍ପଙ୍କ ଘୋଷଣାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯାଇଥିଲା। ସେନସେକ୍ସ ୨,୫୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା। ନିଫ୍ଟି ମଧ୍ୟ ୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ନିଫ୍ଟି ୭୦୦ ପଏଣ୍ଟ ବୃଦ୍ଧି ପାଇଛି ।ବଜାରର ପ୍ରାକ-ଉପସ୍ଥାପନ ଅଧିବେଶନରେ ବୃଦ୍ଧିର ସଙ୍କେତ ସ୍ପଷ୍ଟ ଭାବରେ ଦେଖାଯାଇଥିଲା। ସେନସେକ୍ସ ୪.୪୭ ପ୍ରତିଶତ ବୃଦ୍ଧି ପାଇ ୩,୬୪୭.୮୯ ପଏଣ୍ଟ ମାଧ୍ୟମରେ ୮୫,୩୧୪.୩୫ରେ ପହଞ୍ଚିଥିଲା।ଶୁଳ୍କ ହ୍ରାସ ଭାରତୀୟ ଟଙ୍କା ଉପରେ ମଧ୍ୟ ସିଧାସଳଖ ତଥା ସକାରାତ୍ମକ ପ୍ରଭାବ ପକାଇଛି। ଏହା ଆମେରିକୀୟ ଡଲାର ତୁଳନାରେ ଏହା ୧ ପ୍ରତିଶତ ଶକ୍ତିଶାଳୀ ହୋଇଛି। ଏକ ଡଲାରର ମୂଲ୍ୟ ୯୦.୪୨ ଟଙ୍କାରେ ପହଞ୍ଚିଛି। ଭାରତୀୟ ଅର୍ଥନୀତି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ବୋଲି ବିବେଚନା କରାଯାଉଛି। ଟଙ୍କାରେ ଏହି ପ୍ରଭାବଶାଳୀ ବୃଦ୍ଧି ଆମଦାନିକୁ ଶସ୍ତା କରିବ ଓ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଅନାବଶ୍ୟକ ଚାପ ହ୍ରାସ କରିବ।

## ମସ୍କଙ୍କ ସ୍ପେସଏକ୍ସରେ ଏକ୍ସ ଏଆଇର ବିଲୟ




ୱାଶିଂଟନ: ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀ ଏଲନ୍ ମସ୍କ, ପ୍ରଯୁକ୍ତିବିଦ୍ୟା ଓ ମହାକାଶ ଜଗତରେ ଏକ ବଡ଼ ତଥା ସାହସିକ ବାଜି ଲଗାଇଛନ୍ତି। ମସ୍କ ତାଙ୍କର ମହାକାଶ ଅନୁସନ୍ଧାନ କମ୍ପାନି ସ୍ପେସ୍ ଏକ୍ସ ଓ କୃତ୍ରିମ ବୁଦ୍ଧିମତ୍ତା କମ୍ପାନି ଏକ୍ସ ଏଆଇକୁ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ରଣନୈତିକ ପଦକ୍ଷେପ ମସ୍କଙ୍କ ପ୍ରଯୁକ୍ତିବିଦ୍ୟା ଶକ୍ତିକୁ ଆହୁରି ମଜବୁତ କରି ବିଶ୍ୱ ବଜାରରେ ପାଦ ସୁଦୃଢ଼ ପାଇଁ ଲକ୍ଷ୍ୟ ରଖିଛି। ଏହି ମିଶ୍ରଣ ମାଧ୍ୟମରେ, ସେ ଏଲନ ମସ୍କ ସୁପର୍ ଟେକ୍ ଆଇପିଓ ପାଇଁ ପ୍ରସ୍ତୁତି କରୁଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ବଜାରକୁ ଆସିପାରେ। ଏଲନ ମସ୍କଙ୍କ ମହାକାଶ କମ୍ପାନି ସ୍ପେସ୍ଏକ୍ସ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଯେ, ଏହା ଏକ୍ସ ଏଆଇକୁ ସମ୍ପୂର୍ଣ୍ଣ ଭାବରେ ଅଧିଗ୍ରହଣ କରିଛି। ଏହି ପ୍ରମୁଖ ମିଶ୍ରଣ ସହିତ, ମସ୍କଙ୍କ ଅନେକ ପ୍ରମୁଖ ପ୍ରଯୁକ୍ତିବିଦ୍ୟା, ଯେପରିକି ଏଆଇ ଚାଟବଟ୍ ଗ୍ରୋକ୍ ଓ ଷ୍ଟାରଲିଙ୍କ ଏବେ ଗୋଟିଏ ଛାତ ତଳେ କାର୍ଯ୍ୟ କରିବ। ଏହି ପଦକ୍ଷେପ ମସ୍କଙ୍କ ସମସ୍ତ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକର ଶକ୍ତିକୁ ଏକାଠି କରିବା ପାଇଁ ବୃହତ୍ତର ଯୋଜନାର ଏକ ଅଂଶ। ଭବିଷ୍ୟତରେ ମହାକାଶରେ ବଡ଼ ଡାଟା ସେଣ୍ଟର ଓ ସର୍ଭର ପ୍ରତିଷ୍ଠା ତଥା ପରିଚାଳନା କରିବାର ନିଜର ସ୍ୱପ୍ନକୁ ମସ୍କ ବାରମ୍ବାର ଦୋହରାଉଛନ୍ତି। ଏହି ମିଶ୍ରଣ ସହିତ ସ୍ପେସଏକ୍ସ ଓ ଏଆଇ ମହାକାଶ-ଭିତ୍ତିକ କମ୍ପ୍ୟୁଟିଂକୁ ବାସ୍ତବରେ ପରିଣତ କରିବା ପାଇଁ ଏକାଠି କାମ କରିବେ। ଏହି ପ୍ରଯୁକ୍ତିବିଦ୍ୟା ଭବିଷ୍ୟତରେ ଡାଟା ପ୍ରକ୍ରିୟାକରଣ ଓ ବିଶ୍ୱ ଯୋଗାଯୋଗକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିବାର ଆଶା ରହିଛି। ଯାହା ସମଗ୍ର ବିଶ୍ୱରେ ଏକ ବିପ୍ଳବ ଆଣିବାର ଯଥେଷ୍ଟ ସମ୍ଭାବନା ରହିଛି। ମସ୍କଙ୍କ ପ୍ରଯୁକ୍ତିବିଦ୍ୟା ବିସ୍ତାର କରିବା ନିଷ୍ପତ୍ତି ସାରା ବିଶ୍ୱର ଲୋକଙ୍କ ପାଇଁ ଇଣ୍ଟରନେଟ୍ ଓ କୃତ୍ରିମ ବୁଦ୍ଧିମତ୍ତାର ଉପଲବ୍ଧତାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ। ଏହି ମିଶ୍ରଣ ପ୍ରଯୁକ୍ତିବିଦ୍ୟା ବିକାଶକୁ ତ୍ୱରାନ୍ୱିତ କରି ମସ୍କଙ୍କ ବିଶ୍ୱସ୍ତରୀୟ ମହତ୍ତ୍ୱାକାଂକ୍ଷାକୁ ନୂତନ ଉଚ୍ଚତାକୁ ନେଇଯିବ। ମସ୍କ ଏକ ପାୱାରହାଉସ୍ କମ୍ପାନି ନିର୍ମାଣ କରୁଛନ୍ତି ଯାହା ମହାକାଶ, ଏଆଇ ଓ ଇଣ୍ଟରନେଟ୍କୁ ମିଶ୍ରଣ କରିବ। ବର୍ଷ ଶେଷ ସୁଦ୍ଧା ମସ୍କ ତାଙ୍କର ନୂତନ ସୁପରଟେକ୍ କମ୍ପାନିକୁ ଷ୍ଟକ୍ ବଜାରରେ ଲଞ୍ଚ କରିବାର ଏକ ବିଶାଳ ଓ ମହତ୍ତ୍ୱାକାଂକ୍ଷୀ ଯୋଜନା ରଖିଛନ୍ତି। କମ୍ପାନିର ଆଇପିଓ ସାଧାରଣ ଲୋକଙ୍କୁ ମସ୍କଙ୍କ ଶକ୍ତିଶାଳୀ କମ୍ପାନିରେ ନିବେଶ କରିବାକୁ ଅନୁମତି ଦେବ। ଏହି ପଦକ୍ଷେପ ନିବେଶକମାନଙ୍କ ସହିତ ବିଶ୍ୱ ଷ୍ଟକ୍ ବଜାର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି।

# ୪୫୦୦ କୋଟିର ଝଟକା




ନୂଆଦିଲ୍ଲୀ, ୩।୨(ଏଜେନ୍ସି) : ଭାରତ ଏବଂ ପାକିସ୍ତାନ ଟି -୨୦ ବିଶ୍ୱକପ୍ ମ୍ୟାଚକୁ ନେଇ କ୍ରିକେଟ୍ ଜଗତରେ ହଇଚଇ ସୃଷ୍ଟି ହୋଇଛି । ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବୟକଟ୍ କରିବାକୁ ଘୋଷଣା କରିବା ପରେ ବିଶମ ପରିସ୍ଥିତି ଉପୁଜିଛି ।

ଆଗମୀ ୭ ତାରିଖରୁ ଟି -୨୦ ବିଶ୍ୱ କପ୍ ଆରମ୍ଭ ହେବ । ବିଶ୍ୱକପରେ ଅଂଶଗ୍ରହଣ କରିବା ପାଇଁ ପାକିସ୍ତାନ ସରକାର ନିଜ ଦଳକୁ ଅନୁମତି ତ ଦେଇଛନ୍ତି କିନ୍ତୁ ଏଥିରେ ବଡ ସର୍ତ୍ତ ମଧ ରଖିଛନ୍ତି । ଫେବୃଆରୀ ୧୫ ତାରିଖରେ କଲମ୍ବୋରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ହାଇଭୋଲଟେଜ୍ ମ୍ୟାଚରେ ପାକିସ୍ତାନ ପଡିଆକୁ ଓହ୍ଲାଇବ ନାହିଁ ବୋଲି ପାକ୍ ସରକାର ଘୋଷଣା କରିଛନ୍ତି । ବାଂଲାଦେଶ ଦଳ ଭାରତ ଗସ୍ତ କରିବାକୁ ମନା କରିବା ଏବଂ ଆଇସିସି ବାଂଲାଦେଶ ବଦଳରେ ସ୍କଟଲ୍ୟାଣ୍ଡକୁ ସ୍ଥାନ ଦେବା ପରେ ପାକିସ୍ତାନ ଏହି ବୟକଟ୍ ନିଷ୍ପତ୍ତି ନେଇଛି ।

ଭାରତ -ପାକିସ୍ତାନ ମ୍ୟାଚ ଖେବଳ ଖେଳ ନୁହେଁ ବରଂ ଏହା ବିଶ୍ୱ କପ୍ କ୍ରିକେଟ୍ ପାଇଁ ସବୁଠୁ ବଡ ବ୍ୟବସାୟ । ଏହି ଗୋଟିଏ ମ୍ୟାଚରୁ ପ୍ରାୟ ୫୦୦ ମିଲିୟନ ଡଲାର ଅର୍ଥାତ୍ ପାଖାପାଖି ୪୫୦୦ କୋଟି ଟଙ୍କା ଆୟ ହୋଇଥାନ୍ତା । ଏଥିରେ ପ୍ରସାର ଅଧିକାର, ବିଜ୍ଞାପନ, ସ୍ପୋନସରସିପ୍ ଏବଂ ଟିକେଟ୍ ବିକ୍ରୀ ସାମିଲ ଅଛି । ମ୍ୟାଚ ବାତିଲ ହେଲେ ପ୍ରସାରଣକାରୀ ସଂସ୍ଥା ୩ ଶହ କୋଟି ଟଙ୍କାର ବିଜ୍ଞାପନ ରାଜସ୍ୱ ହରାଇବ । ଯଦି ପାକିସ୍ତାନ ମ୍ୟାଚ ନଖେଳେ ତେବେ ଆଇସିସି ପାକିସ୍ତାନକୁ ମିଳୁଥିବା ବାର୍ଷିକ ପାଣ୍ଠି ବନ୍ଦ କରିଦେଇପାରେ । ପାକିସ୍ତାନ କ୍ରିକେଟ ବୋର୍ଡକୁ କୋଟି କୋଟି ଟଙ୍କାର ଜୋରିମାନ ଦେବାକୁ ପଡିପାରେ । ଯାହା ପାକିସ୍ତାନର ଦୁର୍ବଳ ଆର୍ଥିକ ସ୍ଥିତି ପାଇଁ ବଡ ଝଟକା ହେବ ।

## ଆଇସିସିର କଡା ଚେତାବନୀ

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପାକିସ୍ଥାନର ଏହି ହୀନ ରାଜନୀତିକୁ କଡା ସମାଲୋଚନା କରିଛି । ଏଭଳି ନିଷ୍ପତ୍ତି କ୍ରିକେଟ୍ ଜଗତ ପାଇଁ ଶୁଭଙ୍କର ନୁହେଁ । ଏଥିପାଇଁ ପାକିସ୍ତାନ ଉପରେ କଡା କଟକଣା ଲାଗୁ କରାଯାଇପାରେ । ବିସିସିଆଇ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହିଁ । କିନ୍ତୁ ଭାରତୀୟ ଦଳ ସମସ୍ତ ନିୟମ ପାଳନ କରିବ । ଯଦି ପାକିସ୍ତାନ ପଡିଆକୁ ନଆସେ ତେବେ ନିୟମାନୁସାରେ ଭାରତକୁ ବିଜୟୀ ଘୋଷଣା କରାଯିବ ଏବଂ ଦୁଇ ପଏଣ୍ଟ ମିଳିବ ।

# ଅନୁରାଧାଙ୍କୁ ଡକ୍ଟରେଟ୍ ପ୍ରଦାନ କଲେ ରାଷ୍ଟ୍ରପତି




ଭୁବନେଶ୍ୱର, ୩।୨(ସବ୍ୟୁ) : ବାଲେଶ୍ୱରର ଫକିରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଭବ୍ୟ ସମାବର୍ତ୍ତନ ଉତ୍ସବରେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳଙ୍କୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମର୍ଯ୍ୟାଦା ଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କ ହାତରୁ ଡକ୍ଟରେଟ୍ ସମ୍ମାନ ଲାଭ କରିବା ପରେ ଅନୁରାଧା ଖୁସି ବ୍ୟକ୍ତ କରିଛନ୍ତି । ଏହା ମୋ ଜୀବନର ପ୍ରଥମ ବଡ ସମ୍ମାନ । ଏତଦ୍ ବ୍ୟତୀତ ଭାରତର ପ୍ରଥମ ନାଗରିକ ତଥା ଓଡିଆ ଝିଅ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ହରିବାବୁ କମ୍ଭମପାଟି ଏବଂ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଉପସ୍ଥିତିରେ ସମ୍ମାନ ଲାଭ କରିବା ମୋ ପାଇଁ ସବୁଠୁ ବଡ ଗୌରବ ବୋଲି ଅନୁରାଧା କହିଛନ୍ତି । ଏତଦ୍ ବ୍ୟତୀତ ଫକିରମୋହନ ବିଶ୍ୱ ବିଦ୍ୟାଳୟର ଉପକୂଳପତି ସନ୍ତୋଷ ତ୍ରିପାଠୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଓଡିଶାବାସୀଙ୍କ ଭଲ ପାଇବା ତଥା କର୍ମକ୍ଷେତ୍ର ନାଲକୋର ସମର୍ଥନ ଯୋଗୁଁ ମୁଁ ଏତେବାଟ ଆଗକୁ ବଢିପାରିଛି । ପରିବାରର ସମର୍ଥନ ଖାସ୍ କରି କ୍ରୀଡାରେ ଆଗକୁ ବଢିବା ପାଇଁ ମା ନିବେଦିତାଙ୍କ ପ୍ରେରଣା ଯୋଗୁଁ ମୋ କ୍ରୀଡା ଜୀବନ ସଫଳ ହୋଇଛି । ଏହି ଡକ୍ଟରେଟ୍ ସମ୍ମାନ ମୋତେ କ୍ରୀଡାକୁ ଆଗକୁ ନେବାରେ ଉତ୍ସାହିତ କରିବ । ତେଣୁ ମୁଁ ବହୁତ ଖୁସି ଅଛି ବୋଲି ଅନୁରାଧା କହିଛନ୍ତି ।

# ଏସିଆନ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍

## ଭାଗ ନେବେ କିଟ୍‌ର ୯ ଜଣ ଛାତ୍ର

ଭୁବନେଶ୍ୱର, ୩।୨ (ସବ୍ୟୁ) : ଫେବୃଆରୀ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଚୀନର ତିଆନଜିନ୍‌ରେ ୧୨ତମ ଏସିଆନ୍ ଇଣ୍ଡୋନ୍ ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ ହେବାକୁ ଯାଉଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ କିଟ୍‌ର ୯ ଜଣ କ୍ରୀଡାବିତ୍ ମନୋନିତ ହୋଇଛନ୍ତି । ଆଥଲେଟିକ୍ସ ଫେଡେରେସନ୍ ଅଫ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ୧୭ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଥିଲା । ଏଥିରେ ୯ ଜଣ କିଟ୍ର କ୍ରୀଡାବିତ୍ ଅଛନ୍ତି । ପୁରୁଷ ୬୦ ମିଟରରେ ମଣିକାନ୍ତ ହୋବଳିଧର, ପୁରୁଷ ୬୦ ମିଟର ହର୍ଡଲ୍ସରେ ତେଜସ ସିରସେ , ପୁରୁଷ ଲଙ୍ଗ ଜମ୍ପରେ ପ୍ରବୀଣ ଚିତ୍ରାଭେଲ, ପୁରୁଷ ସଟ୍‌ପୁଟରେ ସମରଦୀପ ସିଂ ଗିଲ ଓ ତାଜିନ୍ଦର ପାଲ ସିଂ ତୁର୍,




ପୁରୁଷ ହେକ୍ଟାଥଲନରେ ତେଜସ୍ୱିନ ଶଙ୍କର, ମହିଳା ୬୦ ମିଟର ହର୍ଡଲ୍ସ ଓ ଲଙ୍ଗଜମ୍ପରେ ମୌମିତା ମଣ୍ଡଳ, ମହିଳା ୬୦ ମିଟର ହର୍ଡଲ୍ସରେ ପ୍ରଜ୍ଞାନ ପ୍ରଶାନ୍ତ ଏବଂ ମହିଳା ଲଙ୍ଗଜମ୍ପରେ ଆନସି ସୋଜନ ଇଡାପାଲି ଅଂଶଗ୍ରହଣ କରିବେ । କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ୯ ଜଣ କ୍ରୀଡାବିତଙ୍କୁ ଶୁଭକାମନା ଜଣାଇଛନ୍ତି ।

# ଟେଷ୍ଟ କ୍ରିକେଟରେ ଲାଗୁ ହେଲା ନୂଆ ନିୟମ

ନୂଆଦିଲ୍ଲୀ, ୩।୨(ଏଜେନ୍ସି) : କ୍ରିକେଟ ପାଇଁ ନିୟମ ପ୍ରସ୍ତୁତ କରୁଥିବା ମେରିଲବୋନ୍ କ୍ରିକେଟ୍ କ୍ଲବ (ଏମ୍‌ସିସି) ଟେଷ୍ଟରେ ଏକ ପରିବର୍ତ୍ତନ କରିଛି ନୂଆନିୟମ ଅନୁସାରେ ଟେଷ୍ଟ ମ୍ୟାଚର ପ୍ରତ୍ୟେକ ଦିବସର ଅନ୍ତିମ ଓଭରରେ ୱିକେଟ୍ ପତନ ହେବା ପରେ ମ୍ୟାଚ ବନ୍ଦ କରାଯାଉଥିଲା । ଏବେ ଏଥିରେ ପରିବର୍ତ୍ତନ କରାଯାଇ ଓଭର ଶେଷ ପର୍ଯ୍ୟନ୍ତ ମ୍ୟାଚ ଖେଳାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ଭଲ ପ୍ରଦର୍ଶନ କରୁଥିବା ଦଳ ବିପକ୍ଷ ଟିମ୍ ଉପରେ ଚାପ ପକାଇବାରେ ସଫଳ ହେବ । ପୂର୍ବରୁ ୧୨.୫.୨ ନିୟମାନୁସାରେ ଶେଷ ଓଭରରେ ୱିକେଟ୍ ପଡିବା ମାତ୍ରେ ଖେଳକୁ ସେହିଠାରେ ହିଁ ବନ୍ଦ କରାଯାଉଥିଲା । ମହିଳା କ୍ରିକେଟ୍‌ରେ ବ୍ୟବହାର ହେଉଥିବା ବଲରେ ମଧ ପରିବର୍ତ୍ତନ କରାଯାଇଛି । ୧୪୦ ରୁ ୧୫୧ ଗ୍ରାମ ମଧରେ ଥିବା ବଲକୁ ବ୍ୟବହାର କରାଯାଉଥିଲା । ଏହାର ଆକାର ୨୧ ରୁ ୨୨.୫ ସେଣ୍ଟିମଟର ମଧରେ ରହୁଥିଲା । ଏବେ ନୂତନ ନିୟମାନୁସାରେ ବଲର ଓଜନ ୧୪୦ ରୁ ୧୪୯ ପର୍ଯ୍ୟନ୍ତ କରାଯାଇଛି । ଜୁନିୟର କ୍ରିକେଟ୍‌ରେ ମଧ ବଲର ଓଜନକୁ ୧୪୦ ରୁ ୧୪୪ ଗ୍ରାମ ମଧରେ ରଖାଯାଇଛି ।

# ରାଜଘାଟ ବାଙ୍ଗିରିପୋସି ଚାମ୍ପିଅନ

ବାଲେଶ୍ୱର,୩/୨ (ସବ୍ୟୁ) : ରେମୁଣା ବ୍ଲକ ବରୁଣସିଂ ଗ୍ରାମପଞ୍ଚାୟତ ବରୁଣସିଂ ଗ୍ରାମରେ ୨୧ତମ ଗଜେନ୍ଦ୍ରନାଥ ମେମୋରିୟାଲ ନୀଳଗିରିରୋଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ଗତ ୩୦ ତାରିଖରୁ ଆରମ୍ଭ ହୋଇ ୧ତାରିଖରେ ଶେଷ ହୋଇଥିଲା ତିନି ଦିନ ଧରି ଆରମ୍ଭ ହୋଇ ଥିଲା ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଜାପାନୀ ଉତ୍ସବରେ ବାଙ୍ଗିରିପୋଷି ସହିତ ରାଜଘାଟ ଖେଳାଳି ପ୍ରଦର୍ଶନ ଚାଲିଥିବା ବେଳେ ରାଜଘାଟ ବାଙ୍ଗିରିପୋଷି ଦଳ ୩/୧ ରେ ପରାସ୍ତ କରି ବିଜୟୀ ଲାଭ କରିଥିଲେ ଏଥିରେ ମୁଖ୍ୟ ଅତିଥି ମଞ୍ଜୁଲତା ପରିଡା, ସମ୍ମାନିତ ଅତିଥି ବରୁଣସିଂ ସରପଞ୍ଚ ଝିଲ୍ଲୀ ଶ୍ରୀ ମହାଳିକ, ବରିଷ୍ଠ ଫୁଟବଲ ଖେଳାଳି , ପ୍ରମୋଦ କୁମାର ମହାନ୍ତି(ଝୁବୁଲା ଭାଇ) ଯୋଗ ଦେଇଥିଲେ ଏବଂ କ୍ଲବ ର ସଭାପତି ମଧୁସୂଦନ ଖଣ୍ଡା ଓ ସମ୍ପାଦକ କାହ୍ନୁ ।ଚରଣ ପାଣିଗ୍ରାହୀଙ୍କୁ ସମେତ କ୍ଲବ ର ବରିଷ୍ଠ ସଦସ୍ୟ ସନତ ଜେନା, ରାଜେନ୍ଦ୍ର ମହାଳିକ, ବିଶ୍ୱନାଥ ପ୍ରଧାନ, ରବୀନ୍ଦ୍ର ମହାକୁଡ଼, ହୃଦାନନ୍ଦ ଦାସ ପଟ୍ଟନାୟକ, ଜଳଧର ଗିରି, ରଘୁନାଥ ନାୟକ, ବୀରେନ୍ଦ୍ର ରାଉତ, ବସନ୍ତ ମୁଖି, ଅର୍ଜୁନ ଦଳେଇଙ୍କ ସମେତ ବିଭିନ୍ନ ଗ୍ରାମରୁ ବହୁ ଦର୍ଶକ ଯୋଗଦେଇ ଖେଳ ଟିକୁ ଉପଭୋଗ କରିଥିଲେ

# କବିରପୁରରେ ଜାତୀୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଯାଜପୁରସଦର, ୩/୦୨,(ସବ୍ୟୁ): ଯାଜପୁର ବ୍ଲକ କବିରପୁର ଦଶହରା ପଡିଆରେ ବୀଣାପାଣି କ୍ରିକେଟ୍ ଆନୁକୁଲ୍ୟରେ ୩ୟ ବର୍ଷ ରାଜ୍ୟ ସ୍ତରୀୟ କ୍ରିକେଟ୍ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯାଜପୁରର ବିଧାୟିକା ସୁଜାତା ସାହୁ ସମ୍ମାନୀୟ ଅତିଥି ଭାବେ ଯାଜପୁରର ପୁର୍ବତନ ପୋରାଧକ୍ଷ ଭବପ୍ରସାଦ ଦାସ ଓ ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସମାଜସେବୀ ବ୍ରଜକିଶୋର ପାଢୀ,ମହେଶ୍ୱର ପୁର ସରପଂଚ ସୁଜିତ୍ କୁମାର ରାୟ,ଜମଧର ସରପଂଚ ବାଦଲ ଝୁଟିଆ,ଯୁବନେତା ପ୍ରଦୀପ ନାୟକ ଓ ଗୌରାଙ୍ଗ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଂଟ୍‌ରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୬ ଗୋଟି ଦଳ ଅଂଶଗ୍ରହଣ କରିଛି"। ରିଷିପୁର ଗ୍ରାମର ଟିଏମସି ଟିମ୍ ଓ କେନ୍ଦ୍ରାପଡା ସନ୍ଥପୁରାର ଡିସିସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସନ୍ଥପୁରା ଟିମ୍ ପ୍ରଥମ ବ୍ୟାଟିଂ କରି ୧୧୬ ରନ୍ ସଂଗ୍ରହ କରିଥିବା ବେଳେ ରିଷିପୁର ଗ୍ରାମର ସମସ୍ତ ୱିକେଟ୍ ହରାଇ ମାତ୍ର ୭୧ ରନ୍ କରି ପରାଜିତ ହୋଇତିଲା। ଦ୍ୱିତୀୟ ମ୍ୟାଚ୍ ଯାଜପୁରର ଚନ୍ଦନ ଏକାଦଶ ଓ ପୁରୀ ର ଷ୍ଟାର ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚନ୍ଦନ ଏକାଦଶ ୫ ୱିକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଥିବା ବେଳେ ପୁରୀ ଷ୍ଟାର ୧୧ ୩ଟି ବଲ ବାକି ଥାଇ ୧୦୪ ରନ୍‌ରେ ବିଜୟ ହାସଲ କରିଥିଲେ। ପରେ ପରେ ଉଭୟ ବିଜେତା ପୁରୀ ଓ କେନ୍ଦ୍ରାପଡା ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ୍ ଅନୁଷ୍ଠିତ ହୋଇଥିଲା। ଷ୍ଟାର ୧୧ ପୁରୀ ୬ ୱିକେଟ୍ ହରାଇ ୬୩ ରନ୍ ସଂଗ୍ରହ କରିଥିବା ବେଳେ କେନ୍ଦ୍ରାପଡା ସନ୍ଥପୁରା ଡିସିସି ୬ଟି ବଲ ବାକି ଥାଇ ୬୭ ରନ୍ କରି ବିଜୟ ହାସଲ କରିବା ସହ ସେମିଫାଇନାଲ୍ ଯୋଗ୍ୟ ବିବେଚିତ ହୋଇଥିଲା। ଅମ୍ପାୟାର ଫିଂଟୁ ନାଥ ଓ ଜ୍ଞାନରଂଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ବୁଦ୍ଧଦେବ ମହାରଣା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ମ୍ୟାଚ ଦେଖିବା ପାଇ ଆଖପାଖ ଅଂଚଳର ବହୁ କ୍ରିକେଟ୍ ପ୍ରେମୀଙ୍କ ବହୁ ଭିଡ ଦେଖିବାକୁ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ୦୮/୦୨/୨୦୨୬ରିଖରେ ଅନୁଷ୍ଠିତ ହେବ ବୋଲି ବୀଣାପାଣି କ୍ରିକେଟ୍ କ୍ଲବ ତରଫରୁ ପ୍ରକାଶ।

# କେନ୍ଦୁଝରରୁ ଜାତୀୟସ୍ତରର

## ତୀରନ୍ଦାଜ ସୃଷ୍ଟି କରୁଛି ଟାଟା ଆର୍ଚେରୀ ଏଚ୍‌ପିସି



କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଶଙ୍କରପୁରସ୍ଥିତ ଓ ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଣ୍ଟର (ଓଟିଏପିଏଚସି) ଏବେ ଦେଶର ଭବିଷ୍ୟତର ଧନୁର୍ଦ୍ଧରମାନଙ୍କ କ୍ରୀ ସାଜିଛି । ଓ ସରକାର ଏବଂ ଟାଟା ଷ୍ଟିଲର ମିଳିତ ପ୍ରଚେଷ୍ଟାରେ ଏହି ସେଣ୍ଟରରୁ ମାତ୍ର ୨୨ ମାସରେ ୧୪ ଜଣ ଜାତୀୟସ୍ତରର ଖେଳାଳି ସୃଷ୍ଟି ହୋଇପାରିଛନ୍ତି । ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ଆଧୁନିକ ପ୍ରଶିକ୍ଷଣ ମାଧ୍ୟମରେ ଏହି କେନ୍ଦ୍ର ବିଶେଷ କରି ରାଜ୍ୟର ଜନଜାତି ଓ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀତା ପାଇଁ ପ୍ରସ୍ତୁତ କରୁଛି । ୨୦୨୪ ମସିହାରେ ଓ ସରକାର ଏବଂ ଟାଟା ଷ୍ଟିଲର ମିଳିତ ପ୍ରୟାସରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ ଜଣ କ୍ୟାଡେଟ (୧୨ ଜଣ ବାଳକ ଓ ୧୨ ଜଣ ବାଳିକା) ଙ୍କୁ ନେଇ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟ ହୋଇଥିଲା । ସମୟାନୁକ୍ରମେ ଏହା କେବଳ ଏକ ପ୍ରଶିକ୍ଷଣ କେନ୍ଦ୍ର ହୋଇ ରହିନାହିଁ, ବରଂ ଗ୍ରାମାଞ୍ଚଳ ଓ ଜନଜାତି ସମ୍ପ୍ରଦାୟରୁ ଆସୁଥିବା ପ୍ରତିଭାମାନଙ୍କୁ ଉଚ୍ଚକୋଟୀର ଆଥଲେଟ ଭାବେ ଗିତୋଳିବାର ଏକ ସଫଳ ମାଧ୍ୟମ ପାଲଟିଛି । ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ମାଲକାନଗିରି ଜିଲ୍ଲାର ନକ୍ସଲ ପ୍ରଭାବିତ ଦୁର୍ଗମ ଗ୍ରାମରେ ଜନ୍ମିତ ଅର୍ଜୁନ ଖରାଙ୍କ ପାଇଁ ଏହି ଯାତ୍ରା ଆଦୌ ସହଜ ନଥିଲା । ସାଧାରଣ ମୌଳିକ ସୁବିଧା ଅଭାବ ଭିତରେ ବିଥିବା ଜଣେ ଚାଷୀଙ୍କ ପୁଅ ଅର୍ଜୁନ । ୨୦୨୪ ମସିହାରେ ଓଟିଏପିଏଚସି ପାଇଁ ମନୋନୀତ ହେବା ପରେ ତାଙ୍କ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା । ଶୃଙ୍ଖଳିତ ପ୍ରଶିକ୍ଷଣ ଏବଂ ବୃତ୍ତିଗତ ମାର୍ଗଦର୍ଶନ ତାଙ୍କୁ ଖୁବ କମ ସମୟ ମଧ୍ୟରେ ଜାତୀୟସ୍ତରରେ ପହଞ୍ଚାଇ ପାରିଛି । ଆଜି ସେ ସିନିୟର ନ୍ୟାସନାଲ ଆର୍ଚେରୀ ଚାମ୍ପିଅନସିପ, ନ୍ୟାସନାଲ ଗେମ୍ସ ଏବଂ ଏନଟିପିସି ନ୍ୟାସନାଲର୍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ଭଳି ବ ପ୍ରତିଯୋଗିତାରେ ଓ ପ୍ରତିନିଧିତ୍ୱ କରୁଛନ୍ତି । ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ଆନ୍ତର୍ଜାତୀୟସ୍ତରରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବା । ଅର୍ଜୁନ କୁହନ୍ତି, ଜନଜାତି ପରିବାରର ହୋଇଥିବାରୁ ଧନୁର୍ବିଦ୍ୟା ପ୍ରତି ମୋର ପିଲାଦିନୁ ଆଗ୍ରହ ଥିଲା । ଓ ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଣ୍ଟରରେ ମିଳୁଥିବା ସୁବିଧା ମୋତେ ଧନୁର୍ବିଦ୍ୟା କ୍ଷେତ୍ରରେ ଆଗକୁ ବିବାରେ ସାହାଯ୍ୟ କରିଛି । ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିବା ମୋର ସ୍ୱପ୍ନ । ଏହି ସଫଳତା ସମ୍ପର୍କରେ ଟାଟା ଷ୍ଟିଲର ସ୍ପୋର୍ଟସ ଚିଫ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି ଯେ, ଓ ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଣ୍ଟର ତୃଣମୂଳସ୍ତରରୁ କ୍ରୀ ପ୍ରତିଭାଙ୍କୁ ଖୋଜି ବାହାର କରି ସେମାନଙ୍କୁ ଜାତୀୟସ୍ତରର ଶ୍ରେଷ୍ଠ ଖେଳାଳି ଭାବେ ଗିତୋଳିବା ପାଇଁ ପ୍ରତିବଦ୍ଧ । ଏହି ଯୁବ ଧନୁର୍ଦ୍ଧରମାନଙ୍କ ସଫଳତା ପ୍ରମାଣ କରୁଛି ଯେ ଯଦି ସଠିକ ଭିତ୍ତିଭୂମି, ପ୍ରଶିକ୍ଷଣ ଏବଂ ସହଯୋଗ ମିଳେ, ତେବେ ଓ ଆନ୍ତର୍ଜାତୀୟସ୍ତରର ଚାମ୍ପିୟନ ସୃଷ୍ଟି କରିପାରିବ । ସେହିପରି ଯାଜପୁର ଜିଲ୍ଲାର ସୀତା ହେମ୍ବ୍ରମଙ୍କ କାହାଣୀ ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟୀ । ପିଲାଦିନରୁ ବାପା, ମାଆ ଏବଂ ଭାଇଙ୍କୁ ହରାଇଥିବା ସୀତା ଅଳ୍ପ ବୟସରୁ ବହୁ ପାରିବାରିକ ଦାୟିତ୍ୱ ମୁଣ୍ଡାଇଥିଲେ । ସାନ ଭଉଣୀର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେ କେନ୍ଦୁଝର ସେଣ୍ଟରରେ ଟ୍ରାଏଲ ଦେଇଥିଲେ ଏବଂ ମନୋନୀତ ହୋଇଥିଲେ । ୨୦୨୪ ମସିହାରୁ ଓଏଟିଏଚ୍‌ପିସି ସହିତ ଯୋ ହେବା ପରେ ଧନୁର୍ବିଦ୍ୟା ତାଙ୍କୁ ଏକ ନୂଆ ପରିଚୟ ଦେଇଛି । ସେ ଓ ଷ୍ଟେଟ ଇଣ୍ଟର ସ୍କୁଲ ଆର୍ଚେରୀ ଚାମ୍ପିଅନସିପ ୨୦୨୫ରେ ପଦକ ଜିତି ରାଜ୍ୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।ସୀତା କୁହନ୍ତି, ଏହି ଏକାଡେମୀରେ ଯୋଗଦେବା ପୂର୍ବରୁ ମୋର ଧନୁର୍ବିଦ୍ୟା ବିଷୟରେ କୌଣସି ଜ୍ଞାନ ନଥିଲା । କିନ୍ତୁ ବିଗତ ଏକ ବର୍ଷ ମଧ୍ୟରେ ମୁଁ ଏଠାରେ ଯେଉଁ ବୈଷୟିକ କୌଶଳ ଶିଖିଲି, ତାହା ମୋତେ ସଫଳତା ଦେଇଛି । ଏହି ସୁବିଧା ଯୋଗାଇ ଦେଇଥିବାରୁ ମୁଁ ଟାଟା ଷ୍ଟିଲକୁ ଧନ୍ୟବାଦ ଜଣାଉଛି। ଏକାଡେମୀର ପ୍ରଶିକ୍ଷକ ବିକାଶ ଉପାଧ୍ୟାୟଙ୍କ କହିବା ଅନୁଯାୟୀ, ଏଠାରେ ଦିଆଯାଉଥିବା ଉଚ୍ଚମାନର ପ୍ରଶିକ୍ଷଣ ରାଜ୍ୟର ବିଭିନ୍ନ ଅଞ୍ଚଳର ପିଲାମାନଙ୍କ ପାଇଁ ଗେମ-ଚେଞ୍ଜର ସାବ୍ୟସ୍ତ ହୋଇଛି । କ୍ୟାଡେଟମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁଁ ଆମେ ଅନେକ ପଦକ ଜିତିବାରେ ସଫଳ ହୋଇଛୁ । ଗତ ଡିସେମ୍ବର ୨୭-୨୮ରେ କଟକଠାରେ ଅନୁଷ୍ଠିତ ଓ ରାଜ୍ୟ ଆର୍ଚେରୀ ଟୁର୍ଣ୍ଣାମେଣ୍ଟ-୨୦୨୫ରେ ଭଗବତ ବଳିଆରସିଂହ ଏବଂ ମୋନାଲିସା ନାୟକ ୧୫ ବର୍ଷରୁ କମ ବାଳକ ଓ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହି ଏକାଡେମୀର ସୁନିତା ନାୟକ ଏବଂ ସାବିତ୍ରୀ ପାତ୍ର, ଛତିଶଗଡ଼ ରାଜ୍ୟର ରାୟପୁର ଠାରେ ଗତ ଡିସେମ୍ବର ମାସରେ ଅନୁଷ୍ଠିତ ୪୫ ତମ ଏନ ଟି ପି ସି ଜୁନିଅର ନ୍ୟାସନାଲ ଚାମ୍ପିଅନସିପ ରେ ବ୍ରୋଞ୍ଜ ପଦକ ଜିତି ଓଡିଶା ପାଇଁ ଗୌରବ ଆଣିଛନ୍ତି । ସେହିପରି ଝାଡଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ୬୯ତମ ଜାତୀୟ ସ୍କୁଲ ଗେମ୍ସ-୨୦୨୫-୨୬ରେ ଇଣ୍ଡିଭିଜୁଆଲ ଅଲିମ୍ପିକ ରାଉଣ୍ଡର ସୁନୀତା ନାୟକ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଟିମ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି । ସେହିପରି ସାବିତ୍ରୀ ପାତ୍ର ଟିମ ଇଭେଣ୍ଟର ରୌପ୍ୟ ପଦକ ଜିତିଛନ୍ତି । ବର୍ତ୍ତମାନ ଏହି କେନ୍ଦ୍ରରେ ୧୭ ଜଣ କ୍ୟାଡେଟ ଅଛନ୍ତି, ଯେଉଁଥିରେ ଓ ବାହାରୁ ୪ ଜଣ (ରାଜସ୍ଥାନରୁ ୩ ଜଣ ଓ ଉତ୍ତରପ୍ରଦେଶରୁ ଜଣେ) ସାମିଲ ଅଛନ୍ତି । ମାତ୍ର ୨୨ ମାସରେ ୧୪ ଜଣ ଜାତୀୟସ୍ତରର ଖେଳାଳି ସୃଷ୍ଟି ହେବା ସହ ୨୦ ଟି ଜାତୀୟ ଏବଂ ରାଜ୍ୟ ସ୍ତରୀୟ ପଦକ ହାସଲ ଏହାର ସଫଳତାକୁ ଦର୍ଶାଉଛି । ଏଠାର କ୍ୟାଡେଟମାନେ ଏବେ ସିନିୟର, ଜୁନିୟର, ସବ-ଜୁନିୟର ଏବଂ ସ୍କୁଲ ନ୍ୟାସନାଲ ଚାମ୍ପିଅନସିପ ସହିତ ଆନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ହେଉଥିବା ଟ୍ରାଏଲରେ ମଧ୍ୟ ଭାଗ ନେଉଛନ୍ତି ।

## ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମିରେ କୁଚିଣ୍ଡା, ରାଉରକେଲା

ଆଠମଲ୍ଲିକ, ୩।୨ (ସବ୍ୟୁ) : ଆଠମଲ୍ଲିକ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଢେଙ୍କାନାଳ ଏବଂ ରାଉରକେଲା ମଧ୍ୟରେ ମ୍ୟାଚ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ରାଉରକେଲାର ଖେଳାଳି ଗୋଟିଏ ଗୋଲ ଦେଇଥିଲେ । ଖେଳ ଶେଷ ସୁଦ୍ଧା ଢେଙ୍କାନାଳ ଗୋଲ ପରିଶୋଧ କରି ପାରି ନଥିଲା । ମ୍ୟାଚ ରେ ମୁଖ୍ୟ ରେଫରୀ ଭାବେ ଶଶିକାନ୍ତ ଦାଶିଆ, ଲାଇନ୍ସ ମ୍ୟାନ ଭାବେ ଦେବବ୍ରତ ବେହେରା, ଗରୀବ ବେହେରା ଓ ଚତୁର୍ଥ ରେଫରୀ ଭାବେ ପପୁନ ବେହେରା ଦାୟିତ୍ୱ ତୁଲାଇ ଥିଲେ । ଏହି ମ୍ୟାଚ ଅବସରରେ ଅତିଥି ଭାବରେ ବିଡ଼ିଓ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେ, ଏନ ଏ ସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳ ର ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଂସଦର ସମ୍ପାଦକ ରଞ୍ଜନ ମହାକୁଡ଼, ଟୁର୍ଣ୍ଣାମେଣ୍ଟର ସମ୍ପାଦକ ପୂର୍ବତନ ଏନ ଏ ସି ଅଧକ୍ଷ ସନ୍ତୋଷ କୁମାର ହୋତା (ଶଙ୍କର ଭାଇ ) ପ୍ରାଣ ନାଥ ପଟ୍ଟନାୟକ, ଦିଲ୍ଲୀପ ରାଉତ, ପ୍ରିୟରଞ୍ଜନ ସେଠୀ, ଅନ୍ତର୍ଯ୍ୟାମୀ ନାଏକ, ସୁବ୍ରତ ବେହେରା,ସିଲୁ ପ୍ରଧାନ, ଦୀପକ ବାରିକଙ୍କ ସମେତ ଆଠମଲ୍ଲିକ କ୍ରୀଡା ସଂସଦ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ କୁଚିଣ୍ଡା ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଲୋକ ବାକି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ପଦ୍ମଶ୍ରୀ ପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଲେ ରୋହିତ

ନୂଆଦିଲ୍ଲୀ, ୩।୨(ଏଜେନ୍ସି) : ଭାରତୀୟ କ୍ରିକେଟ୍‌ର ରୋହିତ ଶର୍ମାଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପଦ୍ମଶ୍ରୀ ସମ୍ମାନ ମିଳିଛି ।ଯାହାକୁ ନେଇ ସେ ଖୁସିବ୍ୟକ୍ତ କରିଛନ୍ତି । ୨୦୦୭ ମସିହାରେ ରୋହିତ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ । ଗତ ୧୯ ବର୍ଷ ଧରି ସେ ଭାରତକୁ ପ୍ରତିନିଧିତ୍ୱ କରୁଛନ୍ତି । ତାଙ୍କ ନେତୃତ୍ୱରେ ଭାରତ ଦୁଇଟି ଆଇସିସି ଟ୍ରଫି ଜିତିଛି । ପଦ୍ମଶ୍ରୀ ମିଳିବା ପରେ ସେ ଖୁବ୍ ଆନନ୍ଦିତ ହୋଇ କହିଛନ୍ତି, ଭାରତ ସରକାରଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛନ୍ତି । ଏହା ତାଙ୍କ ପାଇଁ ଏବଂ ପରିବାର ଖୁବ୍ ସ୍ମରଣୀୟ ମୁହୂର୍ତ୍ତ । ଦେଶ ପାଇଁ ମ୍ୟାଚ ଏବଂ ଟ୍ରଫି ଜିତିବାକୁ ସବୁବେଳେ ଅଗ୍ରାଧିକାର ଦେଇଥାନ୍ତି ରୋହିତ । ସେ ଭାରତର ଅନ୍ୟତମ ସଫଳ ଅଧିନାୟକ । ୨୦୨୪ ରେ ଆଇସିସି ଟି -୨୦ ବିଶ୍ୱକପ ଜିତାଇଥିଲେ । ଏହା ପରେ ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା । ୨୦୨୩ ବିଶ୍ୱ କପ୍ ଫାଇନାଲରେ ସେ ଟିମ୍ ଇଣ୍ଡିଆକୁ ପହଞ୍ଚାଇଥିଲେ ।



ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.EState, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି